# ଓଡ଼ିଆ
# ଶିଶୁସଂଗୀତ ସଂକଳନ

ସଂକଳକ :
ଶ୍ରୀ ରାମକୃଷ୍ଣ ନନ୍ଦ

ଓଡ଼ିଶା ସାହିତ୍ୟ ଏକାଡ଼େମୀ

# ଓଡ଼ିଆ
# ଶିଶୁସଂଗୀତ ସଂକଳନ

ସଂକଳକ :

ଶ୍ରୀ ରାମକୃଷ୍ଣ ନନ୍ଦ

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର-୧୪

ଓଡ଼ିଆ ଶିଶୁସଂଗୀତ ସଂକଳନ

ସଂକଳକ : ଶ୍ରୀ ରାମକୃଷ୍ଣ ନନ୍ଦ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

ମୁଦ୍ରଣ : କୋଣାର୍କ ପ୍ରିଣ୍ଟର୍ସ
ଖଟବିନ୍‌ସାହି, କଟକ-୮

ପ୍ରଥମ ପ୍ରକାଶ : ୧୯୮୪—୧,୦୦୦

ମୂଲ୍ୟ : ଅଠର ଟଙ୍କା

**ORIYA SHISHUSANGEETA SANKALANA**

Compiled by : **Shri Ramakrushna Nanda**

Published by : **Orissa Sahitya Akademi**
Bhubaneswar-14

Printed at : Konark Printers
Khatbinsahi, Cuttack-8

First Edition : **1984—1,000**

Price : **Eighteen Rupees**

# ଗ୍ରନ୍ଥପ୍ରବେଶ

ବାଲ୍ମୀକି ଓ କାଳିଦାସଙ୍କ ପରେ ଭାରତୀୟ କାବ୍ୟପରଂପରାର ତୃତୀୟ ମହାନ୍ କବି ରବୀନ୍ଦ୍ରନାଥ ଖ୍ରୀ: ୧୮୯୩ରେ (ସନ ୧୩୦୧ ସାଲ) ଲିଖିତ 'ଛେଲେ-ଭୁଲାନୋ ଛଡ଼ା' ଶୀର୍ଷକ ନିଜର ଏକ ପ୍ରବଂଧରେ କହିଛନ୍ତି—"ପ୍ରାଚୀନ ଋଗ୍‌ବେଦ ଇନ୍ଦ୍ର-ଚନ୍ଦ୍ର-ବରୁଣଙ୍କର ସ୍ତବଗାନ ଉପଲକ୍ଷରେ ରଚିତ—କିନ୍ତୁ, ମାତୃ ହୃଦୟର ଯୁଗଳଦେବତା ଖୋକାଖୁକୁଙ୍କ ସ୍ତବ ମଧ୍ୟରୁ ହିଁ 'ଛଡ଼ା'ର ହୋଇଛି ଉତ୍ପତ୍ତି । ପ୍ରାଚୀନତା ଦୃଷ୍ଟିରୁ କୌଣସିଟି ନ୍ୟୂନ ନୁହେଁ । କାରଣ, 'ଛଡ଼ା'ର ପୁରାତନତ୍ୱ ଐତିହାସିକ ପୁରାତନତ୍ୱ ନୁହେଁ, ତାହା ସହଜାତ । ଆପଣାର ଆଦିମ ସରଳତାଗୁଣ ହେତୁ ତାହା ମାନବ-ରଚନାର ସର୍ବପ୍ରଥମ ସୃଷ୍ଟି ।" ଏଇ 'ଛଡ଼ା'ଗୁଡ଼ିକ ହିଁ 'ଶିଶୁସଂଗୀତ' ବା 'ନାନାବାୟା ଗୀତ' ନାମରେ ଆମ ଭାଷାରେ ପରିଚିତ । ଇଂରାଜୀରେ ଏହାର ନାମ ହେଉଛି 'Nursery Songs' ବା 'Nursery Rhymes' । ସହଜ, ସ୍ୱାଭାବିକ କାବ୍ୟରସ ହିଁ ଏହାର ପ୍ରାଣ—ତେଣୁ ସ୍ୱଭାବତଃ କେବଳ ଶିଶୁ ନିକଟରେ ନୁହେଁ, ବୟସ୍କ ନିକଟରେ ମଧ୍ୟ ଏହାର ଆବେଦନ ଆଦରଣୀୟ ଓ ଆକର୍ଷଣୀୟ । ମନୁଷ୍ୟ ଯେତେ ବୟସ୍କ ବା ପ୍ରୌଢ଼ ହେଉନା କାହିଁକି ତା' ପ୍ରାଣର ନିଭୃତତମ ପ୍ରଦେଶରେ ଏକ ଆଦିମ ସୁକୁମାର ଶିଶୁ ସର୍ବଦା ପ୍ରଚ୍ଛନ୍ନ ବା ସଂଗୁପ୍ତ ଭାବରେ ସଂଜୀବିତ । ସେଇଥିପାଇଁ ତ ଶିଶୁଟିଏ ଦେଖିଲେ, ତା' ସହିତ ମିଳାମିଶା କଲେ ବା ତାଆର ମୃଦୁ ମଧୁର ଓ ଅବୋଧ୍ୟ ଭାଷା-ଭାବ ସହିତ ସଖ୍ୟ ସ୍ଥାପନ କଲେ ସେ ଫେରିପାଇଥାଏ ଆପଣାର ଅତୀତ—ଆବିଷ୍କାର କରିଥାଏ ନିଜର ଅତିକ୍ରାନ୍ତ ଏକଦା ଶିଶୁମୂର୍ତ୍ତିର ଅନାବିଳ ମାଧୁରୀ । 'ମୁହିଁ ଦିନେ ଶିଶୁଥିଲିଁ ମନେ ପଡ଼ଇ ମୋର'—

# ସୂଚୀ

## ପୂର୍ବାଭାସ


ଲୋକଗୀତ—ଶିଶୁ ସଙ୍ଗୀତର ପ୍ରକାର ଭେଦ ଓ ବର୍ଗୀକରଣ—ପାଠରେ ଭିନ୍ନତା—ଇତିହାସର ଅମୂଲ୍ୟ ସମ୍ପଦ—ଖେଳ କୌତୁକ ଗୀତ—ଶିକ୍ଷା ଗୀତ—ଓଡ଼ିଶାର ଉପାନ୍ତ ଅଞ୍ଚଳର ଗୀତ— ନାନାବାୟା ଗୀତର ଛନ୍ଦ—ଆଧୁନିକ ଶିଶୁ ସଙ୍ଗୀତ—ନାନାବାୟା ଗୀତରେ ହାସ୍ୟରସ—ଓଡ଼ିଆ ଶିଶୁ ସଙ୍ଗୀତର ଭବିଷ୍ୟତ— ଉପସଂହାର ।


## ପ୍ରଥମ ଭାଗ

### ପ୍ରାଚୀନ ନାନାବାୟା ଗୀତ


| | |
|---|---|
| ୧. ଗେଲ କରିବା, ଝୁଲାଇବା ଓ ନଚାଇବା ଗୀତ | ୧ |
| ୨. କାନ୍ଦୁଥିଲେ ବୁଝାଇବା ଗୀତ | ୧୫ |
| ୩. ଖୁଆଇବା ଗୀତ | ୨୯ |
| ୪. ଶୁଆଇବା ଗୀତ | ୩୫ |
| ୫. ଖେଳ କୌତୁକ ଗୀତ | ୪୭ |
| ୬. ଶିକ୍ଷା ଗୀତ ଓ କଥାଣୀ | ୭୧ |
| ୭. ଢଗଢ଼ | ୭୯ |

# ପ୍ରଥମ ଧାଡ଼ିର ବର୍ଣ୍ଣାନୁକ୍ରମିକ ସୂଚୀ


| | ପୃଷ୍ଠା |
|---|---|
| ଅକଲ ମକଲ ଚଇକ ଚକଲ | ୬୨ |
| ଅକଲ ମକଲ ଠକଲ ଠାଇଁ··· | ୫୦ |
| ଅକଲ ମକଲ ଠକଲ ଠିଆ··· | ୫୮ |
| ଅକା ମକା ତିନି ଲେକା··· | ୮୮ |
| ଅଞ୍ଜୁ ମଞ୍ଜୁ ସଞ୍ଜୁ··· | ୫୯ |
| ଅଠର ମଠର କାଉଁରିଆ ·· | ୬୬ |
| ଅରଗଡ଼ ମରଗଡ଼ (୧) ··· | ୪୯ |
| ଅରଗଡ଼ ମରଗଡ଼ (୨) ··· | ୪୯ |
| ଅରଟ ଗାଇଁ ଗୁଲିଁ ଲୋ ବୁଢ଼ୀ··· | ୮୭ |
| ଅଲ୍ ମଲ୍ ଢିଙ୍କି ଢଲ୍··· | ୫୯ |
| ଆ' ଆ' ରେ କୋକମୁନ··· | ୪୫ |
| ଆ' ଆ' ରେ ଜହ୍ନମାମୁ··· | ୨୨ |
| ଆ' ଆ' ରେ ଜହ୍ନମାମୁ··· | ୨୪ |
| ଆଇ ଆଇ ରେ କଜଳପାଖି··· | ୧୭ |
| ଆଇକମ୍ ବାଇକମ୍··· | ୬୧ |
| ଆଇତ ଆଇରେନଦମାଉସୀ··· | ୪୧ |
| ଆଇ ରେ ବାଇଆ ଖାଇବୁ··· | ୩୧ |
| ଆଏବୁ ଆଏବୁ ରେ ଜହ୍ନମାମୁ··· | ୨୪ |
| ଆକାଶରେ ମେଘ ଲୋ··· | ୬୭ |
| ଆଖି ନାହିଁ କାନ ନାହିଁ··· | ୫୨ |
| ଆ ଜହ୍ନମାମୁ ସରଗଶଶୀ(୧)··· | ୨୨ |
| ଆ ଜହ୍ନମାମୁ ସରଗଶଶୀ(୨)··· | ୨୩ |
| ଆ ଜହ୍ନମାମୁ ଶରଦ ଶଶୀ··· | ୩୨ |
| ଆନଅ। ମାଆ ଲୋ ·· | ୨୬ |
| ଆପଟ ବାପଟ କାନ ମଡ଼କା··· | ୬୧ |
| ଆଟବାର କରେ ବୋର··· | ୯୨ |
| ଆମ କୁନା ବାବୁ ବନେ··· | ୨୧ |
| ଆମ୍ବ ପାଚେ ପଣସ ପାଚେ··· | ୧୪ |
| ଆସୁରେ ଆସୁ ଚେତାବଣି··· | ୧୮ |
| ଆ' ରେ ଆ'ରେ ଜହ୍ନମାମୁ··· | ୨୨ |
| ଆ' ରେ ବାଇଆ ଆ··· | ୯୧ |
| ଆସ ରେ ଜହ୍ନମାମୁ··· | ୩୧ |
| ଆସରେ ପିଲାଏ କଥା କହିବା··· | ୭୬ |
| ଆସ ରେ ପିଲାଏ ଜାମୁଟକାଳି··· | ୮୨ |
| ଆସ ରେ ପିଲେ ବଣକୁ ଯିବା··· | ୯୫ |
| ଆସ ଲୋ କବଝି··· | ୮୮ |
| ଆସିଲାଣି ମେଘ··· | ୮୨ |
| ଇକନ୍ ମିକନ୍ ଚୁଇଁକ ଠକନ୍··· | ୫୩ |
| ଇଅଡ଼ ମିଅଡ଼··· | ୬୨ |
| ଇଚର ମିଚର··· | ୧ ୫ |
| ଇଟିକଲ ମିଟିକଲ··· | ୫୭ |
| ଇଟିଲ ମିଟିଲ··· | ୫୮ |

| | ପୃଷ୍ଠା |
|---|---|
| ଉଲି ମିଲି ଖିଲିକାଣ୍ଡି··· | ୧୦ |
| ଉଦୁ ଉଦୁମା ତାଳଗୋଠମା··· | ୫୬ |
| ଏଉଠି ମୋ ଧନ ଛ··· | ୬ |
| ଏକ ଚଗ ଦୁଇ ଚଗା (୧) ·· | ୫୧ |
| ଏକ ଚଗ ଦୁଇ ଚଗ (୨)··· | ୬୧ |
| ଏକଚଗ ଦୁଇଚଗ ତିନି ଚଗ · | ୫୦ |
| ଏକ ଚଗ ଖଇ ଦୁଇ ଚଗା··· | ୬୦ |
| ଏକ ଚଗ ଗଣ୍ଡା ପାଞ୍ଚକପଇ | ୫୧ |
| ଏକଚଗା ମଣିଷମଧ୍ୟ ····· | ୫୨ |
| ଏକ ଦୁଇ ତିନି ଗୃହି··· | ୨୪ |
| ଏକନ୍ ଦୋକନ୍··· | ୫୬ |
| ଏକ ପୁତ ଦୁଇ ସଙ୍ଗାତ··· | ୨୩ |
| ଏକ ବଳେଇ ଲାଙ୍ଗୁଡ଼ି ଯେନ··· | ୨୪ |
| ଏକମା ଦୁକମା ତିନକେ ବାଡ଼ି | ୬୦ |
| ଏକ ଫୁଲ ସେକ ଫୁଲ··· | ୮୬ |
| ଏକେ ଡାଉଁ ମେକେ ଡାଉଁ··· | ୫୦ |
| ଏତେ ଏତେ ପାଣି··· | ୬୩ |
| କଇଁଥି କାକୁଡ଼ି ନଳିତାପିଠା··· | ୬ |
| କ କ କାଳିନ୍ଦୀ ଖିରେ··· | ୨୩ |
| କକରବାଇରେ କକରବାଇ | ୪୩ |
| କକରମିନାରେ ବାଇଚଢ଼େଇ | ୪୨ |
| କଖାରୁ ଫୁଲ ଫୁଟିଲା ·· | ୯୬ |
| କଥାଟିଏ କହୁ··· | ୨୫ |
| କଦଳୀଗଛରେ କୁଆମଇତା | ୨୬ |
| କଲିକବଟାରେ କାଲିକବଟା · | ୩୧ |
| କଳା ନାଇଦେବ ·· | ୨୪ |
| କାଇଁଚ କେରିଏ ଧଉଁ··· | ୧୨ |
| କାଉ କାଉଁରେ ·· | ୩୪ |
| କାଉ ମେଞ୍ଚି କାଉ ମେଞ୍ଚି··· | ୩୨ |
| କାଉ ରେ କାଉ··· | ୯୨ |
| କାଠିଗଲି ଉହ୍ଣକ ଉଡୁମେର··· | ୯ |
| କାଟିକି କାଠି ପବନ କାଠି··· | ୬୧ |
| କାନ୍ଦନା କାନ୍ଦନା କଳାମାଣିକ | ୨୩ |
| କାନ୍ଦୁଲି ବାଡ଼ିକି ଯାଏ··· | ୫୮ |
| କାର୍ତ୍ତିକ ଶୀତ କରେ ଗଣ୍ଡିକା ·· | ୨୪ |
| କାହିଁକି କାନ୍ଦୁରେ ·· | ୨୫ |
| କଆ ବନେ ବନେ ଲୋ ·· | ୯୭ |

| | ପୃଷ୍ଠା |
|---|---|
| କଏ ମାଇଲାରେ କଏ ଧଇଲା(୧) | ୮ |
| କଏ ମାଇଲାରେ କଏ ଧଇଲା(୨) | ୮ |
| କଏ ସେ ମାରିଲା କଏ ଗାଳିଦେଲା | ୯ |
| କୁଆ କେମିତି ବେଙ୍ଗ ନିଏ ... | ୮ |
| କୁଆ ମୋର ବେଙ୍ଗକୁ ନେଲା ... | ୮ |
| କୁଉ କୁଉ କଜଳ ... | ୨୩ |
| କୁଉ କୁଉ କୁଁ କୁଁ ... | ୨୪ |
| କୁକୁଡ଼ା ନଖାଏ ଖୁଦ ... | ୩୨ |
| କୁନା ଆଉ କାନ୍ଦ ନାହିଁରେ ... | ୨୫ |
| କୁନିଙ୍କ ଶୋଇଦେ ମା' ... | ୩୯ |
| କୁନି ବାହା ହେବ ଆଳରେ ... | ୨୭ |
| କୁନୁ ମୁନି ପଢ଼ ଶୋଇ ...... | ୪୫ |
| କୁନୁ ମୁନୁ ବାଇଆ ... | ୮୫ |
| କୁଅ ମୂଳ ଦଉଡ଼ି ... | ୬୧ |
| କେରାଣ୍ଡି ମାଛର କାଣ୍ଟ ... | ୨୦ |
| କୋଇଲି କୁ କେଇଲି ... | ୫୮ |
| କୋକବାଘୁ ନନା ରେ ... | ୩୮ |
| ଗଡ଼ଆର ଗୃଣିପାଖେ ... | ୮୩ |
| ଗହମ ଚଳେଇଦେଲି ... | ୮୭ |
| ଗାଈ ଚରିଗଲେ ହୁଡ଼ ହୁଡ଼କା ... | ୮୫ |
| ଗିଲି ଗିଲି ଗୁଣ୍ଡି ... | ୩୧ |
| ଗୁଆ ଗଛ ଧାଡ଼ିକ ଧାଡ଼ି ... | ୫୯ |
| ଗୁଗୁ ଗୁଗୁ ପାଞ୍ଚ .. | ୫୪ |
| ଗୁଗୁପାଞ୍ଚ, ଗୁଗୁପାଞ୍ଚ ... | ୫୫ |
| ଘୋର ନିଶା ଗରଜେ ... | ୪୨ |
| ଚକାଚକା ଭଉଁରି (୧) ... | ୫୬ |
| ଚକା ଚକା ଭଉଁରି(୨) ... | ୬୨ |
| ଚକା ଚକା ଭଉଁରି(୩) ... | ୬୮ |
| ଚୁଇଁ ଚୁଇଁ ମୁଠି ... | ୯୩ |
| ଚୁଲୁଣି ଚଳଉଁ ଚଳଉଁ .. | ୮୭ |
| ଛଠାକୁ ଛଠା ... | ୯୧ |
| ଛୁଲେ ଲିଲି ... | ୬୩ |
| ଜଗ ଜଗ ନାଗି ... | ୫୨ |
| ଜହ୍ନ ପାଖେ ପାଖେ ତରା | ୯୮ |
| ଜହ୍ନି ଫୁଲ ଠୋ ଠା | ୫୪ |
| ଝୁଲ୍ ପଣ୍ଡା ଝୁଲ୍ ପଣ୍ଡା | ୮ |
| ଝୁଲ୍ ରେ ହାତୀ ଝୁଲ୍ | ୯ |

| | ପୃଷ୍ଠା | | ପୃଷ୍ଠା |
|---|---|---|---|
| ଝୁଲୁ ଝାଙ୍ଗ ଝୁଲୁ ଝାଙ୍ଗ··· | ୫ | ଦୁଲି ତଳେ ଗଲା ଜନ୍ଦା··· | ୬୬ |
| ଟିକି ଟିକି ଚଢ଼େଇମାନେ ·· | ୯୩ | ଦେ ଧେଇକି ନାଚ··· | ୧୪ |
| ଟିକି ଟିକି ଧାନ ଓଲଟବେଣୀ·· | ୮୯ | ଦୋଳି କରେ ରଟମଟ ··· | ୬୮ |
| ଟିକି ଟିକି ଧାନ ଶହେଭରଣ ·· | ୮୪ | ଦୋଳି ତ ଦୋଳି ପବନଦୋଳି | ୧୦ |
| ଠୁକୁ ମୁଷିରେ ଠୁକେଇମୁଷି··· | ୫୩ | ଧାନ କୁଟିବୁ ରେ ବଗ ·· | ୫୬ |
| ଡାମଦାକାଉ ରେ ଡାମଦାକାଉ···| ୮୯ | ଧୋଓ ରେ ବାପୁା ଧୋ | ୪୬କ |
| ଡବ ଡବ ବାଜେ··· | ୯ | ଧୋ ବାଇ ରେ ଧୋ ବାଇ(୧) | ୩୨ |
| ଡେଇଁ ଡେଇଁ ଗଲା ବଣି··· | ୬୬ | ଧୋ ବାଇ ରେ ଧୋ ବାଇ(୨) | ୪୩ |
| ତାଇ ତାଇ ତାଇ (୧)··· | ୧୨ | ଧୋ ରେ ବାଇଆ ଧୋ (୧)··· | ୪୧ |
| ତାଇ ତାଇ ତାଇ (୨)··· | ୩୪ | ଧୋ ରେ ବାଇଆ ଧୋ (୨)··· | ୪୪ |
| ତାକ୍ ଧିନା ଧିନ୍ (୧)··· | ୬ | ନଈ ତଳେ ତଳେ କିଏ ଯାଉଛି | ୯୪ |
| ତାକ୍ ଧିନା ଧିନ (୨)··· | ୧୦ | ନ କାନ୍ଦ ନ କାନ୍ଦ ରେ··· | ୨୫ |
| ତାକ୍ ବଦନ ଥୈୟା··· | ୧୧ | ନଡ଼ିଆର ଝଣ୍ଟି ··· | ୩୩ |
| ତା ଥେଇକି ତା ଥେଇକି··· | ୬ | ନାଇଁ କାନ୍ଦନାରେ ବାପ ମୋ ·· | ୨୧ |
| ତାଳି ତାଳି ବନମାଳୀ ·· | ୫ | ନାଇଁ ନାଇଁ ରେ ଧନମାଳି··· | ୩୯ |
| ତୁ ମୋ କଳାକାଇଁର ·· | ୧୨ | ନାଚ ନାଚ କେତେ ଝାଳ | ୧୩ |
| ତୋ ରୋ ରେ ରେ··· | ୩୮ | ନାନାବାପୁା ଡାନା ରେ | ୮୧ |
| ଥୋଲ୍ ଥନ୍ତଲପେଟା··· | ୯୧ | ନାନାବାପୁା ଧର ରେ | ୮୯ |
| ଦଶ କୋଡ଼ିଏ ଆଡ଼ ମୁଡ଼ି··· | ୬୦ | ନାହିଁ ଲୋ ନାହିଁ | ୪୨ |

| | ପୃଷ୍ଠା |
|---|---|
| ନିଦ ଘର ପୁଇ ରେ | ୩୯ |
| ନିଦମାଉସୀ ନିଦମାଉସୀ | ୪୬କ |
| ନିଦମାଉସୀ ଲୋ ନିଦମାଉସୀ(୧) | ୪୪ |
| ନିଦମାଉସୀ ରେ ନିଦମାଉସୀ | ୩୮ |
| ନେ ବଳଦ ଝାଣିଝୁଣି | ୩୨ |
| ପାଚିଲା ଅମ୍ବରୁ ପାଳେ | ୮୫ |
| ପାଚେ ପାଚେ ରେ | ୨୩ |
| ପାଠ ପଢ଼ିବ | ୭୫ |
| ପାଠ ପଢ଼ିବୁ ଲୁ | ୧୪ |
| ପିତା ଶାଗ ବୁଦ ବୁଦ | ୮୫ |
| ପୁଞ୍ଝ ଲୋ ପୁଞ୍ଝ ଯା | ୬୪ |
| ପୁଞ୍ଝ ଲୋ ପୁଞ୍ଝ ଲୋ | ୭୫ |
| ପେଗୁରେ ପେଗୁ | ୫୩ |
| ଫିକ ଦାଅରେ | ୫୩ |
| ବଗ ଯାଇଥିଲା ବଗ ବଣକୁ | ୨୦ |
| ବଗୁଲି କାନ୍ଦନା ଲୋ | ୨୭ |
| ବନା ମା ତା ଧେଇକ | ୬ |
| ବାଇଆ ଫେର ଯା ରେ | ୪୬ଖ |
| ବାଇଆ ମା ଯେ ନ ଖାଏ ଖୁଦ | ୮୧ |
| ବାଇଚଢ଼େଇ ତୁ ନ କର ଗୋଳ | ୧୧ |
| ବାଇଚଢ଼େଇ ରେ ବାଇଚଢ଼େଇ(୧) | ୭ |
| ବାଇଚଢ଼େଇରେ ବାଇଚଢ଼େଇ(୨) | ୧୦ |
| ବାଇଚଢ଼େଇ ରେ ବାଇଚଢ଼େଇ(୩) | ୨୦ |
| ବାଇଚଢ଼େଇରେ ବାଇଚଢ଼େଇ(୪) | ୯୨ |
| ବାଇଧର ମଣି ବାଇଧର ମଣି | ୯୨ |
| ବାଇମୁଣ୍ଡ ବାଇମୁଣ୍ଡ | ୮ |
| ବାପଧନ ଦସ୍ୟୁନିଧି | ୯୧ |
| ବାପାକୁ ମୋର କିଏ ମାଇଲା | ୧୯ |
| ବାଘ ପାଣି ପିଏ | ୫୯ |
| ବାପୁ ଚଢ଼େଇ ରେ ବାପୁ ଚଢ଼େଇ | ୪୬କ |
| ବିଲୁଆନନା ରେ ବିଲୁଆନନା | ୩୭ |
| ବେଙ୍ଗୁଲି ବେଙ୍ଗୁଲି ପାଣି ଦେ | ୭ |
| ବେଙ୍ଗୁଲି ବେଙ୍ଗୁଲି ମାଉସୀ ମଲା | ୯୪ |
| ମେଘ ବରଷିଲା ଝପର ଝପର | ୮୭ |
| ମେଘ ବରଷିଲ ଝୁପୁରୁ ଝୁପୁରୁ | ୮୨ |
| ମୋ କଥାଟି ସରିଲା | ୭୭ |
| ମୋ କୁନି କାନ୍ଦନା ଲୋ | ୧୯ |
| ମୋ କୁନିକି କିଏ | ୧୭ |
| ମୋ କୃଷ୍ଣ ନାଚୁଥିବ | ୧୨ |
| ମୋ ଧନପର କିଏ ହବ ରେ | ୭ |
| ମୋ ପେଏଁ କାଳି ବାଜେ | ୫୭ |

| | ପୃଷ୍ଠା |
|---|---|
| ମୋର ଗଣ୍ଡି ଧନ... | ୪୨ |
| ମୋର ଧନ ଶୁଇ ପଡ଼ିଲା... | ୪୦ |
| ମୋ ହେଲି ଦେଖ ମୋ ଗେଲି ଦେଖ... | ୯୫ |
| ଯେଉଁ ଡାଳେ କୁଇଲି ବସେ | ୩୩ |
| ରଜା ଘୋ ରାଉତିଆ . | ୮୪ |
| ହୋ ହୋ ହୋ... | ୩୩ |
| ସବୁ ପିଲାଏ ତ ଖେଳି ଅଇଲେ | ୫୭ |
| ସାତ ତାଳ ପାଣି... | ୮୩ |
| ଶଂଖଚିଲ ମହାବଳ... | ୮୨ |
| ଖୁଟିଲି ପାନକୁ ଗୁଟିଲି ଚୂନ | ୯୩ |

| | ପୃଷ୍ଠା |
|---|---|
| ଶୋଇପଡ଼ ଶୋଇପଡ଼... | ୪୫ |
| ଶୋଇପଡ଼ କୁନା ଶୋଇପଡ଼ | ୩୭ |
| ଶୋଇପଡ଼ରେ ବାଇଆ ମୋର | ୩୭ |
| ଶୋଇପଡ଼ରେ ଧନ... | ୪୩ |
| ଶୋଇଯା ଶୋଇଯା... | ୪୩ |
| ହାଣ୍ଡି ଫୁଲୁଚି ରେ... | ୧୩ |
| ହାଣ୍ଡି କାଳିଆ (୧)... | ୮ |
| ହାଣ୍ଡି କାଳିଆ (୨)... | ୯୫ |
| ହୁଟେଣ୍ଡି ବାଲସ୍କୋପ୍ ... | ୫୭ |
| ହା ଗୋ ମୂନା କାଉ କାଉ | ୪୭ |

# ତୃତୀୟ ଭାଗ

## ଆଧୁନିକ ନାନାବାୟା ଗୀତ

## ସୂଚୀ


| | ପୃଷ୍ଠା |
|---|---|
| ୧ । ଗୋପାଳଚନ୍ଦ୍ର ପ୍ରହରାଜ (୧୮୭୪—୧୯୪୫) | |
| ଝୁଲ୍ ହାତୀ ଝୁଲ୍... | ୯୯ |
| ବାୟା ମା... | ୧୦୧ |
| ଝୁଲୁ ମୂଷି... | ୧୦୨ |
| ବେଙ୍ଗୁଲି ନାନୀ... | ୧୦୩ |
| ୨ । ନନ୍ଦକିଶୋର ବଳ (୧୮୭୫—୧୯୨୮) | |
| ବାୟା ଚଢ଼େଇ... | ୧୦୫ |
| ଚୁଟିଆ ମୂଷା... | ୧୦୬ |
| ହୋଓ ରେ ବାଇଆ ହୋଓ .. | ୧୦୭ |
| ନଦମାଉସୀ... | ୧୦୮ |
| ବେଙ୍ଗୁଲି ରାଣୀ | ୧୦୯ |
| ୩ । ନୀଳକଣ୍ଠ ଦାସ (୧୮୮୪—୧୯୬୭) | |
| ମୋ ରଜା... | ୧୧୨ |
| ଜହ୍ନମାମୁ | ୧୧୪ |
| ୪ । ଗୋଦାବରୀଶ ମିଶ୍ର (୧୮୮୬—୧୯୫୬) | |
| ଭୁଆ ହୁଅ... | ୧୧୫ |
| ୫ । ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮—୧୯୫୩) | |
| ଆ ଜହ୍ନମାମୁ... | ୧୧୬ |
| ୬ । ମଦନମୋହନ ପଟ୍ଟନାୟକ (୧୮୯୦—୧୯୬୭) | |
| ଚକା ଚକା ଭଉଁରୀ... | ୧୧୭ |

୭ । ଚନ୍ଦ୍ରଧର ମହାପାତ୍ର (୧୮୯୫—୧୯୬୬)

ଆବୁ-ତାବୁ··· ୧୧୮

ଖଗ ମା··· ୧୧୯

ଧାଇଁ ଗୁଡ଼ୁ ଗୁଡ଼ୁ··· ୧୧୯

୮ । କାଳୀଚରଣ ପଟ୍ଟନାୟକ (୧୮୯୭—୧୯୭୮)

ବାଇଆ ହାଣ୍ଡି··· ୧୨୦

ଆ ଜହ୍ନମାମୁ··· ୧୨୦

ଧୋ'ରେ ବାଇଆ ଧୋ'··· ୧୨୧

ଚଡ଼ବାହା ତୋର ସାହା··· ୧୨୨

୯ । ଚନ୍ଦ୍ରଶେଖର ମିଶ୍ର (୧୯୦୦— )

ଶିଶୁର ଶୟନ ସଙ୍ଗୀତ··· ୧୨୩

୧୦ । ଲୋକନାଥ ପଟ୍ଟନାୟକ (୧୯୦୦—୧୯୬୫)

ମୋର ସୁନାପୁଅ ରେ··· ୧୨୪

୧୧ । ରଘୁନାଥ ମହାନ୍ତ (୧୯୦୦— )

ପୁଅ ଖେଳାଇବା ଗୀତ··· ୧୨୫

୧୨ । ଉପେନ୍ଦ୍ର ତ୍ରିପାଠୀ (୧୯୦୩— )

ମା'ର ଶିଶୁଶୁଆ ଗୀତ··· ୧୨୬

ଟୁଉକୁ ମୂଷି ଗୀତ··· ୧୨୭

ବାଇଚଢ଼େଇ··· ୧୨୮

ଗା' ଲୋ ବେଙ୍ଗୁଲି ଗା' ୧୨୯

୧୩ । ଉଦୟନାଥ ଷଡ଼ଙ୍ଗୀ (୧୯୦୫— )

ଚକା ଚକା ଭଉଁରୀ··· ୧୩୧

ବାଇଚଢ଼େଇ··· ୧୩୧

ରାତି ପାହିଲା··· ୧୩୨

୧୪ । ରାମକୃଷ୍ଣ ନନ୍ଦ (୧୯୦୭— )
ଟକା ଟକା ଭଉଁରୀ··· ୧୩୪
ହାତୀ ନେ, ଘୋଡ଼ା ନେ··· ୧୩୪
ଆସନ୍ତା ମାସର ପହିଲି··· ୧୩୬
ଚୁଟିଆ ମୂଷାର ଗୃହର··· ୧୩୬

୧୫ । ଅନନ୍ତ ପଟ୍ଟନାୟକ (୧୯୧୦— )
ହୋଓ ରେ ବାଇଆ ହୋ··· ୧୩୭

୧୬ । ନିତ୍ୟାନନ୍ଦ ମହାପାତ୍ର (୧୯୧୨— )
ନାନାବାଇ ··· ୧୩୯

୧୭ । କୁଞ୍ଜବିହାରୀ ଦାଶ (୧୯୧୪ — )
ଉଦୁଉଦୁମା··· ୧୪୧
କଳାକାହ୍ନୁ ମୋର ପଢ଼ିବ ଶୋଇ··· ୧୪୨

୧୮ । ଗୋପାଳଚନ୍ଦ୍ର ମିଶ୍ର (୧୯୨୫— )
ଗୋଧନ··· ୧୪୪

୧୯ । ରାମପ୍ରସାଦ ମହାନ୍ତି (୧୯୨୭— )
ମିନୁ ଆମର··· ୧୪୬
ଗୋଟିକ ଗୋଟି··· ୧୪୬
କାରିଗର ··· ୧୪୬
ପାକୋଇ ବୁଢ଼ୀ··· ୧୪୭
ଟିକି ଓ ନକି··· ୧୪୭
ଜାପାନ ଦେଶର ଲେଲି··· ୧୪୮

୨୦ । ନନ୍ଦପ୍ରିୟା ବିହାରୀ ମହାନ୍ତି (୧୯୩୧— )
କୁନିକି ଶୋଇଦେ··· ୧୪୯
ଉଠ ସକାଳ ହେଲା··· ୧୪୯

୨୧ । ସ୍ନେହଲତା ମହାନ୍ତି (୧୯୩୨— )
ଜାଇଆ ମାଆ ଲୋ ·· ୧୫୧

୨୨ । ନାରାୟଣ ପ୍ରସାଦ ସିଂହ (୧୯୩୩— )
କଇଁଚ କାକୁଡ଼ି ନଳିତା ପିଠା··· ୧୫୩
ଟୁଇକୁ ମୁଷି··· ୧୫୪

୨୩ । କ୍ଷୀରୋଦ ଚନ୍ଦ୍ର ପୋଥାଳ (୧୯୩୭— )
ବାଇଆ ରଜା ·· ୧୫୫
କଣ୍ଢେଇ ବାହାଘର··· ୧୫୬

୨୪ । ବରୁଣି ମଲ୍ଲିକ (୧୯୩୪— )
ଆରେ ଜହ୍ନମାମୁ ··· ୧୫୭

୨୫ । ନିରଞ୍ଜନ ବେହେରା (୧୯୩୯— )
ନିଦମାଉସୀ ୧୫୮

୨୬ । ଶ୍ରୀପତି ପାଣିଗ୍ରାହୀ (୧୯୪୦— )
ଲେଖା (ସମ୍ବଲପୁରୀ ଗୀତ) ୧୬୦

୨୭ । ପ୍ରସନ୍ନ କୁମାର ମିଶ୍ର (୧୯୪୧— )
ଝୁଇଁ ଝୁଇଁ ଯା··· ୧୬୧
ଉଠ୍ ଉଠ୍ ଉଠ୍··· ୧୬୨

୨୮ । ଗଣେଶ୍ୱର ମିଶ୍ର (୧୯୪୨— )
ଟିକି ରବିନ୍··· ୧୬୩
ଟିକି ଝିଅ ମଫ୍‌ପେଟ୍··· ୧୬୩

୨୯ । ଗୋପା ଦାସ (୧୯୪୯— )
ଧୋ ରେ ବାଇଆ ଧୋ ୧୬୪

୩୦ । ରାଜକିଶୋର ରାଜ (୧୯୫୪— )
ମୋ ଧନ ପଢ଼ିବ ଶୋଳ ·· ୧୬୬

୩୧ । ଅଜ୍ଞାତ···
ଚକା ଚକା ଭଉଁରୀ ୧୬୮

# ପୂର୍ବାଭାସ

ମାନବ-ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଥିଲା ପଲ୍ଲୀରେ । ପଲ୍ଲୀ-ପ୍ରକୃତିର ସରଳ ଶାନ୍ତିପ୍ରଦ କୋଳରେ ଆଦିମ ମନୁଷ୍ୟର ଜୀବନ-ଧାରା ବହି ଚାଲିଥିଲା କଳନାଦିନୀ ନିର୍ଝରିଣୀ ପରି । କିନ୍ତୁ ସେଥିରେ ସେ ତୃପ୍ତ ନ ହୋଇ ଖୋଜିଲା ଅଧିକ ସୁଖ, ଅଧିକ ସମ୍ପଦ । ପଲ୍ଲୀକୁ ଛାଡ଼ିଦେଇ ନିଜ ଜ୍ଞାନ ଓ କଳ୍ପନାର ସମସ୍ତ ସାମଗ୍ରୀକୁ ଠୁଳକରି ଗଢ଼ିଲା ସହର । ପୃଥିବୀର ସବୁ ଦେଶରେ ଏହି କ୍ରମରେ ଜନବସତି ଗଢ଼ିଉଠିଥିଲା—ଆଗ ପଲ୍ଲୀ, ପରେ ସହର । ସେଥିପାଇଁ କୁହାଯାଏ—ଭଗବାନଙ୍କ ସୃଷ୍ଟି ପଲ୍ଲୀ; ମନୁଷ୍ୟର ସୃଷ୍ଟି ସହର । ମାନବସଭ୍ୟତା ଯେତିକି ବିକାଶୋନ୍ମୁଖୀ ହୋଇଛି, ସହରସଂଖ୍ୟା ସେତେ ବଢ଼ିବାରେ ଲାଗିଛି । ଆଜିର ଶିଳ୍ପ ଓ ବିଜ୍ଞାନ ମନୁଷ୍ୟକୁ କରିଛି ଅଗ୍ରଦର୍ଶୀ; ସେ ପଛକୁ ଫେରିବାକୁ ଚାହେଁ ନା । ଅତୀତକୁ ପାଦରେ ଠେଲିଦେଇ ସେ ଆଗେଇ ଚାଲିଛି ତାର କଳ୍ପିତ ଅମରାବତୀର ସନ୍ଧାନରେ ।

କିନ୍ତୁ ମାନବସମାଜରୁ ପ୍ରାଚୀନତାର ଚିହ୍ନ ପୁରାପୁରି ଲିଭିଯିବା ଏତେ ସହଜ ନୁହେଁ । ପ୍ରତି ମନୁଷ୍ୟ ଦେହରେ ବହୁଛି ପୂର୍ବପୁରୁଷଙ୍କ ରକ୍ତ । ପରଂପରାର ଦାଗ ତା ମନରୁ ଲିଭିପାରୁନାହିଁ । ରକ୍ଷଣଶୀଳ ସମାଜପତିମାନେ ପଛକୁ ଫେରି ଚାହୁଁଛନ୍ତି—କେଡ଼େ ସରଳ ଥିଲା ମନୁଷ୍ୟର ଜୀବନ ! ସେମାନେ ଅତୀତର ଚଳଣିକୁ ବଞ୍ଚାଇରଖିବାକୁ ଚାହାଁନ୍ତି । ଧୋତି ଚାଦର, ଚିତା ମୁରୁଜ, ଶଙ୍ଖ ହୁଳହୁଳି, ଅଳତା ସିନ୍ଦୂର ଓ ଓଷାବ୍ରତର ମୋହ ସେମାନେ ଛାଡ଼ିପାରୁନାହାନ୍ତି । ଆଧୁନିକ ଯୁଗର ଆଚାର-ବିଚାର ସେମାନଙ୍କୁ ସୁଖ ଲାଗୁନାହିଁ । ଚିନ୍ତାଶୀଳ ମନୀଷୀମାନେ ଏ ସହରୀ ସଭ୍ୟତାର ପରିଣତି ଚିନ୍ତା କରି ମଧ୍ୟେ ମଧ୍ୟେ ଡାକ ଦେଉଛନ୍ତି —'ପଲ୍ଲୀକୁ ଫେରିଯାଅ'; କିନ୍ତୁ ଅଣଲେଉଟା ରୁକୁଣା-ରଥ ପରି ନୂତନ ସଭ୍ୟତା ଦୁର୍ବାର ଗତିରେ ଆଗକୁ ଆଗକୁ ମାଡ଼ିଚାଲିଛି ।

ଗତ ଶହେ ବର୍ଷ ଭିତରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ସାମାଜିକ ପରିସ୍ଥିତି ବିଶେଷ ରୂପେ ବୋହଲିଯାଇଛି । ଇଂରେଜ ଶାସନ, ପାଶ୍ଚାତ୍ୟ ଶିକ୍ଷା ଓ ବିଜ୍ଞାନର ବିକାଶ ଆମର ଚିନ୍ତା ଓ ରୁଚିକୁ ଅନେକ ବଦଳାଇ ଦେଇଛି । ପୁଅମାନେ ଧୋତି ଓ ଝିଅମାନେ ଅଳଙ୍କାର ଛାଡ଼ିଦେଉଛନ୍ତି । ଧର୍ମଧାରଣା ଓ ଈଶ୍ବରବିଶ୍ବାସ ବଦଳିଯାଉଛି । ଲୋକମାନଙ୍କ ବୃତ୍ତି ଓ ଜୀବନଧାରା କ୍ରମେ ଜଟିଳତର ହେଉଛି । କଳକବ୍‌ଜା ଘରେ ଘରେ ପ୍ରବେଶ କଲାଣି । ଛାପାକଳ ଓ ରେଡିଓ ଶିକ୍ଷାରାଜ୍ୟରେ ଆଣିଛି ବୈପ୍ଳବିକ ପରିବର୍ତ୍ତନ । ମନୁଷ୍ୟକୁ ଆଉ ପୂର୍ବପରି ଶୁଣି ଶୁଣି ମନେ ରଖିବାକୁ ପଡ଼ୁନାହିଁ । କ୍ୟାମେରା ଓ କମ୍ପ୍ୟୁଟର ତା ମସ୍ତିଷ୍କକୁ ଅମାପ ଶକ୍ତି ଯୋଗାଉଛନ୍ତି । ସବୁ ବିଦ୍ୟା, ସବୁ ଜ୍ଞାନ, ସବୁ ଭାବନା ଛାପି ହୋଇ ରହିଯାଉଛି କାଗଜ ଓ କାଳିରେ ।

## ଲୋକଗୀତ

ମୁଦ୍ରାଯନ୍ତ୍ର ଆସିବା ପୂର୍ବରୁ ପ୍ରତ୍ୟେକ ଭାଷାରେ ସାହିତ୍ୟ ବଞ୍ଚିରହିଥିଲା ଲୋକମୁଖରେ, ଗୀତ ଓ କାହାଣୀ ଆକାରରେ । ସହଜ ଓ ଲୋଭମାସ୍ଵ ଛାପା ବହିର ପ୍ରବଳ ବନ୍ୟାରେ ସେସବୁ ଲୋପପାଇବାକୁ ବସିଲା । ଓଡ଼ିଆରେ ମଧ୍ୟ ତାହାହିଁ ଘଟିଛି । କେତେକ ଚିନ୍ତାଶୀଳ ବ୍ୟକ୍ତି ପ୍ରାଚୀନ ସଂସ୍କୃତିର ସୁରକ୍ଷାରେ ଆଗ୍ରହୀ ହୋଇ ଏବେ ତାର ପୁନରୁଦ୍ଧାରରେ ବ୍ରତୀ ହୋଇଛନ୍ତି । ବୁଢ଼ାବୁଢ଼ୀଙ୍କ ସ୍ମୃତିରେ ଯେଉଁ ଟିକିକ ଥିଲା ତାକୁ ଗୋଟେଇ ଆଣି ସାଇତି ରଖିଛନ୍ତି । ଆଧୁନିକ ଶିକ୍ଷାପ୍ରାପ୍ତ ଯେଉଁ କେତେଜଣ କୃତବିଦ୍ୟ ବ୍ୟକ୍ତି ଏ ଦିଗରେ ଉଦ୍ୟମ କରିଛନ୍ତି, ସେମାନଙ୍କ ମଧ୍ୟରେ ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଚକ୍ରଧର ମହାପାତ୍ର ଓ କୁଞ୍ଜବିହାରୀ ଦାଶଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ପଲ୍ଲୀ-ସାହିତ୍ୟର ସମୃଦ୍ଧ ଭଣ୍ଡାର ମଧ୍ୟରେ ପଲ୍ଲୀଗୀତର ସମ୍ଭାର ଅତି ବିପୁଳ । ମାତ୍ର ଆମର ଏହି ସଂଗ୍ରହ ତାର କେବଳ ଗୋଟିଏ ମାତ୍ର ବିଭାଗ ଶିଶୁସଂଗୀତ ( Nursery Songs ) ଉପରେ ଆଧାରିତ । ଅନ୍ୟାନ୍ୟ ପଲ୍ଲୀଗୀତଠାରୁ ଏହାର ବିଶେଷତ୍ବ ଏହି ଯେ, ଯେଉଁମାନଙ୍କ ଉଦ୍ଦେଶ୍ୟରେ ଏଗୁଡ଼ିକ ରଚିତ ଏବଂ ଗୀତ ହୋଇଥାଏ, ସେମାନେ ପ୍ରାୟ

ତା'ର ଅର୍ଥ ବୁଝନ୍ତି ନାହିଁ । ବୁଝିବାର ବୟସ ସେମାନଙ୍କର ହୋଇ ନ ଥାଏ । ସେମାନେ ଯାହା କିଛି ବୁଝନ୍ତି, ଚକ୍ଷୁ ଓ କର୍ଣ୍ଣ ମାଧ୍ୟମରେ । ସେତିକିବେଳେ ସ୍ନେହମୟୀ ଜନନୀ, ବଡ଼ଭଉଣୀ ଓ ଜେଜେମାଆ ସେମାନଙ୍କୁ ଶୁଣାନ୍ତି ଚୁଉକୁ ମୁଷି ଓ ବାଇଚଢ଼େଇ ଗୀତ, ଆକାଶରେ ଦେଖାନ୍ତି ଜହ୍ନମାମୁ, ଡାକନ୍ତି କୋକମିନାକୁ । ସବୁଥିରେ ଥାଏ କଳ୍ପନାର କାରିଗରୀ ଓ ସଙ୍ଗୀତର ସମ୍ମୋହିନୀ ଶକ୍ତି । ନାରୀକଣ୍ଠର କୋମଳ ଗୀତଲହରୀ ଓ ହସ୍ତପଦର ସହଜ ଅଭିନୟ ଶିଶୁକୁ ମୁଗ୍‌ଧ କରେ । ଗୀତ ଶୁଣି ସେ ଅଳି ଅଝଟ ଭୁଲିଯାଏ, କାନ୍ଦୁଥିଲେ ତୁନି ହୋଇଯାଏ, କୋକମିନା ଗୀତ ଶୁଣି ଦୁଧଜଳକ ଚେନ କାନ୍ଦଏ । ଝୁଲୁହାଣ୍ଡି ଗୀତ ଶୁଣି 'ଗହମ ନଦ'ରେ ଶୋଇପଡ଼େ । ଅବ୍ୟର୍ଥ ସେ ସଙ୍ଗୀତର ପ୍ରଭାବ । ନବ୍ୟଶିକ୍ଷିତା ଜନନୀ ସେ ଗୀତଗୁଡ଼ିକୁ ଭୁଲିଯିବାକୁ ବସିଲଣି । କୃତ୍ରିମତାକୁ ଆଶ୍ରୟ କରି ସେ ଯାନ୍ତ୍ରିକ ସଭ୍ୟତାର ସିଡ଼ିରେ ପାଦ ଦେଇଛି । ଶିଶୁ ପାଟିରେ ଦୁଧ ବୋତଲ ଧରାଇଦେଇ ସେ ନିଜ ପାଟିକୁ ବନ୍ଦ ରଖୁଛି । ଗୀତ ବୋଲି ଅବୁଝା ଶିଶୁକୁ ବୁଝାଇବାକୁ ତାକୁ ସଂକୋଚ ଲାଗୁଛି ।

## ଶିଶୁସଙ୍ଗୀତର ପ୍ରକାରଭେଦ ଓ ବର୍ଗୀକରଣ

ଶିଶୁକୁ ଶାନ୍ତ କରିବାର ଗୀତ ପୃଥିବୀରେ ସବୁଦିନ ଅଛି । ଏହାକୁ ଆଦି ସଂଗୀତ କହିଲେ ଭୁଲ ହେବ ନାହିଁ । ଇଂରାଜୀରେ ଏହାର ନାମ Nursery Songs ବା Nursery Rhymes । ଏହି ଅର୍ଥସୂଚକ କିଛି ପ୍ରତିଷ୍ଠିତ ନାମ ଓଡ଼ିଆରେ ବୋଧହୁଏ ପୂର୍ବରୁ ନ ଥିଲା । ନନ୍ଦକିଶୋର ବଳ ପ୍ରଥମେ ଏଭଳି ଗୀତର ନାମକରଣ କଲେ 'ନାନାବାୟା ଗୀତ' । ଶିଶୁ ଯେତେବେଳେ କଥା କହି ଶିଖି ନ ଥାଏ ବା ମନର ଭାବକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବାକୁ ଅକ୍ଷମ ଥାଏ, ସେତେବେଳେ କାନ୍ଦି କରି ସାଧାରଣତଃ ସେ ତାର ମନର ଭାବ ପ୍ରକାଶ କରେ । 'ବାଲାନାଂ ରୋଦନଂ ବଳଂ' । ତେଣୁ ଅଧିକାଂଶ ନାନାବାୟା ଗୀତ ଅଶାନ୍ତ ଶିଶୁକୁ ବୁଝାଇ ଶାନ୍ତ କରିବା ଉଦ୍ଦେଶ୍ୟରେ ରଚିତ ।

ବିଭିନ୍ନ କାରଣରୁ ଏଭଳି ପରିସ୍ଥିତି ଉପୁଜିଥାଏ । କେତେବେଳେ ଶିଶୁ ଭୋକରେ କାନ୍ଦେ, କେତେବେଳେ ବା ତା ଇଚ୍ଛାବିରୁଦ୍ଧରେ

ଖୁଆଇଲେ ସେ ପ୍ରତିବାଦ କରେ । ଶାରୀରିକ କଷ୍ଟ ବା ଭୟ ଯୋଗୁ ମଧ୍ୟ ଶିଶୁମାନେ କାନ୍ଦନ୍ତି । ମାଆକୁ ଖୋଜିଲାବେଳେ, ଶୋଇବା ପୂର୍ବରୁ କିମ୍ବା ଅଚିହ୍ନା ଲୋକ ଦେଖିଲେ ଶିଶୁ କାନ୍ଦିଥାଏ । ଗାଧୋଇ ଦେଲାବେଳେ, ତେଲ ହଳଦୀ ଲଗାଇଦେଲାବେଳେ ମଧ୍ୟ ସେ ଅବୁଝା ହୁଏ । ତେଣୁ ଯେ କୌଣସି ନାନାବାୟା ଗୀତ ହେଉ, ଶିଶୁକୁ ଭୁଲାଇ ଶାନ୍ତ କରିବା ପାଇଁ ତାହା ମୁଖ୍ୟତଃ ଉଦ୍ଦିଷ୍ଟ । ସେଗୁଡ଼ିକର ଶ୍ରେଣୀବିଭାଗ ସହଜ ନୁହେଁ । ଶୁଆଇବା ବେଳର ଗୀତକୁ ଖୁଆଇବା ସମୟରେ ଏବଂ ଗେଲ କରିବା ବେଳର ଗୀତକୁ ଝୁଲାଇବାବେଳେ ମଧ୍ୟ ବୋଲାଯାଇଥାଏ । ତଥାପି ସଂଗୀତର ପ୍ରଧାନ ଆଭିମୁଖ୍ୟକୁ ବିଚାର କରି ସେଗୁଡ଼ିକୁ ଏହି ସଙ୍କଳନରେ ବିଭିନ୍ନ ପର୍ଯ୍ୟାୟରେ ସନ୍ନିବେଶିତ କରାଯାଇଛି, ଯଥା :—ଗେଲ କରିବା, ନଚାଇବା ଓ ଝୁଲାଇବା ଗୀତ, କାନ୍ଦୁଥିଲେ ବୁଝାଇବା ଗୀତ, ଖୁଆଇବା ଗୀତ, ଶୁଆଇବା ଗୀତ, ଖେଳ କୌତୁକ ଗୀତ, ଶିକ୍ଷାଗୀତ ଓ କଥାଣି । ଯାହା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀରେ ଯାଇପାରିନାହିଁ, ତାହାକୁ ଏକ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରାଯାଇଛି ।

## ପାଠରେ ବିଭିନ୍ନତା

ନାନାବାୟା ସଂଗୀତର ରଚୟିତା ଅଜ୍ଞାତ । ମାତ୍ର ସେଗୁଡ଼ିକର ଅକୃତ୍ରିମ ଲାଳିତ୍ୟ ଏବଂ ବାତ୍ସଲ୍ୟରସରୁ ସ୍ପଷ୍ଟ ସୂଚିତ ହୁଏ ଯେ ଓଡ଼ିଆ ନାରୀ ହିଁ ତାହାକୁ ପ୍ରଥମେ ରଚନା କରିଥିଲେ । କେଉଁ ଅଜ୍ଞାତ କାଳରୁ ତାହା ଲୋକସ୍ମୃତିରେ ଆଶ୍ରୟ ପାଇ ଓଡ଼ିଶାର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ପୁରୁଷାନୁକ୍ରମେ ପ୍ରସାରିତ ହୋଇଛି, ତାହା ଜାଣିବାର ଉପାୟ ନାହିଁ । ଏହି କାରଣରୁ ଗୀତଗୁଡ଼ିକର ମୂଳ ରୂପ ବଦଳିଯାଇଥିବା ସ୍ୱାଭାବିକ । ଅଞ୍ଚଳଭେଦରେ ମଧ୍ୟ ଅନେକ ଗୀତର ରୂପାନ୍ତର ଘଟିଛି । 'କପୋଣି'କୁ କିଏ ବୋଲୁଛି 'କବଣି', 'କୋଇଲି'କୁ 'କୁଇଲି', 'ନ କର ବସା'କୁ 'ନାଇଁ କର ବସା', 'କୋକମିନା'କୁ 'କକରମିନା', କେଉଁଠି ବା 'କୋକବାୟା ନନା' ଏହିପରି ନାନା ପ୍ରକାରେ ବୋଲୁଛନ୍ତି । ଶବ୍ଦଗୁଡ଼ିକ ବ୍ୟତୀତ ଗୀତର ପଦ ପଂକ୍ତିରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ।

ଉଦାହରଣ ସ୍ୱରୂପ—

ଧୋ ରେ ବାୟା ଧୋ
ଯେଉଁ କଆଁରରେ ଗହଲ ମାଣ୍ଡିଆ
ସେଇ କଆଁରରେ ଶୋ ।

ଏହା କେଉଁଠି ବୋଲାଯାଉଛି—

ଧୋରେ ବାୟା ଧୋ
ଗହଲ ମହଲ ଧାନ କଆଁର
ସେଇ କଆଁରରେ ଶୋ ।

କିମ୍ବା ଏକ ଖେଳଗୀତ ଗୋଟିଏ ସ୍ଥାନରେ—

ବେଲ ଗଛର ଦାଣ୍ଡି
କୋଚଲା ଗୁଣ୍ଡଲ କାଣ୍ଡି
କୋଚଲା ଗୁଣ୍ଡଲ ପିଠା
ପଧାନ ମୁଣ୍ଡରେ ଚଟା···ବୋଲାଯାଉଥିବା ସ୍ଥଳେ

ଅନ୍ୟ ଏକ ସ୍ଥାନରେ ବୋଲାଯାଉଛି—

ବେଲଗଛ ମୂଳେ ଦାଣ୍ଡି
ଅରୁଆ ଗୁଣ୍ଡଲ କାଣ୍ଡି
ଉଷୁନା ଗୁଣ୍ଡଲ ପିଠା
ମଦନା ମୁଣ୍ଡରେ ଚଟା···ଇତ୍ୟାଦି ।

ଅଲିଖିତ ମୌଖିକ ସାହିତ୍ୟରେ ଏଭଳି ବିଭିନ୍ନତା ଅସ୍ୱାଭାବିକ ନୁହେଁ; ବରଂ ଅବଶ୍ୟମ୍ଭାବୀ । ଏହି ପାଠାନ୍ତରଗୁଡ଼ିକ ସଂଗ୍ରାହକ ଆଗରେ ଅନେକ ସ୍ଥଳରେ ଏକ ସମସ୍ୟା ରୂପେ ଦେଖାଦେଇଛି । କେତେକ ଗୀତ ଅର୍ଥହୀନ ଓ ପରସ୍ପର ଅସଂପୃକ୍ତ ଥିବା ହେତୁ କେଉଁଟି ମୂଳ ରଚନା, ତାହା ଜାଣିବା ସହଜ ନୁହେଁ । ହୁଏତ ମୂଳଗୀତର ଯେଉଁ ଅର୍ଥ ଥିଲା, ସାମାଜିକ ପରିବେଶ ଓ ପରିସ୍ଥିତିର ପରିବର୍ତ୍ତନ ଯୋଗୁ ତାହା ଆଜିକାଲି ଆମର ଦୁର୍ବୋଧ ହୋଇପଡ଼ୁଛି ।

ଗୋଟିଏ ଖିଆଇବାବେଳର ଗୀତରେ ଅଛି—'ଗିଲ ଗିଲ ଗୁଣ୍ଡି' । ଏ ପଦର ଅର୍ଥରେ ଯେଉଁ କୂଟ-ସଂକେତ ଅଛି, ତାହା ବୁଝିବା ନିଶ୍ଚୟ କଷ୍ଟକର । ଗିଲପର ଗ୍ରେଟ ଗ୍ରେଟ ଭାତଗୁଣ୍ଡା ତିଆରି କରି ଶିଶୁକୁ

ଖୁଆଇବାବେଳେ ଏହା ବୋଲାଯାଇଥାଏ । ଟୀକା କରି ବୁଝାଇଦେଲେ ମଧ୍ୟ ଯେ ଗିଲ ଫଳ ନ ଦେଖିଛି, ସେ ଏହାକୁ ବୁଝିବ କିପରି ?

## ଇତିହାସର ଅମୂଲ୍ୟ ସଂପଦ

ଲୋକ-ସାହିତ୍ୟରୁ ଅତୀତ ସମାଜର ବହୁ ଉପାଦେୟ ତଥ୍ୟ ମିଳିଥାଏ । ଲୋକଗୀତ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଭାଷାରେ "ଲୋକ-ଜୀବନର ଯଥାର୍ଥ ଇତିହାସ ତହିଁରେ ବ୍ୟାପ୍ତ" ✽ । ନାନାବାୟା ଗୀତରେ ମଧ୍ୟ ପ୍ରାଚୀନ ଜୀବନଧାରା ଓ ଚଳଣିର ଚିତ୍ର ପ୍ରତିଫଳିତ ହୋଇଛି । ଗବେଷକମାନଙ୍କ ପକ୍ଷରେ ଏହି ଉପାଦାନଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ।

ଆଜିର ମହାର୍ଘ ଯୁଗରେ କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ଆମ ଦେଶରେ ଦିନେ ଯେ ଗୋଟିଏ ଟଙ୍କାରେ ଶାଢ଼ୀଖଣ୍ଡେ ମିଳୁଥିଲା, ତାହାର ପ୍ରମାଣ ମିଳେ ନିମ୍ନୋକ୍ତ ଗୀତ ପଦକରୁ—

'ଯାହାର ମଲ୍ଲୀ ସେ ତୋଳି ନେଲାଣି
ଟଙ୍କାକିଆ ଶାଢ଼ୀ ଚିରିଗଲାଣି ।'

ଏବେ 'କଗଟି' ଶବ୍ଦର ଅର୍ଥ କେହି ବୁଝିବେ ନାହିଁ, କିନ୍ତୁ ଦିନେ ତାହା ଥିଲା ଏକାଧାରରେ ଓଡ଼ିଆ ନାରୀର ଟଙ୍କାଥଳୀ (money purse) ଓ ଖୋସଣୀକୁ ସୁଦୃଢ଼ ରଖିବାର ସାଧନ । ତେଣୁ ଗୀତରେ ଥିଲା—

'କଗଟି ହେଙ୍ଗୁ ହୋଇ ରହିବୁ ଭୁଲି
ମହମହ ମହକ ବାସିବୁ ତହିଁ' ରେ ।

ସେହିପରି ଆଉ ଗୋଟିଏ ପଦ ଦେଖନ୍ତୁ—

'ବାଇଆ ମାଆ ଯେ ନ ଖାଏ ଖଡ଼ି
ପୁଅ ଜନ୍ମ କଲା ପୋହଳାବିଡ଼ି ।'

ଯେଉଁ ଯୁଗରେ ନାରୀ ପ୍ରାୟ ନିରାଭରଣା ହେଲାଣି, ସେତେବେଳେ 'ବିଡ଼ି' ଯେ ଦିନେ ଓଡ଼ିଆଣୀର ବାହୁଭୂଷଣ ଥିଲା, କିଏ କାହିଁକି ସେକଥା ବୁଝିବ ? ପୋହଳାବେଳେ ତିଆରି ବିଡ଼ିପରି ସୁନ୍ଦର ପୁଅଟିଏ ବାଇଆ ମା' ଜନ୍ମ କରିଛି, ଏହାହିଁ ସମ୍ଭବତଃ ପଦଟିର ଅର୍ଥ ।

---

✽ ପଲ୍ଲୀଗୀତି ସଞ୍ଚୟନ, ୨ୟ ଭାଗର ଭୂମିକା—ପୃଷ୍ଠା ୪୩

ଆଜିକାଲି ଅରଟ ଓ ଢିଙ୍କି ଗାଁଗହଳରୁ ବିଦାୟ ନେଲେଣି। ତେଣୁ,

'ଅରଟ ଗୁଇଁଗାଇଁ ଲୋ ବୁଢ଼ୀ
ତୋ ସୂତା ନଟେଇ କାହିଁ ?'

କିମ୍ବା 'ଉଦୁଉଦୁମା, ତାଳଗୋଟମା,
ଲୁହା ପାହୁରାଣି ପିତଳ ସମା'

ଏ ପଦମାନଙ୍କରେ ଥିବା 'ନଟେଇ', 'ପାହୁରାଣି' ଓ 'ସମା'ର ଅର୍ଥ ବୁଝିବା ପାଇଁ ଅଭିଧାନର ଆଶ୍ରୟ ନେବା ଛଡ଼ା ଉପାୟ ନାହିଁ।

ଅନ୍ୟ ଏକ ଉଦାହରଣ ଦେଖନ୍ତୁ—

'ଛନ ଛନ ପଣ ଅଠର ପଣ
ଭାଇଙ୍କି ଉଜାଇ କଉଡ଼ି ଗଣ।
କଉଡ଼ିଗଣାରେ ପାହିଲା ରାତି
ଶ୍ବେର ନେଇଗଲା କଜଳପାତି।'

ଆଉ କେତେକ ବର୍ଷ ପରେ ଏ ପଦ୍ୟାଂଶଟିର ମାଧୁର୍ଯ୍ୟ ଉପଭୋଗ କରିବା ହୁଏତ ସହଜ ହେବ ନାହିଁ। କଉଡ଼ି ଏବେ ଆଉ ମୁଦ୍ରା ରୂପେ ବ୍ୟବହୃତ ହେଉନାହିଁ। ରାତି ଉଜାଗର ରହି ତାକୁ 'ପଣ' ଓ 'କାହାଣ' ସଂଖ୍ୟାରେ ଗଣିବା କି ବ୍ୟାପାର, ତାହା ବୁଝିବ କିଏ ? 'କଜଳପାତି' ବା କଳାପାତି ଏବେ କେବଳ ବୁଢ଼ୀମାଆଙ୍କ ପେଡ଼ିରେ ଖୋଜିଲେ ମିଳିପାରେ। ଆଧୁନିକାମାନଙ୍କ ପ୍ରସାଧନ ସାମଗ୍ରୀ ତାଲିକାରେ ତା'ର ସ୍ଥାନ ନାହିଁ। ଆଇବ୍ରୋ ପେନ୍‌ସିଲ, ସ୍ନୋ, କ୍ରୀମ୍, ପାଉଡର ଓ ସାମ୍ପୋର ଆକର୍ଷଣୀୟ ରୂପସମ୍ଭାର ନିକଟରେ ସେ ନିରହଙ୍କାରୀ ଜିନିଷ ଲୁଚିପ ରହିଯିବ।

## ଖେଳ କୌତୁକ ଗୀତ

ସରଳମତି ଶିଶୁ ଯେତେବେଳେ ନିଜେ ଅଙ୍ଗଚାଳନା କରିବାକୁ ଅସମର୍ଥ ଥାଏ, ସେତେବେଳେ ମା' ଭଉଣୀ ତାକୁ ଖେଳାଇବା ଓ ହସାଇବା ପାଇଁ ଗୀତ ବୋଲି ବୋଲି ନିଜେ ନାନା ପ୍ରକାର ଅଭିନୟ କରନ୍ତି। ଶିଶୁକୁ କୋଳରେ ବସାଇ ଝୁଲ୍ ହାଣ୍ଡି କରିବା, ତାଳିସର ଗୀତ ବୋଲି

ତାକୁ ତାଳ ବଜାଇ ଶିଖାଇବା ଏବଂ 'ଗୁଲ ଗୁଲ, ନଈ ବାଲି' ଗାଇ ଗାଇ ତାକୁ ଗୁଲ ଶିଖାଇବା ଏହି କାର୍ଯ୍ୟ । ଖେଳ ସଙ୍ଗେ ସଙ୍ଗେ ସଙ୍ଗୀତ ମାଧ୍ୟମରେ ଶିଶୁକୁ କର୍ମରେ ଅଭ୍ୟସ୍ତ କରାଇବା ଏହାର ଉଦ୍ଦେଶ୍ୟ । ଏଇଥିରୁ ଆମ କର୍ମ-ସଙ୍ଗୀତର ସୃଷ୍ଟି । ଏହି ସବୁ ଖେଳଗୀତ ଶୁଣି ଶିଶୁର ତାଳଜ୍ଞାନ କିପରି ବିକଶିତ ହୁଏ, ତାହା ମଧ୍ୟ ଲକ୍ଷ୍ୟ କରିବାର କଥା ।

ଶ୍ରେଷ୍ଠ ଛୁଅଙ୍କୁ ଦୁଇ ହାତରେ ଟେକିଧରି ଝୁଲାଇବାବେଳେ 'କୁଆ କେମିତି ବେଙ୍ଗ ନଏ, ଗୋଡ଼ ଦୁଇଟି ଲଡ଼କୁଥାଏ' ଏବଂ ତାକୁ ଉପରକୁ ଛାଡ଼ି ଦେଇ ପୁଣି ଧରିପକେଇଲାବେଳେ 'ଫିଙ୍ଗି ଦିଅରେ ନନକେ ମୋର ଖତକୁଡ଼ରକୁ, କାଉ ନେଇଯିବ ମାମୁଁ ଘରକୁ...' ପ୍ରଭୃତି ଗୀତ ତାକୁ ଯେତିକି ଆନନ୍ଦ ଦିଏ, ସେତିକି ନିର୍ଭୀକ କରାଏ । ଶିଶୁକୁ ହସାଇବା ପାଇଁ ନାନା ପ୍ରକାର ଗୀତ ଓ ଅଭିନୟର ଆଶ୍ରୟ ନିଆଯାଏ । 'ଟୁଇଁକୁ ମୂଷି' ଏଥିମଧ୍ୟରେ ପ୍ରଧାନ । ଏହି ଗୀତ ଶେଷରେ 'ଟୁଇଁକୁ ମୂଷି ଗଲା ରେ, ହାଣ୍ଡି କୁଣ୍ଡେଇ ସମ୍ଭାଳିଥିବୁ, ହାଣ୍ଡି ଧଡ଼ଧଡ଼ କଲା ରେ' କହି ତା' କାଖପାଏ ଆଙ୍ଗୁଠି ଚଲାଇ ନେଇ କୁତୁକୁତୁ କଲା ମାତ୍ରେ ସେ ହସିଉଠେ । ଆଉ ଏକପ୍ରକାର ସରଳ କୌତୁକାଭିନୟ କରାଯାଏ ପ୍ରଶ୍ନ ଉତ୍ତରରେ । ଶିଶୁକୁ ପଚରାଯାଏ—'ତୋଠାକୁ ଯିବୁ ? ଅମ୍ବ ଖାଇବୁ ?' ତାଠାରୁ ଉତ୍ତର ମିଳେ 'ହଁ' । ଦ୍ୱିତୀୟ ପ୍ରଶ୍ନ ହୁଏ 'ବାଘମାମୁ ଆସିଲେ ଡରିବୁ ନାହିଁ ତ ?' ଶିଶୁ କହେ 'ନା' । ତା'ପରେ ପ୍ରଶ୍ନକର୍ତ୍ତା ତା ଆଖିକୁ ଜୋରରେ ଫୁଙ୍କି ଦିଅନ୍ତି । ସେ ଆଖି ବୁଜିଦେଲେ କହନ୍ତି, 'ହେଇ ଡରିଲା ଡରିଲା' । ଉଭୟେ ତା'ପରେ ହସିଉଠନ୍ତି ।

ଶିଶୁ କଥା କହି ଶିଖିଲା ପରେ 'ଗୁଗୁପାଞ୍ଚ' ଖେଳରେ ଭାଗ ନେଇଥାଏ । ପିଲା ଯେତେବେଳେ ଆଉ ଟିକିଏ ବଡ଼ ହୋଇ ନିଜେ ଗୁଲବୁଲ ପାରେ, ସେତେବେଳେ ସେ ସାଙ୍ଗମାନଙ୍କ ସହିତ 'ଲୁଚକାଳି', 'ରୁମାଲ ଚୋର' ଓ ଅନ୍ୟାନ୍ୟ ଖେଳ ଖେଳେ । ଏ ସବୁଥିରେ 'ରେଫରି' ବା ମଧ୍ୟସ୍ଥ ଆବଶ୍ୟକ ହୁଅନ୍ତି ନାହିଁ । କିଏ 'ଚୋର' ହେବ ବା ପ୍ରଥମେ ଖେଳ ଆରମ୍ଭ କରିବ, ତାହା ଗୀତ ଦ୍ୱାରା ନିର୍ଣ୍ଣୀତ ହୁଏ । ଏହି କାର୍ଯ୍ୟ କେତେକ ଗୀତ ଏ ସଂଗ୍ରହରେ 'ଖେଳଗୀତ' ବିଭାଗରେ ଦିଆଯାଇଛି ।

ସେଗୁଡ଼ିକୁ କିପରି ସମତାଳରେ ଓ ଛନ୍ଦାନୁଯାୟୀ ବୋଲିବାକୁ ହୁଏ, ତାହା ପ୍ରତ୍ୟେକ ପିଲା ଜାଣନ୍ତି ।

ନିମ୍ନ ଉଦାହରଣରେ ପ୍ରତ୍ୟେକ ପାଦର ତାଳ, ବିରତିସ୍ଥଳ ଓ ଯତିପାତ ଯଥାକ୍ରମେ '´', '।' ଏବଂ '।।' ରେଖାଦ୍ୱାରା ଚିହ୍ନିତ ହୋଇଛି ।

(୧) ଇ´ଟିକିଲି । ମି´ଟିକିଲି । ଘୁ´ଟିଗଲା । କା´ଇଁଚ
ଭୁ´ମରି । ଆ´ମରି । ନା´ଲି । ଘ´ଇଁଚ

(୨) ଗୁ´ଆଗଛ । ଧା´ଡ଼ିକି ଧାଡ଼ି ।।
ଅ´ଇଲରେ ଭାଇ । ମେ´ଲ ଗାଡ଼ି ।।
ମେ´ଲ ଗାଡ଼ିରେ । ବ ହୁତ ଲୋକ ।।
ମୁ´ହଁ ଦିଶୁଥାଏ । ଜ´କଜକ ।।

ଏହି ଗୀତଗୁଡ଼ିକ ପ୍ରତ୍ୟେକ ଖେଳାଳି ଉପରେ ତାଳ ଦେଇ ସଂଖ୍ୟା ଗଣିବା ପରି ବୋଲିବାକୁ ହୁଏ ଏବଂ ଯାହାଠାରେ ଶେଷ ପଦ ଛିଣ୍ଡେ, ସେ ହୁଏ ଚୋର; କିମ୍ବା ପ୍ରତ୍ୟେକ ଥର ଜଣ ଜଣକୁ ବାଦ୍ ଦେବାପରେ ଶେଷକୁ ଯେ ରହିଯାଏ, ସେ ଚୋର ହୁଏ ।

## ଶିକ୍ଷାଗୀତ

ବିଦ୍ୟାଳୟରେ ପଢ଼ିବା ପୂର୍ବରୁ ଶିଶୁକୁ ବର୍ଣ୍ଣମାଳା ଏବଂ ସହଜ ସଂଖ୍ୟାଗଣନା ଶିଖାଇବା ପାଇଁ ପୂର୍ବପୁରୁଷମାନେ ଗୀତର ଆଶ୍ରୟ ନେଇଥିଲେ । କେବଳ ଆମର ଭାଷାରେ ନୁହେଁ, ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ୍ୟ ଏହି ଜାତୀୟ ଶିଶୁ-ସଙ୍ଗୀତ ଦେଖିବାକୁ ମିଳେ । ବିଦେଶୀୟ ଭାଷାରେ ଏହାର ବହୁ ଦୃଷ୍ଟାନ୍ତ ରହିଛି । ଇଂରାଜୀରେ ଅଛି :

'One and two
And three and four,
I take four steps
To the door'......

କିମ୍ବା

One, two, Buckle my shoe.
Three four, Knock at the door.
Five, six, Pick up sticks .....

ଓଡ଼ିଆ ସଂଖ୍ୟାଗଣନା ଗୀତ ପ୍ରାୟ ଏହିପରି :

ଏକ ସୂତ, ଦୁଇ ସଙ୍ଗାତ, ତିନ ତିକ ତା,
ଚାରି ଚଉଳ, ପାଞ୍ଚ ବଉଳ, ଛଅ ପଇତା…
ଇତ୍ୟାଦି ।

ବର୍ଣ୍ଣମାଳା ଶିଖାଇବା ପାଇଁ ମଧ୍ୟ ଅନୁରୂପ ପ୍ରଣାଳୀ ଅନୁସୃତ ହୁଏ । ଇଂରାଜୀରେ ଯେପରି ଅଛି—

A for an apple,
B for a ball,
C for a cat,
D for a doll.

ପ୍ରାଚୀନ ଓଡ଼ିଆ ରଚନାରେ ସେହିପରି—

କ, କ କାଳନ୍ଦୀ ତୀରେ
ଖ, ଖ ଖେଳନ୍ତି ଧୀରେ…

ଏବଂ ଆଧୁନିକ ବର୍ଣ୍ଣଶିକ୍ଷା ବହିରେ 'ଅରଟ ଧରି କାଟୁଛି ସୂତା, ଆତ ଫଳଛି ତୋଳ ଦୁଇଟା……' ପ୍ରଭୃତି ଗୀତମାନ ରହିଛି । ଚଉତିଶା ସ୍ତରକୁ ଯିବା ପୂର୍ବରୁ ଏହି ଗୀତ ଆବୃତ୍ତି କରି ଶିଶୁ ବର୍ଣ୍ଣମାଳାର କ୍ରମ ମନେ ରଖିପାରେ ।

## ଓଡ଼ିଶାର ଉପାନ୍ତ ଅଞ୍ଚଳର ଗୀତ

ନାନାବାୟା ଗୀତର ସାର୍ବଜନୀନତା ସୃଷ୍ଟି ନିୟମରେ ସ୍ୱୀକୃତ । ଜନନୀ ମୁଖରେ ଯେଉଁଦିନଠାରୁ ଭାଷା ଫୁଟିଛି, ବାତ୍ସଲ୍ୟର ପରିପ୍ରକାଶ ପାଇଁ ସେ ଏହି ମାଧ୍ୟମକୁ ବାଛିନେଇଛି । ତେଣୁ ବିଭିନ୍ନ ଦେଶ ଓ ଭାଷାର ଗୀତ ମଧ୍ୟରେ ସାମଞ୍ଜସ୍ୟ ରହିବା ସ୍ୱାଭାବିକ । ଓଡ଼ିଶାର ଉପାନ୍ତ ଅଞ୍ଚଳର ଭାଷା କଟକ ଓ ପୁରୀ ଜିଲାର ଭାଷାଠାରୁ ସାମାନ୍ୟ ପୃଥକ୍ ହେଲେହେଁ ଭାବର ସମାନତା ସବୁ ଗୀତରେ ସ୍ପଷ୍ଟ । ଏହା ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତର କେତେଗୋଟି ଶିଶୁଗୀତ ଏହି ସଂଗ୍ରହରେ ଅନ୍ତର୍ଭୁକ୍ତ କରାଯାଇଛି । ଦୁର୍ବୋଧତା ବା ଅସଂଗତ

ଯୋଗୁ ନାନାବାୟା ଗୀତର ମହତ୍ତ୍ୱ କମିଯାଏ ନାହିଁ । ଏହାର ସଙ୍ଗୀତ ଓ ଶୈଳୀ ସ୍ୱତନ୍ତ୍ର । ଅନେକ ସ୍ଥଳରେ କୂଟ-ସଂକେତରୁ ଗୀତର ଅର୍ଥ ବୋଧଗମ୍ୟ ହୁଏ; କେଉଁଠି ବା ତା'ବି ହୁଏନାହିଁ । ଇଂରାଜୀରେ କେତେକ ଶିଶୁ ସଙ୍ଗୀତକୁ Nonsense Rhymes ବା ଅର୍ଥହୀନ ଗୀତ ନାମରେ ଅଭିହିତ କରାଯାଇଛି । କାବ୍ୟ କଳ୍ପନାର ମାପକାଠି ଓ ବ୍ୟାକରଣ ନିୟମକୁ ଉପେକ୍ଷା କରି ଏହା ନିଜର ସ୍ୱତଃସ୍ଫୂର୍ତ୍ତି ଗୁଣରେ ଶିଶୁ ମନକୁ କିଣିନିଏ । ଏହା ହିଁ ଏ ଗୀତର ବିଶେଷତ୍ୱ । 'ମୋ ଧନମାଳୀ ଶୋଇପଡ଼ିଲା କାହିଁ ?' ଓ 'ମୋ ଧନମାଳି ଶୁଇ ପଡ଼ିଲ କାଏଁ'—ଏ ଉଭୟର ଆବେଗ ସମାନ, ଉଭୟ ହିଁ ଓଡ଼ିଆ ପ୍ରାଣର ଭାଷା । ଏହି ଦୃଷ୍ଟିରୁ କେତେକ ପ୍ରାନ୍ତୀୟ ଅଞ୍ଚଳର ନାନାବାୟା ଗୀତ ମଧ୍ୟ ଏହି ସଂଗ୍ରହରେ ସ୍ଥାନ ପାଇଛି ।

## ଶିଶୁ ସଙ୍ଗୀତର ଛନ୍ଦ

କେତେକ ପଲ୍ଲୀଗୀତ ବ୍ୟକ୍ତିଗତ ଓ ଆଉ କେତେକ ସମଷ୍ଟିଗତ ଭାବରେ ଗାନ କରାଯାଏ । ପୁଷ୍ପ, ଢୋଲ, ଖୁଦୁରୁକୁଣୀ ଓଷା, ବନ୍ଦନା ପ୍ରଭୃତିର ଗୀତମାନ ପ୍ରାୟ ମିଳିତକଣ୍ଠରେ ଏବଂ କାନ୍ଦଣା, ଶଗଡ଼ିଆ ଗୀତ, ନାଉରୀ ଗୀତ ଓ ଶିଶୁ-ସଙ୍ଗୀତ (Nursery Songs) ମାନ ଏକକ କଣ୍ଠରେ ଗୀତ ହୁଏ । ନାନାବାୟା ଗୀତର ବିଶେଷତ୍ୱ ପୂର୍ବରୁ ଆଲୋଚିତ ହୋଇଛି । ଶିଶୁ ଏହାର ଭାବ ଅପେକ୍ଷା ସଙ୍ଗୀତରେ ଅଧିକ ମୁଗ୍ଧ ହୁଏ, କାରଣ ଗୀତଗୁଡ଼ିକର ଅର୍ଥ ବୁଝିବାର ସାମର୍ଥ୍ୟ ତାର ଆସି ନ ଥାଏ । ପୁନଶ୍ଚ, କେତେକ ଗୀତ ନାନା କାରଣରୁ ବୟସ୍କମାନଙ୍କର ମଧ୍ୟ ଦୁର୍ବୋଧ । ତେଣୁ ସଙ୍ଗୀତ ମାଧ୍ୟମରେ ଏକ ସ୍ୱପ୍ନିଳ ପରିବେଶ ସୃଷ୍ଟି କରି ଶିଶୁ ମନକୁ ଭୁଲାଇଦେବା ଏହି ଗୀତଗୁଡ଼ିକର ପ୍ରଧାନ ଉଦ୍ଦେଶ୍ୟ ବୋଲି ମନେ ହୁଏ ।

କିନ୍ତୁ ଗୀତର ଅର୍ଥ ଅପେକ୍ଷା ତାର ଗାୟନ ରୀତି ଅଧିକ ଫଳପ୍ରଦ । ନାନାବାୟା ଗୀତଗୁଡ଼ିକ ସମ ଓ ବିଷମ ଉଭୟ ଛନ୍ଦରେ ରଚିତ ହୋଇଥିବାର ଦେଖାଯାଏ । ଅଧିକାଂଶ ମିତାକ୍ଷର ହେଲେହେଁ କେତେକ ସ୍ଥଳରେ ଗୀତର ବିଭିନ୍ନ ଚରଣ ସମାନାକ୍ଷରବିଶିଷ୍ଟ ନୁହେଁ, ତେଣୁ

ଗାନ ସମୟରେ ସ୍ୱରକୁ ଗୁରୁ ଲଘୁ କରିବାକୁ ପଡ଼େ । ଧ୍ୱନିମେଳ ଥିଲେ ଦୁଇ ଚାରି ଅକ୍ଷର କମ୍ ବା ବେଶି ହେଲେ କିଛି ଯାଏ ଆସେ ନାହିଁ ।

ମୋ' କୁନିକି କଏ ମା'ରିଲା ମାଡ଼ ଲୋ
ଭାଙ୍ଗି ପକେଇଲା ପାଞ୍ଜରା ହାଡ଼
ନେ'ଇ ମାମୁଁ ଘରେ ଛାଡ଼ ।

ଏହି ଗୀତଟିକୁ ଲକ୍ଷ୍ୟ କଲେ ଦେଖାଯିବ ଯେ ଏହାର ପ୍ରଥମ ପାଦ ୧୨ ଅକ୍ଷର, ଦ୍ୱିତୀୟ ୧୧ ଏବଂ ତୃତୀୟ ପାଦ ୮ ଅକ୍ଷର ବିଶିଷ୍ଟ । ତା'ହେଲେ ସୁଦ୍ଧା ବୋଲିଲାବେଳେ ସ୍ୱରର ହ୍ରାସବୃଦ୍ଧି ଯୋଗୁ ଯତିପାତରେ କୌଣସି ଅସୁବିଧା ଘଟେ ନାହିଁ । ଶେଷାକ୍ଷର ଉପରେ ପ୍ରତ୍ୟେକ ଚରଣର ଯତି ପଡ଼େ ।

ଉଲ୍ଲିଖିତ ଆଲୋଚନାରୁ ସ୍ପଷ୍ଟ ହେବ ଯେ ନାନାବାୟା ଗୀତଗୁଡ଼ିକର ରାଗ, ଅବସ୍ଥା ଓ ଉଦ୍ଦେଶ୍ୟର ଅନୁସାରୀ । ଶିଶୁକୁ ଶୁଆଇବା ପାଇଁ ଯେଉଁ ସଙ୍ଗୀତ ବୋଲାଯାଏ, ତାହାର ଗତି ବିଳମ୍ବିତ ଏବଂ ସ୍ୱର ଅନୁଚ୍ଚ । ଜନନୀ ଯେତେବେଳେ ବୋଲନ୍ତି—

ଶୋ'ଇପଡ଼ କୁନା / ଶୋ'ଇପଡ଼ ଭୁରେ /
କ'ହୁଛନ୍ତି ଜହ୍ନ / ମା'ମୁଁ ॥
ମୋ' ହଳଦୀ ଗଣ୍ଠି / ଶୋ'ଇପଡ଼ିବ ରେ /
ଉ'ଠିଲେ ଖାଇବ / ଜା'ମୁ ॥ ❋

ସେତେବେଳେ ସଙ୍ଗୀତର ବିଳମ୍ବିତ ଛନ୍ଦ ଓ ନାରୀକଣ୍ଠର କୋମଳ ମାଧୁରୀ ଶିଶୁକୁ ଅନାୟତ୍ତ କରିଦିଏ । ତାର ଆଖିପତା ଆସ୍ତେ ଆସ୍ତେ ବୁଜି ହୋଇ ଆସେ । ମନେହୁଏ ନିଜେ ଗାୟିକା ଯେପରିକି ଗୀତ ବୋଲୁ ବୋଲୁ ଘୁମେଇ ପଡ଼ୁଛନ୍ତି ।

ଖେଳ ଗୀତର ଛନ୍ଦ ଅପେକ୍ଷାକୃତ ଦ୍ରୁତଗତିବିଶିଷ୍ଟ । ଏହାର ପ୍ଳୁତ ଉଚ୍ଚାରଣ ଖେଳକୁ ଜୀବନ୍ତ କରି ଖେଳାଳିମନରେ ଉନ୍ମାଦନା

---

❋ ସୂଚନା—ତାଳ ପାଇଁ ' ' ' ଚିହ୍ନ, ସାମାନ୍ୟ ବିରତି ପାଇଁ ' / ' ଚିହ୍ନ ଏବଂ ଯତି ପାଇଁ ' ॥ ' ଚିହ୍ନ ଦିଆଯାଇଛି ।

ଆନେ । ଗୀତର ଶବ୍ଦଯୋଜନା ସେଥିରେ ସହାୟକ ହୁଏ ମାତ୍ର । ଏସବୁ ଗୀତର ଛନ୍ଦ ହୃଦ୍ରୁତ ନ ହେଲେ ତାହା ଉଦ୍ଦିଷ୍ଟ ପରିବେଶ ସୃଷ୍ଟି କରିପାରେ ନାହିଁ ।

ଅକଲ / ମକଲ / ଟକଲ / ଟାଇଁ ॥
ଗଜ୍ଜଣ / ବାଜଇ / ଢାଇଁ / ଢାଇଁ ॥

କିମ୍ବା

ଜ'ହ୍ନି ଫୁଲ / ଠୋ' ଠା ॥
କା'କୁଡ଼ି ଫୁଲ / ଠୋ' ଠା ॥
ଚୁ'ଟିଆ ମୂଷା / କ'ହୁଯାଇଛି /
ଯୁ'ଉଳ ମୁଠିଏ / ଥୋ'ଇ ଥା ॥

ଝୁଲେଇବା ଏବଂ ନଚେଇବା ଗୀତର ଗାୟନରୀତିରେ ମଧ୍ୟ ଅନୁରୂପ ବ୍ୟଞ୍ଜନା ପ୍ରକାଶ ପାଏ । କିନ୍ତୁ ପ୍ରତ୍ୟେକ ନାନାବାୟା ଗୀତର ସଙ୍ଗୀତ ହିଁ ତାହାର ପ୍ରାଣ; ତେଣୁ ସମସ୍ତ ଗୀତ ମିତାକ୍ଷର ବୃତ୍ତରେ ରଚିତ । ଯେଉଁଠି ଏହାର ବ୍ୟତିକ୍ରମ ଦେଖାଯାଏ, ବୁଝିବାକୁ ହେବ ତାହା ମୂଳ ରଚନା ନୁହେଁ । ଅମିତାକ୍ଷର ଛନ୍ଦ ଶିଶୁସଙ୍ଗୀତ ପାଇଁ ଅନୁପଯୋଗୀ । ଏହି ଧ୍ୱନିମେଳ ଏଥିରେ ଅପରିହାର୍ଯ୍ୟ ବୋଲି ଇଂରାଜୀରେ ଏଭଳି ଗୀତକୁ Rhyme ବା Song ଆଖ୍ୟା ଦିଆଯାଇଛି ।

## ଆଧୁନିକ ଶିଶୁ-ସଂଗୀତ

ପାରମ୍ପରିକ ନାନାବାୟା ଗୀତଠାରୁ ଆଧୁନିକ ରଚନା ବହୁ ଗୁଣରେ ଭିନ୍ନ । ପ୍ରାଚୀନ ସଙ୍ଗୀତର ରଚନାଶୈଳୀ, ଲଳିତ ଶବ୍ଦ-ବିନ୍ୟାସ ଓ କଳ୍ପନାବିଳାସ ଆଧୁନିକ ଗୀତରେ ଦେଖିବାକୁ ମିଳେ ନାହିଁ । ଛନ୍ଦର ଅନିୟମିତତା ଏବଂ ସ୍ଥାନେ ସ୍ଥାନେ ଅର୍ଥହୀନତା ସତ୍ତ୍ୱେ ପୁରାତନ ଗୀତଗୁଡ଼ିକ ନିଜସ୍ୱ କଳାରେ ସମୃଦ୍ଧ । ଶିଶୁମନକୁ ସ୍ୱପ୍ନ-ରାଜ୍ୟକୁ ଟାଣିନେବା ପାଇଁ ଆବଶ୍ୟକ ଉପାଦାନ ସେଥିରେ ଭରିରହିଛି । ଏହି ପ୍ରାଚୀନ ଗୀତଗୁଡ଼ିକ ସମ୍ପର୍କରେ ପଣ୍ଡିତ ମାନକଣ୍ଡଙ୍କ ଉକ୍ତି ପ୍ରଣିଧାନ-ଯୋଗ୍ୟ । ସେ କହିଛନ୍ତି—"ଖାଲି ପୁରପଲ୍ଲୀ କାହିଁକି, ଓଡ଼ିଶାର ବନପ୍ରାନ୍ତର ମଧ୍ୟ ଏହି ଗୀତରେ ପୂର୍ଣ୍ଣ । ଏ ସଙ୍ଗୀତ ମାନବପ୍ରାଣଗଠନର

ଆଦି ଉପାଦାନ । ଏହା ସର୍ବତ୍ର ଅଛି, କିନ୍ତୁ ଖୋଜିଲେ ସହଜରେ ମିଳେ ନାହିଁ । ଏହା ଅତି ପୁରାଣ ପରଂପରାରେ ପ୍ରତିଷ୍ଠିତ ହେଲେ ମଧ୍ୟ ପଦ-ପଦାର୍ଥ-ଯୋଜନାରେ ଏହାର ତାଦୃଶ ସଂଗତି ନାହିଁ । ଏହା ସ୍ୱଭାବସୁନ୍ଦର । ଇନ୍ଦ୍ରଧନୁର ବର୍ଣ୍ଣ ବିଭବ ତଥା ଦୂର ବନାଂତର ଅନାଶକ୍ତ ଧୂମ୍ରମାଳିମାପ୍ରଭୃତି ପରି କାବ୍ୟକଳାର ସ୍ୱାଭାବିକ ଉପାଦାନ ସଂଗେ ଏହାର କଥଂଚିତ୍ ତୁଳନା କରାଯାଇପାରେ । ପଲ୍ଲୀପ୍ରାଣରୁ ଏହାକୁ ଗୁଣି ବାହାର କରି ଦେଖାଇଦେଲେ ନନ୍ଦକିଶୋର ।" *

କିନ୍ତୁ ଏ କଥା ସ୍ୱୀକାର କରିବାକୁ ହେବ ଯେ ଆଧୁନିକ ଯୁଗର କବିମାନେ ସେମାନଙ୍କ ରଚନାରେ ମୌଳିକ ନାନାବାୟା ଗୀତର ସେଇ ଯାଦୁସ୍ପର୍ଶଟିକିକ ଦେବା ଉଦ୍ଦେଶ୍ୟରେ ପାରଂପରିକ ଶିଶୁସଂଗୀତରୁ ଦୁଇ ଚାରି ପଦ ଯୋଗକରି ନୂଆ ଗୀତ ରଚନା କରିଛନ୍ତି । ଏ ଦିଗରେ ପଥ-ପ୍ରଦର୍ଶକ ହୋଇଛନ୍ତି ନନ୍ଦକିଶୋର । ତାଙ୍କ ଗ୍ରନ୍ଥାବଳୀର ନାନାବାୟା ଗୀତ ପ୍ରଥମ ଓ ଦ୍ୱିତୀୟ ଭାଗରେ ଯେଉଁ ଅଠଚାଳିଶଟି କବିତା ସନ୍ନିବେଶିତ ହୋଇଅଛି, ସେଥିମଧ୍ୟରୁ କେତେକଟିରେ ପ୍ରାଚୀନ ଶୈଳୀ ଓ ଭାବଧାରା ସୁସ୍ପଷ୍ଟ । ସେଇ ବାୟୁଚଢ଼େଇ, ଡାମରାକାଉ, ବାଲୁଆନନା, ଟାଗ୍ର, ବେଙ୍ଗୁଲିନାମା ଓ ଚୁଟିଆମୂଷା ପ୍ରଭୃତିଙ୍କୁ ନେଇ ଏବଂ ପୁରୁଣା ସଂଗୀତର ଛନ୍ଦ ଓ ପଦକୁ ଆଶ୍ରୟ କରି ସେ ତାହାକୁ ନିଜସ୍ୱ କଳାରେ ସଂପ୍ରସାରିତ କରିଛନ୍ତି ।

ତାଙ୍କ ଡାମରାକାଉ ରେ ଡାମରାକାଉ, ହୋଓ ରେ ବାଇଆ ହୋ, ମେଘ ବରଷିଲା ଟପର ଟପର କେଶୁର ମାଇଲା ଗଜା, ଚୁଟିଆମୂଷା ରେ ଚୁଟିଇମୂଷି, ବେଙ୍ଗୁଲି ବେଙ୍ଗୁଲି ପାଣି ଦେ, ନଈ ସମୁଦର ଭସେଇ ଦେ ଇତ୍ୟାଦି କବିତା ପାରଂପରିକ ନାନାବାୟା ଗୀତର ଛାୟାରେ ରଚିତ ।

ଆଧୁନିକ ଯୁଗର ଯେଉଁ କବିମାନେ ନାନାବାୟା ଗୀତରଚନାରେ ହାତ ଦେଇଛନ୍ତି, ସେମାନଙ୍କ କୃତିର କେତେକ ନମୁନା ଏହି ସଂଗ୍ରହର ଦ୍ୱିତୀୟ ଭାଗରେ ସଂଗ୍ରଥିତ ହୋଇଛି । କିନ୍ତୁ ଯେଉଁ ଗୀତରେ ସଂଗୀତର

---

* ନନ୍ଦକିଶୋର ଗ୍ରନ୍ଥାବଳୀ, ମୁଖବନ୍ଧ ପୃଷ୍ଠା ( ତିନପଣ )

ମାଧୁର୍ଯ୍ୟ ବା ଭାବର ସରଳତା ନାହିଁ, ଯାହା ଶିଶୁର ବୋଧ ଶକ୍ତିର ବାହାରେ, ସେଭଳି ଗୀତକୁ ଏ ସଙ୍କଳନରେ ଅନ୍ତର୍ଭୁକ୍ତ କରାଯାଇନାହିଁ । ନୃସିଂହକୁମାର ରଥଙ୍କ 'ଲୁଲୁ ପାଇଁ ନାନାବାୟା ଗୀତ'କୁ ଦୃଷ୍ଟାନ୍ତରୂପେ ନିଆଯାଇପାରେ । ଉକ୍ତ ଗୀତର 'ମୋ ଲୁଲୁ ପଡ଼ିରେ ଶୋଇ, ମଣ୍ଡିଅଛେ ଘନ ଘୋର ରାତି' କେବଳ ଏଇ ପ୍ରଥମ ପଂକ୍ତିଟିକୁ ଛାଡ଼ିଦେଲେ ଅନ୍ୟ କୌଣସିଟି ଲୁଲୁ ପାଇଁ ଅଭିପ୍ରେତ ନୁହେଁ । ଆଧୁନିକ ସମସ୍ୟାବହୁଳ ଜୀବନର ଛବି ଏଥିରେ ରୂପାୟିତ ।

ନନ୍ଦକିଶୋରଙ୍କ 'କାକବାରତା' ଓ 'ନବବର୍ଷାଭାବନା'ରେ ପାରଂପରିକ ଗୀତରୁ ପଦେ ପଦେ ମୂର୍ଚ୍ଛନା ଦିଆଯାଇଥିଲେ ହେଁ କବିତା-ଦ୍ୱୟର ଭାବ ଓ ଭାଷା ସାଂସାରିକ ଭାବନାରେ ଭାରାକ୍ରାନ୍ତ ।

ଆଧୁନିକ ଗୀତଗୁଡ଼ିକର ଅନ୍ୟ ଏକ ବିଶେଷତ୍ୱ ମଧ୍ୟ ଲକ୍ଷ୍ୟ କରିବାର କଥା । ସେଗୁଡ଼ିକ ଅପେକ୍ଷାକୃତ ଦୀର୍ଘ । ସେଥିରେ ନାନାବାୟା ଗୀତର ଆଭରଣ ଥିବାରୁ ଏବଂ ରଚନା କେତେକ ପରିମାଣରେ ସୁଖବୋଧ ଥିବାରୁ ସେଥିମଧ୍ୟରୁ କେତେକଟିକୁ ବାଛି ମୁଁ ଏ ପୁସ୍ତକରେ ସ୍ଥାନ ଦେଇଛି । ପ୍ରକୃତରେ ଦେଖିଲେ ପ୍ରାଚୀନ ଗୀତଗୁଡ଼ିକୁ ମନରୁ ବୋଲି ମା' ଭଉଣୀମାନେ ଯେପରି ଶିଶୁକୁ ଶୁଣାନ୍ତି, ଏସବୁ ଗୀତକୁ ମନେ ରଖି ସେପରି ବୋଲିବା ସମ୍ଭବ ନୁହେଁ । ମନେରଖିବାକୁ ପଡ଼ୁଥିବାରୁ ପୁରୁଣା ନାନାବାୟା ଗୀତଗୁଡ଼ିକ ଦୀର୍ଘ ହୋଇ ନ ଥିଲା, ମାତ୍ର ଆଧୁନିକ ଶିଶୁସଙ୍ଗୀତ ପଠନ ଓ ଆବୃତ୍ତି ପାଇଁ ଉଦ୍ଦିଷ୍ଟ । ଶିଶୁ ବିଦ୍ୟାଳୟକୁ ଯାଇ ପଢ଼ି ଶିଖିବା-ପରେ ସେଗୁଡ଼ିକ ପଢ଼ିବ ଏବଂ ବୋଲିବ । ଏଣୁ ରଚୟିତାମାନେ ସଂକ୍ଷେପରେ ଆବଶ୍ୟକତା ଉପଲବ୍ଧି କରିନାହାନ୍ତି ।

## ଶିଶୁ ସଂଗୀତରେ ହାସ୍ୟରସ

ଆମର ଅଧିକାଂଶ ପ୍ରାଚୀନ ଶିଶୁ-ସଙ୍ଗୀତ (Nursery Songs) ଶିଶୁକୁ ବୁଝାଇ ଶାନ୍ତ କରିବାପାଇଁ ଉଦ୍ଦିଷ୍ଟ; ତେଣୁ ସେଗୁଡ଼ିକ ମୁଖ୍ୟତଃ ବାତ୍ସଲ୍ୟରସପ୍ରଧାନ । ଅବୁଝା ଶିଶୁ ଗୀତର ସଙ୍ଗୀତରେ ଭୁଲିଯାଏ, ଅର୍ଥରେ ନୁହେଁ । ଶିଶୁକୁ ହସାଇବାପାଇଁ ଆମର ବେଶି କିଛି ଗୀତ ଥିବାପରି ମନେହୁଏ ନାହିଁ । ଯେଉଁ କେତୋଟି ଗୀତ ଏ ସଙ୍କଳନର

ଖେଳ କୌତୁକ ବିଭାଗରେ ଦିଆଯାଇଛି, ଯଥା—ଚୁଉକୁ ମୂଷି, ଗୁଗୁପାଞ୍ଚ ଇତ୍ୟାଦି, ସେଥିରେ ଗୀତର ଭାବ ହାସ୍ୟୋଦ୍ଦୀପକ ନୁହେଁ । 'କାଳିଆ ବଳଦ ଗଲା ରେ, ହାଣ୍ଡି ଧୁଡ଼ୁଧୁଡ଼ୁ କଲା ରେ' କହି ପିଲାକୁ କୁତୁକୁତୁ କରିବାରୁ ସେ ହସେ ।

ପ୍ରକୃତରେ ଦେଖିଲେ, ଓଡ଼ିଆ ନାନାବାୟ ଗୀତରେ ଶିଶୁକୁ ଡରାଇବାପାଇଁ ଯେତେ ଉପାଦାନ ଅଛି, ହସାଇବାପାଇଁ ସେତେ ନାହିଁ । ଅବୁଝା ଶିଶୁକୁ ଭୟ ଦେଖାଇ ତୁନି କରିବା ସହଜ ପନ୍ଥା ହୋଇପାରେ, କିନ୍ତୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ସୁସ୍ଥ ପରଂପରା ନୁହେଁ । କୋକମିନା ଗୀତ ଶୁଣି ଶୁଣି ଏକ ଅହେତୁକ ଭୟ ଶିଶୁର ଅସ୍ଥିମଜ୍ଜାଗତ ହୋଇଯାଏ । ସେ ସାମାନ୍ୟ ଶବ୍ଦ ଶୁଣି ଚମକିଉଠେ ଏବଂ ମାଆକୋଳରେ ମୁହଁ ଲୁଚାଏ । ଏଭଳି ଗୀତ ତା କୋମଳ ମନ ଉପରେ କି ପ୍ରଭାବ ପକାଉଥିବ, ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି ଅନୁମାନ କରିପାରିବେ :

'କୁନୁମୁନି ପଡ଼ି ଶୋଇ, ନିଶବ୍ଦ ଗାଆଁ ଭୂଇଁ
କକବାୟା ଆସେ ଅନ୍ଧାରେ ଅନ୍ଧାରେ
ଶୋଇପଡ଼ ତୁନି ହୋଇ ।
ଗାଆଁ ମୁଣ୍ଡ ନଈକୂଳେ, ମଶାଣିରେ ନିଆଁ ଜଳେ,
ଆସୁଛି ଅନ୍ଧାର ଘୁଡ଼ୁଘୁଡ଼ୁ ଏଣେ
ଶୋଇପଡ଼ ମୋର କୋଳେ ।
ବାଇଆ ଆସୁଛି ଆଜି, କେତେ କଥା ମନେ ହେଜି
ତା' ଝୁଲିମୁଣିରେ ନେଇଯିବ ତୋତେ
ଶୋଇପଡ଼ ଆଖି ବୁଜି ।'

କାନ୍ଦୁଥିବା ପିଲାମାନଙ୍କୁ ଭୁଲାଇ ଶୁଆଇ ଦେବାପାଇଁ ଶିକ୍ଷିତା ମାଆ-ଭଉଣୀମାନେ କୋକମିନାର ଭୟ ନ ଦେଖାଇ 'ଆ ଜହ୍ନମାମୁଁ', 'ନିଦମାଉସୀ' ପ୍ରଭୃତି ଆମୋଦଦାୟକ ଗୀତ ଶୁଣାଇବା ଆବଶ୍ୟକ ।

ଯେଉଁ କାରଣରୁ ହେଉ ପଛକେ, ଓଡ଼ିଆ ଶିଶୁସଂଗୀତରେ ହାସ୍ୟରସର ଅବତାରଣାପାଇଁ ବିଶେଷ ଉଦ୍ୟମ ହୋଇନାହିଁ । ଖୁଆଇବା

ଓ ଶୁଆଇବା ଗୀତରେ ତ ହାସ୍ୟରସ ନ ରହିବା କଥା । ଅନ୍ୟାନ୍ୟ ଗୀତରେ ଯାହା ଅଛି, ତାହା ଅତି ନଗଣ୍ୟ । କିନ୍ତୁ ଶିଶୁ ଟିକିଏ ବଡ ହୋଇ ଯେତେବେଳେ ଗୀତର ଅର୍ଥ ବୁଝିବାକୁ ସମର୍ଥ ହୁଏ, ସେତେବେଳେ ତା ପାଇଁ ହାସ୍ୟରସାତ୍ମକ ମଜା ଗୀତ ଏକାନ୍ତ ଆବଶ୍ୟକ । ଭାବସଙ୍ଗତି ଥାଉ ବା ନ ଥାଉ, ନାନାବାୟା ଗୀତକୁ ହାସ୍ୟରସସିକ୍ତ କରି ଉପଭୋଗ୍ୟ କରାଯାଇପାରେ । ଓଡ଼ିଶା ସରକାରଙ୍କଦ୍ୱାରା ପ୍ରକାଶିତ 'ଛବିବହି'ରୁ ଏହିପରି ଗୋଟିଏ ମଜା ଶିଶୁଗୀତ ଏଠାରେ ଦୃଷ୍ଟାନ୍ତ ସ୍ୱରୂପ ଦିଆଯାଉଅଛି :

ବାଃ ବାଃ ବାଃ, କେମିତି ମଜା
ଭାଲୁ ନାଚ କରେ ବଜାଇ ବାଜା,
ଗଧ ଗୀତ ଗାଇ ଆସିଲା ପଶି
ଖୁସିରେ ପିଲାଏ ଉଠିଲେ ହସି ।

ଇଂରାଜୀ ଭାଷାରେ ଏଭଳି ଅନେକ ଦୃଷ୍ଟାନ୍ତ ଅଛି । ଉଦାହରଣ ସ୍ୱରୂପ :

Doctor Faustus was a good man,
He whipped his scholars now and then,
When he whipped he made them dance
Out of England into France,
Out of France and into Spain,
And then he whipped them back again.

ଇଂରାଜୀ ଶିଶୁ-ପୁସ୍ତକମାନଙ୍କରେ ଏହି ଗୀତଗୁଡ଼ିକୁ ବ୍ୟଙ୍ଗଚିତ୍ର-ଦ୍ୱାରା ଆହୁରି ଚିତ୍ତାକର୍ଷକ କରାଯାଇଥାଏ ।

ଇଂରାଜୀରେ ଆଉ ଏକପ୍ରକାର ମଜାଗୀତକୁ Limerick କୁହାଯାଏ । Edward Lear (୧୮୧୨-୮୮) ଏହାର ପ୍ରବର୍ତ୍ତକ । ପାଞ୍ଚ ଧାଡ଼ିରେ ରଚିତ ଏହି ଗୀତର ଏକ ସ୍ୱତନ୍ତ୍ର ଛନ୍ଦ ଅଛି । ପ୍ରଥମ ଓ ଦ୍ୱିତୀୟ ସଙ୍ଗେ ପଞ୍ଚମ ଧାଡ଼ିର ଏବଂ ତୃତୀୟ ସଙ୍ଗେ ଚତୁର୍ଥ ଧାଡ଼ିର ମିତ୍ରମେଳ ଥାଏ । ନିମ୍ନରେ ଏକ ଉଦାହରଣ ଦିଆଗଲା ।

There was an old man with a beard,
Who said, "It is just as I feared !—
Two Owls and a Hen,
Four Larks and a Wren,
Have all built their nests in my beard !"

ଏଗୁଡ଼ିକୁ ସେ ବ୍ୟଙ୍ଗଚିତ୍ର ସହ ତାଙ୍କ 'Book of Nonsense' ଏବଂ 'More Nonsense' ପୁସ୍ତକରେ ପ୍ରଥମେ ପ୍ରକାଶ କରି ପାଠକମାନଙ୍କୁ ଯଥେଷ୍ଟ ଆମୋଦ ଦେଇଥିଲେ । ତାଙ୍କ ବ୍ୟଙ୍ଗ କବିତା-ଗୁଡ଼ିକୁ ଶିଶୁ ଓ ବୟସ୍କ ବ୍ୟକ୍ତି ଉଭୟେ ଉପଭୋଗ କରିପାରନ୍ତି ।

ଓଡ଼ିଆରେ କୌଣସି ଶିଶୁସଙ୍ଗୀତ (Nursery Rhyme) ଧରାବନ୍ଧା ଛନ୍ଦ ଅନୁସରଣ କରିନାହିଁ କି କେବଳ ହାସ୍ୟୋଦ୍ରେକକାରୀ ନୁହେଁ । ୧୯୮୧ରେ ପ୍ରକାଶିତ ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ପିଲାପିଲିଙ୍କ ଲୋକଗୀତ 'ଭୁମରି ଆମରି ନାଲି ପଇଞ୍ଚି' ପୁସ୍ତକରେ ଯେଉଁ ପାଞ୍ଚଟି ମାତ୍ର 'କଉତୁକିଆ ଗୀତ' ଦିଆଯାଇଛି, ତାର ବ୍ୟଙ୍ଗ ସେତେ ବଳିଷ୍ଠ ନୁହେଁ । ତେଣୁ ପିଲାଙ୍କୁ ହସାଇବାପାଇଁ ଓଡ଼ିଆରେ ସେଭଳି ଶିଶୁଗୀତର ଯେ ଅଭାବ ଅଛି, ଏହା ସ୍ୱୀକାର୍ଯ୍ୟ । ଏ ଜଞ୍ଜାଳମୟ ଯୁଗରେ ଯେତେବେଳେ ମନର ସରସତା ଏକାନ୍ତ କାମ୍ୟ, ସେତେବେଳେ ପ୍ରତ୍ୟେକଙ୍କ ପାଇଁ ହାସ୍ୟରସାତ୍ମକ ରଚନାର ଆବଶ୍ୟକତା ଉପଲବ୍ଧି କରି କବି ଓ ଲେଖକମାନେ ସେ ଦିଗରେ ଉଦ୍ୟମ କରିବା ଉଚିତ । ନୂତନ ସୁରୁଚିସମ୍ପନ୍ନ ବ୍ୟଙ୍ଗଧର୍ମୀ ଶିଶୁସଙ୍ଗୀତ ସର୍ବଥା ସ୍ୱାଗତଯୋଗ୍ୟ ।

## ଓଡ଼ିଆ ଶିଶୁସଙ୍ଗୀତର ଭବିଷ୍ୟତ

ଶିକ୍ଷିତା ନାରୀମହଲରେ ନାନାବାୟା ଗୀତର ଆଦର କ୍ରମଶଃ କମିଯାଉଥିବା କଥା ଏଥିପୂର୍ବରୁ ସୂଚାଇ ଦିଆଯାଇଅଛି । ଏହାକୁ ବଞ୍ଚାଇ-ରଖିବାକୁ ହେଲେ କେବଳ ପୁସ୍ତକର କେତୋଟି ପୃଷ୍ଠାରେ ଛାପିଦେଲେ ଯଥେଷ୍ଟ ହେବନାହିଁ । ଯେଉଁମାନଙ୍କ ଲାଗି ଏ କବିତାର ସୃଷ୍ଟି, ସେମାନଙ୍କ ବ୍ୟବହାରରେ ନ ଲାଗିଲେ ଏଭଳି ସଂଗ୍ରହ ଓ ପ୍ରକାଶନର ମୂଲ୍ୟ କଣ ?

ସ୍ୱାଧୀନତା ପରବର୍ତ୍ତୀ କାଳରେ ଶିକ୍ଷାର ବିକାଶ ପାଇଁ ଆମ ରାଜ୍ୟରେ ଯେଉଁସବୁ ପଦକ୍ଷେପ ନିଆଯାଇଛି, ସେଥିରେ ଏପର୍ଯ୍ୟନ୍ତ ପ୍ରାକ୍-ପ୍ରାଥମିକ ଶିକ୍ଷା (Pre-Primary Education) ପ୍ରତି ସମୁଚିତ ଦୃଷ୍ଟି ଦିଆଯାଇନାହିଁ । ଅନ୍ୟାନ୍ୟ ଉନ୍ନତ ଦେଶରେ ଶ୍ରେଷ୍ଠ ଶିଶୁମାନଙ୍କ ପାଇଁ ଯେପରି କିଣ୍ଡରଗାର୍ଟେନ ଓ ନର୍ସରୀ ସ୍କୁଲମାନ ଅଛି, ଏଠାରେ ସେପରି ନାହିଁ । ଯେଉଁ କେତୋଟି ଅଛି, ସେଗୁଡ଼ିକ English medium Public Schools, ଯେଉଁଠାରେ ଇଂରାଜୀ ଭାଷାମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ଦିଆଯାଏ । ତେଣୁ ସେଠାରେ ଓଡ଼ିଆ ଗୀତ ଶିକ୍ଷା ବା ଆବୃତ୍ତି ପାଇଁ ଅବକାଶ ନାହିଁ । ଏହି ବିଦ୍ୟାଳୟମାନଙ୍କରେ ଯେଉଁ ଓଡ଼ିଆ ପିଲାମାନେ ପଢ଼ନ୍ତି, ସେମାନେ ଇଂରାଜୀ ନାନାବାୟା ଗୀତ (Nursery Rhymes) ଶିଖନ୍ତି ଓ ଅଭ୍ୟାସ କରନ୍ତି । ତିନି ରୁ ଚାରି ବର୍ଷ ବୟସର ଶିଶୁମାନଙ୍କୁ ଆନନ୍ଦ ଦେବାପାଇଁ ଏବଂ ପାଠପଢ଼ା ପ୍ରତି ସେମାନଙ୍କ ମନରେ ଅନୁରାଗ ଜନ୍ମାଇବା ପାଇଁ ସେଠାରେ ରଙ୍ଗିନ୍ ଛବି ଓ ସଙ୍ଗୀତ ସାହାଯ୍ୟରେ ବଚ୍ଛିବଚ୍ଛି ଗୀତର ଆବୃତ୍ତି ଅଭ୍ୟାସ କରାଯାଏ । କିନ୍ତୁ ତାଦୃଶ ଓଡ଼ିଆ ବିଦ୍ୟାଳୟ ନ ଥିବାରୁ ଆମ ନାନାବାୟା ଗୀତର ଚର୍ଚ୍ଚା ବା ବିକାଶ ହୋଇପାରୁନାହିଁ । ଫଳରେ ଓଡ଼ିଆ ସାହିତ୍ୟର ଏକ ଜୀବନ୍ତ ଅଙ୍ଗରୂପେ ନ ରହି ଆମର ପ୍ରାଚୀନ ଗୀତଗୁଡ଼ିକ ସଂଗ୍ରହାଳୟର ବିରଳ ବସ୍ତୁପରି କେବଳ ପୁସ୍ତକରେ ସାଇତା ହୋଇ ରହୁଛି ଏବଂ ପ୍ରତ୍ନତାତ୍ତ୍ୱିକ ଓ ଗବେଷକମାନଙ୍କୁ ସାମୟିକ ଖୋରାକ ଯୋଗାଉଛି ।

ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ନିକଟ ଭବିଷ୍ୟତରେ ଓଡ଼ିଆ ପ୍ରାକ୍ ପ୍ରାଥମିକ ବିଦ୍ୟାଳୟର ଆବଶ୍ୟକତା ଅନୁଭୂତ ହେବ, ଏଥିରେ ସନ୍ଦେହ ନାହିଁ । ସେତେବେଳେ ଶ୍ରେଷ୍ଠ ଶିଶୁମାନଙ୍କ ପାଇଁ ଉପଯୁକ୍ତ ନାନାବାୟା ଗୀତ ନିଶ୍ଚୟ ଖୋଜାପଡ଼ିବ । କିନ୍ତୁ ପରିମାର୍ଜିତ ନ ହେଲେ ଆମର ପାରଂପରିକ ଲୋକପ୍ରିୟ ନାନାବାୟା ଗୀତ ବା ଆଧୁନିକ କବିମାନଙ୍କ ଦୀର୍ଘ ରଚନା ସେ କ୍ଷେତ୍ରରେ କାମ ଦେବନାହିଁ । ଆମର ପ୍ରାଚୀନ ଲୋକଗୀତ-ମଧ୍ୟରୁ ଯେଉଁଗୁଡ଼ିକ ଶିଶୁ-ମନୋବିଜ୍ଞାନ ଦୃଷ୍ଟିରୁ ନିର୍ଦ୍ଦୋଷ ଓ କୌତୂହଳୋଦ୍ଦୀପକ ଏବଂ ଶିଶୁର ପରିପାର୍ଶ୍ୱ ଉପରେ ଆଧାରିତ,

ଯାହାକୁ ସଙ୍ଗୀତ ରୂପେ ଆବୃତ୍ତି କରିହେବ, ସେହିଭଳି ଗୀତକୁ ସେତେବେଳେ ବାଛିବାକୁ ପଡ଼ିବ । ଆଧୁନିକ ରଚନା ପାଇଁ ମଧ୍ୟ ଉପରୋକ୍ତ ନିୟମ ପ୍ରଯୋଜ୍ୟ । ତା' ଛଡ଼ା ଶ୍ରେଷ୍ଠ ଶିଶୁମାନଙ୍କ ଉଦ୍ଦେଶ୍ୟରେ ରଚିତ କୌଣସି ଗୀତ ଦୀର୍ଘ ହେବା ମଧ୍ୟ ଉଚିତ ନୁହେଁ; କାରଣ ପଢ଼ି ନ ଜାଣିଥିବା ଶିଶୁ ପକ୍ଷରେ ଏଭଳି ଗୀତକୁ ଶୁଣି ଶୁଣି ମନେରଖିବା ଏବଂ ଆବୃତ୍ତି କରିବା କଷ୍ଟକର ।

ଏ ସମ୍ପର୍କରେ ଆଉ ଗୋଟିଏ କଥା ସୂଚାଇଦେବା ଉଚିତ ମନେ-କରୁଛି । ବିଶିଷ୍ଟ ସଂଗୀତଜ୍ଞମାନଙ୍କଦ୍ୱାରା କେତେଗୋଟି ସୁନିର୍ବାଚିତ ଶିଶୁସଂଗୀତର ରେକର୍ଡ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏବେ ଓଡ଼ିଆ ଶିଶୁମାନଙ୍କ କଣ୍ଠରେ ହିନ୍ଦୀ ସିନେମା ଗୀତ ବେଶ୍ ଆସ୍ଥାନ ଜମେଇବାକୁ ଆରମ୍ଭ କଲାଣି । 'କଇଁଞ୍ଚ କାକୁଡ଼ି ନଳିତା ପିତା, ବାବୁଲି ହେବ ମୋ ଜଗତଜିତା' ଗୀତଟି ରେକର୍ଡ କରାଯିବାପରେ ଶ୍ରୋତାମାନଙ୍କ ସ୍ମୃତିପଟରେ ସ୍ଥାୟୀ ଛାପ ରଖିଯାଇଛି । ନାନାବାୟା ଗୀତର ସାଙ୍ଗୀତିକ ମୂଲ୍ୟକୁ ଉପେକ୍ଷା କଲେ ତାହା କେବଳ କେତେକ ଅର୍ଥ-ସଂଗତିହୀନ ପଦସମଷ୍ଟି ହୋଇ ରହିବ ମାତ୍ର ।

## ଉପସଂହାର

ଏହି ସଂଗ୍ରହରେ ଥିବା ପୁରୁଣା ଲୋକଗୀତଗୁଡ଼ିକ କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ମାତ୍ର ଏହାକୁ ପିଲାଙ୍କ ଗୀତ କହିଲେ ଠିକ୍ ହେବ ନାହିଁ; କାରଣ ସବୁ ଶିଶୁ ପିଲାପଦବାଚ୍ୟ ହେଲେହେଁ ସବୁ ପିଲା ଶିଶୁ ନୁହନ୍ତି । ଶିଶୁସାହିତ୍ୟର ପରିସର ବିଚାର କଲାବେଳେ ସାଧାରଣତଃ ସାତ ବର୍ଷ ଓ ଚଉଦ ବର୍ଷକୁ ଦୁଇ ପ୍ରାନ୍ତ ସୀମା ବୋଲି ଧରାଯାଇଥାଏ । ଏ କ୍ଷେତ୍ରରେ କିନ୍ତୁ ପ୍ରାକ୍-ପ୍ରାଥମିକ ସ୍ତରର ଅର୍ଥାତ୍ ଏକରୁ ପାଞ୍ଚ-ଛଅ ବର୍ଷ ବୟସର ଶିଶୁଙ୍କୁ ଦୃଷ୍ଟି ଆଗରେ ରଖି ଏ ସଂକଳନର ପ୍ରାଚୀନ ନାନାବାୟା ଗୀତଗୁଡ଼ିକୁ ବଛାଯାଇଛି । ଇଂରାଜୀରେ ଯାହାକୁ Nursery Rhymes କୁହାଯାଏ, ଏଗୁଡ଼ିକ ପ୍ରାୟ ସେହି ଶ୍ରେଣୀର । ତେବେ ଏହି ସଂଗ୍ରହର ଖେଳ, ଶିକ୍ଷା ଓ କଥାଣୀ ବିଭାଗରେ ସାମାନ୍ୟ ବ୍ୟତିକ୍ରମ କରାଯାଇଛି । ସେହି ଗୀତଗୁଡ଼ିକୁ କାହିଁକି ଏଥିରେ

ଅନ୍ତର୍ଭୁକ୍ତ କରାଗଲା, ଏ ପ୍ରଶ୍ନ ଉଠିପାରେ । ଯଦିଓ ପୁଚି ଓ ଦୋଳି ମୁଖ୍ୟତଃ କିଶୋର ବୟସର ପିଲାମାନଙ୍କ ଖେଳ, ପାଞ୍ଚ ଛଅ ବର୍ଷର ଝିଅପୁଅମାନେ ଯେ ସେ ଖେଳ ନ ଖେଳନ୍ତି, ତାହା ନୁହେଁ । ତେଣୁ କେତେକ ସରଳ ଖେଳଗୀତକୁ ଏ ବିଭାଗରେ ଗ୍ରହଣ କରାଯାଇଛି । ଶିକ୍ଷା ଓ କଥାଣୀ ଗୀତ ପ୍ରତି ମଧ୍ୟ ଅନୁରୂପ ଯୁକ୍ତି ପ୍ରଯୋଜ୍ୟ । ଏ ସମସ୍ତ ଗୀତର ମୋଟ ସଂଖ୍ୟା ଦୁଇଶହ ଏକ ।

ଜଣା ଅଜଣା ଯେଉଁ କବିମାନଙ୍କ ରଚନାକୁ ନେଇ ଏ ପୁସ୍ତକଟି ପ୍ରସ୍ତୁତ କରାଯାଇଛି, ସେ ସମସ୍ତେ ଆମ ଧନ୍ୟବାଦର ପାତ୍ର । ପୂର୍ବତନ ସଂଗ୍ରାହକମାନଙ୍କର ଯେଉଁ ଯେଉଁ ମୁଦ୍ରିତ ଗ୍ରନ୍ଥରୁ ସାହାଯ୍ୟ ନିଆଯାଇଛି, ସେଗୁଡ଼ିକର ନାମ ଏଠାରେ ଉଲ୍ଲେଖ ନ କଲେ କୃତଘ୍ନତା ହେବ । ଶ୍ରୀ ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଗାଉଁଲି ଗୀତ,' ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ 'ପଲ୍ଲୀଗୀତି ସଞ୍ଚୟନ' ଓ ସଦ୍ୟ ପ୍ରକାଶିତ 'ଝୁମର ଆମର ନାଲି ପଇଞ୍ଚ' ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଙ୍କ ଦ୍ୱାରା ପ୍ରକାଶିତ 'ଲୋକଗୀତ' ସେଥିମଧ୍ୟରେ ପ୍ରଧାନ । ଡକ୍ଟର ମହୀନ୍ଦ୍ର ମହାନ୍ତି ସ୍ୱତଃପ୍ରବୃତ୍ତ ହୋଇ ତାଙ୍କ ଅପ୍ରକାଶିତ ନାନାବାୟା ଗୀତ ସଂଗ୍ରହର ପାଣ୍ଡୁଲିପିଟି ମୋତେ ଦେଖିବାକୁ ଦେଇଥିଲେ । ତାଙ୍କର ଏହି ଅକୁଣ୍ଠ ସହଯୋଗ ଲାଗି ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଏମାନଙ୍କ ବ୍ୟତୀତ ବହୁ ସଂସ୍କୃତିପ୍ରେମୀ ବନ୍ଧୁ, ବିଶେଷତଃ ମହିଳା ବିଭିନ୍ନ ଅଞ୍ଚଳର ନାନାବାୟା ଗୀତ ଯୋଗାଇ ଦେଇ ମୋତେ ସାହାଯ୍ୟ କରିଅଛନ୍ତି । ସେ ସମସ୍ତଙ୍କ ନାମୋଲ୍ଲେଖ ସମ୍ଭବ ନ ହେଲେହେଁ କେତେକଙ୍କ ନାମ ସୂଚାଇଦେବା ମୁଁ ଉଚିତ ମନେକରେ । ଜଟଣୀରୁ ଶ୍ରୀମତୀ ପ୍ରମିଳା ନାୟକ, ବ୍ରହ୍ମପୁରରୁ ଶ୍ରୀମତୀ ମମତା ଦାସ, ବାଗୁଡ଼ିରୁ କୁମାରୀ ରାଧାରାଣୀ ପଣ୍ଡା, ବାରିପଦାରୁ ଶ୍ରୀ ନିଶାକର ସାହୁ, ମୋର କନ୍ୟା, ପୁତ୍ରବଧୂ ଏବଂ ବହୁ ଛୋଟ ଛୋଟ ଝିଅଙ୍କ ସମ୍ମିଳିତ ଉଦ୍ୟମରେ ଏ ଗ୍ରନ୍ଥ ପୁଷ୍ଟ । ତଥାପି ଏ ସଂଗ୍ରହ ସମ୍ପୂର୍ଣ୍ଣ ନୁହେଁ । ଏହି ଜାତୀୟ ବହୁ ଶିଶୁସଂଗୀତ ସାମାନ୍ୟ

ପରିବର୍ତ୍ତିତ ରୂପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯେ ପ୍ରଚଳିତ ଅଛି, ଏହା ନିଃସନ୍ଦେହ ।

ଆଧୁନିକ ନାନାବାୟା ଗୀତ ଏ ସଂକଳନର ମୁଖ୍ୟ ଅଙ୍ଗ ହୋଇ ନ ଥିବାରୁ ସବୁ ରଚନା ଏଥିରେ ସଂଯୋଜିତ କରି ଏହାକୁ ପ୍ରତିନିଧିମୂଳକ କରିବାର ପ୍ରୟାସ କରାଯାଇନାହିଁ । ନନ୍ଦକିଶୋର ବଳଙ୍କ ସମୟ ଓ ଆଜି ଭିତରେ ଆମ ପଲ୍ଲୀସମାଜ ଅନେକ ପରିବର୍ତ୍ତନ ଦେଖିଆସିଲାଣି । ଆମ ଚିନ୍ତା ଓ କର୍ମ ବର୍ତ୍ତମାନ ଯନ୍ତ୍ରଶିଳ୍ପ ଓ ବିଜ୍ଞାନଦ୍ୱାରା ସତତ ପ୍ରଭାବିତ । ସାଂପ୍ରତିକ କବିତାରେ ନାନାବାୟା ଗୀତର କ୍ଷେତ୍ର ସଂକୁଚିତ ହୋଇ ଆସୁଥିଲେହେଁ ପ୍ରାକ୍‌ବିଦ୍ୟାଳୟ ଶିଶୁଶିକ୍ଷାରେ ଏହାର ଗୁରୁତ୍ୱ ଯେ ଅଚିରେ ଅନୁଭୂତ ହେବ, ଏପରି ଭାବିବାର ଯଥେଷ୍ଟ କାରଣ ରହିଛି । ତେଣୁ ଏହାର ମୃତ୍ୟୁ ନାହିଁ । କିନ୍ତୁ ଆଗାମୀ ଯୁଗର ପରିପ୍ରେକ୍ଷୀରେ ଏହା କି ଆକାର ଧାରଣ କରିବ ତାହା କେବଳ ଭବିଷ୍ୟତ ହିଁ କହିବ ।

‘ଶିଶୁଦିବସ’ — ରାମକୃଷ୍ଣ ନନ୍ଦ
ତା ୧୪ । ୧୧ । ୧୯୮୧

ପ୍ରଥମ ଭାଗ

# ପ୍ରାଚୀନ ଓଡ଼ିଆ ଶିଶୁସଂଗୀତ

ବା

# ନାନାବାୟା ଗୀତ

( NURSERY SONGS )

# ଖେଳ କରିବା,
# ଝୁଲାଇବା ଓ
# ନଚାଇବା ଗୀତ

ଝୁଲୁ ହାଣ୍ଡି, ଝୁଲୁ ହାଣ୍ଡି
ଝୁଲିଲେ ଖାଇବୁ ଖଣ୍ଡେ ଗୁଡି ।

ହାଣ୍ଡି ଝୁଲୁ ରେ
ବାଆ ପାଣି ଖାଇ ଫୁଲୁ ରେ ।

ହାଣ୍ଡି ଯାଇଥିଲା ନଅର
ହାଣ୍ଡି ମୁଣ୍ଡରେ ମୋ ସୁନାଚଅଁର ।
ମୋର ହାଣ୍ଡି ଧାଇଁଥାଏ ଲସରପସର
କଆକନ୍ଦା ଖାଇବାକୁ,
ମୋର କହ୍ନେଇ ଧାଇଁଥେ ଲସର ପସର
ବୋଉ ଦୁଧ ଖାଇବାକୁ ।

★

ଚାଲି ଚାଲି ବନମାଳୀ
ବନ ଗଛ ମୂଳେ ଖଜୁରିକୋଳି
ପିଲାଏ ଖାଆନ୍ତି ତୋଳିତାଳି ।

ଚାଲିସର, ଚାଲିସର
ଦୁଧଭାତ ଖାଇ ସରସର
ଠୋକେଇ କୁଣ୍ଢେଇ ସଜ କର
କୁନ ଯିବ ମୋର ମାମୁଘର ।

★

କଇଞ୍ଚ କାକୁଡ଼ି ନଳତା ପିତା
ବାବୁଲ ହେବ ମୋ ଜଗତଜିତା
କହିବେ ରେ ଲୋକେ କିଏ ତା ମାତା ।

★

ଏଜଟି ମୋ ଧନ ତ
କଳା ମେଘରେ ଜହ୍ନ ତ ।
ସରଗର ଦରପଣ ତ
ଇନ୍ଦ୍ର ପଟିଆ ଚଢ଼ି ତ
ତିନିପୁର ଦେବ ପୋଢ଼ି ତ ।
ବଗୁଲିଆ ଏଠା ତ
ନାଚଇ ବଣିଆ ଗେଠା ତ ।
ପିଲାଙ୍କ ଭିତରେ ଗୁନ୍ଧ ତ
ଶ୍ରେଷ୍ଠ ବାଳକେର ବାନ୍ଧ ତ ।
ନନା ହେ ନମସ୍କାର
କୋଉ ଲୋ ଶୁଖୁଆ ପୋଢ଼ି ପଖାଳ ବାଢ଼ ।

(କଟକ)

★

ବନା ମାଆ ଛା ଧେଇକି
ହଳ ଯିବ କୋଉ ସାଇକି ?
ହଳ ଯିବ ଗହମ ପଦା
ବାଟରେ ଦେଖିଲ ସପୁର ବୁଢା ।
ସେଇଠି ବଇଦ ଥିଲା
ଘରକୁ ଡାକନେଲା,
ଦେଲା କାଣ୍ଡିଆ କୁଣ୍ଡା
ଧଇଲା ପେଟ କାମୁଡ଼ା ।

(ଭଦ୍ରକ)

★

ମୋ ଧନ ଘର କଏ ହବ ରେ
ଉଡ଼ିଯାଉଥିଲେ ସୁବର୍ଣ୍ଣ ଚଢ଼େଇ
ଧରିଆଣି କଏ ଦବ ରେ ?

★

ତାକ୍ ଧିନାଧିନ୍ ଗେଣ୍ଡାରୁ ମାଳେ
କୁନୁକୁ ଲଗିଛି କ୍ଷେତରପାଳେ ।

★

ତା ଥେଇକି
ତା ଛକି
ମାଧିଆ ମାଇଲି କୁଣ୍ଡାଖାଇକି
ଆଉ କୁଣ୍ଡାଖାଇ ଘରେ ଥାଇ କି ?
ତା ଧେଇ ତା ଧେଇ ନନ୍ଦେ
ତ'ଳ ବାଡ଼ିକି ତାଳ ଖାଇଗଲେ
ଗୋଡ଼େଇ ମାଇଲେ କନ୍ଦେ ।
ଧେଇକି ରେ, ମୋର ଥେଇକି ରେ ।
ମୋ ରଙ୍କୁଣୀ ପେଟିଆ ଲାଉ
ମୋ ଧନକୁ ଯେ ମନ୍ଦ ମନାସିବ
ତଳତଳା ହୋଇଯାଉ ।

★

ବେଙ୍ଗୁଲି ବେଙ୍ଗୁଲି ପାଣି ଦେ
ନଈବଢ଼ି କର ଭସେଇ ଦେ ।

★

ବାଇଚଢ଼େଇ ରେ ବାଇଚଢ଼େଇ
ତୋ ମାଆ ଯାଇଛି ଗାଈ ଚରେଇ
ଗାଈରୁ ଆଣିବ ପାଚିଲା ବେଲ
କୁଲରେ ପକାଇ କରିବ ଗେଲ ।

★

କୁଆ କେମିତି ବେଙ୍ଗ ନଏ
ଗୋଡ଼ ଦିଓଟି ଲଡ଼କୁଥାଏ ।
( ଶିଶୁକୁ ଦୁଇ ହାତରେ ଟେକିଧରି ଝୁଲାଇବାବେଳର ଗୀତ )

★

କୁଆ ମୋର ବେଙ୍ଗକୁ ନେଲା
ଗୋଡ଼ ଦୁଇଖଣ୍ଡି ହଲାଇ ଦେଲା
ତା ଧେଇ ଲୋ ତା ଧେଇ,
ଚାରି କାଡ଼ ଭାତ ବାଢ଼
ମୁଁ ଯାଉଛି ଗାଧୋଇ ।
(ବାରିପଦା)

★

ହାଣ୍ଡି କାଳିଆ ଅସଲ ମେଳିଆ
ନ ଜାଣଇ ଖାଲି ଖମା,
ଗୋପପୁରେ ଥାଇ ଦୁଧସର ଖାଇ
ହୋଇଛି ଧୂସରଧୂମା ।
ମୋ ହାଣ୍ଡି ଝୁଲ୍‌ରେ
ବାଆପାଣି ଖାଇ ଫୁଲ୍‌ରେ ।

★

ଝୁଲ୍ ପଣ୍ଡା, ଝୁଲ୍ ପଣ୍ଡା
ଝୁଲୁ ଝୁଲୁ ଖାଏ ଛେନାମଣ୍ଡା
ନ ଝୁଲିଲେ ଖାଏ ଗୁଲି ଗେଣ୍ଡା ।

❋

ବାଇମୁଣ୍ଡି, ବାଇମୁଣ୍ଡି
କିଛି ଖାଇନାହିଁ ଖାଲି ତୁଣ୍ଡି ।

★

ଝୁଲ୍‌ରେ ହାଣ୍ଡି ଝୁଲ୍
ବାଆପାଣି ଖାଇ ଫୁଲ୍ ।
ବଣେ ବୁଲୁଥାଏ ବାଇଆ ହାଣ୍ଡି,
ଆଈ ମା କୋଳେ ଅବୁଝା ନାତି ।

(ଭଦ୍ରକ)

କ ଠିଗଲ ଡହୁକ ଡୁମେର (୧)
ପକାଇଲ ଝୁଣ୍ଟିଲରେ (୨)
ଗୁଟେ ବୋଲ ପୁଅ ରେ ମୋହର
ବାଜୁଡ଼ କୁମର ରେ ।
ତୋର ବାଳ ଟିକେ ଦେଖିଲେ ପୁଅ ମୋର
ଶଉଳର କେଶନ ରେ (୩)

ତୋର ଆଖି ଟିକେ ଦେଖିଲେ ପୁଅ ରେ
ଗୁଞ୍ଜୁରୁ ଗୁଞ୍ଜାନରେ
ତୋର ନାକ ଟିକେ ଦେଖିଲେ ପୁଅ ରେ
ଖଣ୍ଡାରେ ଧାରନ ରେ
କେନ ବଧାତା ପୁଅ ମୋର ଚଢି ଦଏଲେ ଊନାନରେ
................

ତୋର ଗୁଣ୍ଡି ଟିକେ ଦେଖିଲେ ପୁଅ ମୋର
କୁଳ ଫଳ ଗୁଣ୍ଡିନ ରେ
ତୋର ଅଣ୍ଟା ଟିକେ ଦେଖିଲେ ପୁଅ ମୋର
ମୃଗୁ ଅଣ୍ଟାନରେ ।
କାଠିଗଲ.........

★

(ଭବାନୀପାଟଣା)

---

(୧) ଡହୁକ ଡୁମେର— ପାଚଲା ଡିମିରି କୋଳି (୨) ଝୁଣ୍ଟିଲ— ଗୋଟିକ ପରେ ଗୋଟିଏ (୩) ଶଉଳର କେଶନରେ— କୁଞ୍ଚକୁଞ୍ଚିଆ ବାଳ

ଇ’ଲି ମି’ଲି ଖି’ଲି କାଣ୍ଡି
ରଜାଘର ପାଟହାଣ୍ଡି
ହାଣ୍ଡି ଖାଏ ବରଡାଳ
ଡେଇଁ ଦ। ପାରେ ନଈନାଳ ।
ହାଣ୍ଡି ପିଠିରେ ଅଛି କାବୁ
ତହିଁରେ ବସିବ ବାବୁ ।

(ଇରମ—ବାଲେଶ୍ୱର)

★

ଦୋଳି ତ ଦୋଳି ପବନ ଦୋଳି
ଦୋଳି କ ଦୋଳି ଖଜୁରିକୋଳି
ଜାଉ ମାଗୁଛୁ ନା ଭାତ ମାଗୁଛୁ
ମାଗୁଛି ଖଜୁରିକୋଳି ।

★

ଡାକ୍ ଧିନାଧିନ୍ ଡାକ୍ ଧିନାଧିନ୍
ଡାକ୍ ଧିନାଧିନ୍ ନାଟରେ
ସମସ୍ତେ ପିନ୍ଧିଲେ ଛିଣ୍ଡା କନ୍ଥା
ମୋ ଧନ ପିନ୍ଧିଲା ପାଟରେ ।
ଡାକ୍ ଧିନାଧିନ୍ ଲାଉ,
ତେନ୍ତୁଳି ପତ୍ରରେ ପିଠା କରିଥିଲି
ପାଟି କଲା ଠାଉ ଠାଉ ।

(ଇରମ—ବାଲେଶ୍ୱର)

★

ବାଇଡଢ଼େଇ ରେ ବାଇଡଢ଼େଇ
ତୋ ମାଆ ଯାଇଛି ଗାଈ ଚରେଇ ।
କାଳୀଟାଙ୍ଗିଠାରୁ କ୍ଷୀର ଆଣିବ
କ୍ଷୀର କରି ତୋତେ ଖୁଆଇଦେବ ।

ଗୋଡ଼ରେ ପକାଇ କଣ୍ଟବ ଗେଲ
ଲଗାଇ ଦେବ ସେ ହଳଦୀ ତେଲ ।
ମାଠିମୁଠି ଦେବ ଗୃନ୍ଦମୁହଁଟି
ମାଆ ଯିବ ତୋର ଧାନ ସାଉଁଟି ।

★

ବାଇଚଢ଼େଇ ତୁ ନ କର ଗୋଳ
ମଆ ତୋର ଯିବ ଗମ୍ଭୀର ବିଲ ।
ଗମ୍ଭୀର ବିଲରୁ ଆଣିବ ଧାନ
ମାଡ଼ ଆସୁଅଛି ଝଡ଼ ପବନ ।
ନଡ଼ିଆ ବାହୁଙ୍ଗା ଯାଇଛି ଝଡ଼
ଝଡ଼ ବରଷାରେ ଯାଇଛି ଉଡ଼ ।
ପାଣି ପବନକୁ ଖାତିର ନାହିଁ
ବାଆ କଲେ ବସା ଦୋହଲୁଥାଇ ।
(ଜଟଣି-ପୁରୀ)

★

ତାକ୍ ବଦନ୍ ଥୈଯ୍ୟା
ନାଚେ କନ୍ହେଯ୍ୟା,
ରେଡ଼ ମେ ଫାଟୁଲ୍ ଟୁଟୁଲ୍
ଭଠ୍ ବଦୋର,
ମୁଁ ଚ୍ମେ ଝିଟୋର ଝାଟୋର
ପିଠ୍ କାବୋଷ ।
ତାକ୍ ଧିନା ଧିନା ଧିନା
ମୋ ସୁନା ଖାଉଥିବା ମିଠେଇ ଦନା
କସନ କଲାହାଁସୁ ପଡ଼ଲେ ଜୁହ୍ନା (୧)
ଆମର୍ ବାବୁର କାଏଁ ଟା ଲୁନା ।
(ବରଗଡ଼)

★

(୧) ପୁରୁଣା

ମୋ କୃଷ୍ଣ ନାଚୁଥିବେ ଝଲଝଲ
ଅଣ୍ଟାରେ ଘାଗୁଡ଼ି ମାଳକ ମାଳ ।
କୃଷ୍ଣ ନାଚୁଥିବେ ବାଡ଼ିଆଡ଼େ
ଅଣ୍ଟା ଲାଗିଗଲା ଗୃହଆଡ଼େ ।

★

ତାଇ ତାଇ ତାଇ    ଅଜା ଘର ଯାଇ
ମାଛ ଭାତ ଖାଇ    ନାଚ ଗାଇ ଗାଇ ।

★

କାଇଁଚ କେରାଏ ଦେଉଁ
ବେଣା କେରାଏ ଦେଉଁ
କାହିଁ ଗଲା ମୋ ବାଇଆ ହାଣ୍ଡି ଖୋଜି ଖୋଜି ନ ପାଉଁ ।

ବାଉଁଶ ବାଡ଼କୁ ଯାଉଁ
ଅଁଳା କୋଳି ଖାଉଁ
ଖୋଜି ଖୋଜି ମୋ ଧନମାଳୀକୁ ପାଉଁଶଗଦାରେ ପାଉଁ ।

★

ତୁ ମୋ କଳା କାଇଁଚ
ସର ଲବଣୀ ମାଗୁ ତୁ ଲାଞ୍ଚ ଲୋ ।

ଯଶୋଦା ଉଞ୍ଚ ଦୁଆରେ ଲୋ ସଜନୀ
ଯଶୋଦା ଉଞ୍ଚ ଦୁଆରେ,
ମୋ କୃଷ୍ଣ ଆସନ୍ତି ଗୋରୁ ପଛରେ ସେ
ଚାଲୁଥାନ୍ତି ଧୀରେ ଧୀରେ ଲୋ । ୧ ।

ସବୁ ଗୋପୀ ମୁଣ୍ଡେ ଚୂଳ ଲୋ ସଜନୀ
ସବୁ ଗୋପୀ ମୁଣ୍ଡେ ଚୂଳ,
ମୋ କୃଷ୍ଣ ମୁଣ୍ଡକୁ ସୁନ୍ଦର ଦିଶଇ
କେଳିଫୁଲ ଜାମୁଡାଳ ଲୋ । ୨ ।

ସବୁ ଗୋପୀ ହାତେ ବାଡ଼ି ଲୋ ସଜନୀ
ସବୁ ଗୋପୀ ହାତେ ବାଡ଼ି,
ମୋ କୃଷ୍ଣ ହସ୍ତକୁ କେନ୍ଦୁ ଲଉଡ଼ି ସେ
ଖେଳୁଥାନ୍ତି ଢଳଢଳ ଲୋ । ୩ ।
(ନରସିଂହପୁର)

★

ହାତୀ ଝୁଲୁଛି ରେ, ଦିଶୁଛି କେଡ଼େ ସୁନ୍ଦର !
ଅପୂରୁବ ହାତୀ କାହୁଁ ଯେ ଅଇଲା
କି ଅବା ନୀଳ ମନ୍ଦର ।
କେ ବୋଲେ ଏ ହାତୀ ଗଇ ରଜାଙ୍କର
ଆସିଛି ଗୋପ ନଗର,
ଏହି ନୀଳ ହାତୀ ବଡ଼ ଦୁରୁଦଣ୍ଡ
ଭାଙ୍ଗିଦେବ ଘରଦ୍ୱାର ।
(ଜଟଣୀ-ପୁରୀ)

★

ନାଚ ନାଚ କେତେ ଝାଳ
ଗଲଣି ଲୋ ବହି,
ସେତିକବେଳୁ ନାଚୁଛି
ମୋ କଳା କହ୍ନାଇ ।
କିଏ କି ଦରବ ଦେଇ-
ଥାଅ ମୋ ପୁଅକୁ,
ମାଗଣା ପାଇଲ ଅବା
ନାଚ ଦେଖିବାକୁ ।
(ଜଟଣୀ)

★

ଧେ ଧେଇକି ନାଚ, ତା ଧେଇ ନାଚ
ତାକ୍ ଧେଇ ଧେଇ ତାଧେଇ ନାଚ,
ମୋ ଧନ ପିନ୍ଧବ ଦକ୍ଷିଣୀ ପାଟ ।
ନାଚ ମନ୍ଦର. ନାଚ ମନ୍ଦର,
ନାଚୁଆ ପଶିବ କୋଡ଼ କନ୍ଦର ।
କୃଷ୍ଣ ନାଚୁଥିବ ଥେଇକି ଥେଇ
ଅଣ୍ଟାର ଘାଗୁଡ଼ି ତଳକୁ ଥୋଇ ।

★

ଆମ୍ବ ପାଚେ    ପଣସ ପାଚେ
ତା ତଳେ ତଳେ    ନେଉଳ ନାଚେ
ନେଉଳ ଖାଇ ମଲା
ଷାଠିଏ ଟଙ୍କାର    ଶଗଡ଼ କିଣିଲା
ବଳଦ ପଟେ ଗଲା ।

★

ପାଠ ପଢ଼ିବୁ ତୁ    ବଡ଼ଲୋକ ହେବୁ
ପାଲଙ୍କି ପାଟରେ ଛତା,
ଘୋଡ଼ା ହାତୀ ଦାସ—    ଦାସୀ ହେବେ ତୋର
ମାଡ଼ି ବୁଲୁଥିବୁ ଜୋତା ।
ଏ ଘର ଦୁଆର    ଦିଶିବ ସୁନ୍ଦର
ଧବଳ ମୟୂର ପୁର,
ଦେଖିଣ ଜଳିବେ    ଶତ୍ରୁ ଚଙ୍କିଯିବେ
ଲାଜେ ହୋଇଯିବେ ଦୂର ।
(କଟଣୀ)

★

# କାନ୍ଦୁଥିଲେ
# ବୁଝାଇବା ଗୀତ

ମୋ କୁନକୁ କିଏ ମାରିଲା ମାଡ଼ ଲୋ
ଭାଙ୍ଗି ପକେଇଲା ପଞ୍ଜରାହାଡ଼
ନେଇ ମାମୁଘରେ ଛାଡ଼ ।
ମାମୁ ତ କହିଲେ ଏଇଟି କିଏ
ମାଇଁ ତ କହିଲେ ଭଣଜାଟିଏ
ଧୋଇଧାଇ କରି ଘରକୁ ନିଅ
ପୀତାମ୍ବର ପାଟ ପିନ୍ଧାଇ ଦିଅ
ଦୁଧ ଭାତ କରି ଗୁଣ୍ଡିଏ ଦିଅ
ଖଟ ପଲଙ୍କରେ ଶୁଆଇ ଦିଅ ।

( କଟକ, ପୁରୀ

★

ଆଇ ଆଇ ରେ କଜଳପାତି
ଗାଈ ମଣିତେ ଯିବା
ବାପ ମାଆ ଗାଳି ଦେଲେ
ଯୋଗୀ ବେଶ ହବା ।
ଭୋକ କଲେ ଖାଇବା କିସ
ଆମ୍ବାଡ଼ିଆ ଫଳ,
ଶୋଷ କଲେ ପିଇବା କିସ
କଇଁ ଗଡ଼ିଆ ଜଳ ।
ନିଦ ଲାଗିଲେ ଶୋଇବା କେଉଁ
ଗାଈ ପେଟତଳ,
ଶୀତ କଲେ ଘୋଡ଼ିବା କିସ
ଗଛର ବକଳ ।

( ଜଳେଶ୍ବର )

★

( ଉପର ଗୀତର ଭିନ୍ନ ରୂପ )

ଆୟୁରେ ଆୟୁ ଚେତାବଣି ଗାଈ ଚରେଇଯିବା
ମାଆ ବାପ ଗାଳିଦେବେ ସନ୍ନ୍ୟାସୀ ହୋଇବା ।
ଭୋକ ପାଇଲେ କି ଖାଇବା ? ଅଷାଢ଼ୁଆ ଫଳ
ନିଦ ମାଡ଼ିଲେ କେଁଠେ ଶୋଇବା ? ଗୋରୁ ଗୋଡ଼ ତଳ ।
ଶୋଷ ପାଇଲେ କି ପିଇବା ? କଂସେଇ ନଈ ଜଳ
କଂସେଇ ନଈ ଜଳ ଯେ ଝିକ୍ ଝିକ୍ କରେ
ମୋର ବାବୁର ଆଖି ଦୁଟି ମିଟ୍ ମିଟ୍ କରେ ।

( ମେଦ୍ନୀପୁର )

★

କିଏ ମାଇଲା ରେ   କିଏ ଧଇଲା
କାହା ବୋଲେ ଗଲୁ ରୁଷି,
ଆ'ଣ ପାନଆଁ   ଖାଙ୍କିବ ମୁଣ୍ଡ
ରଙ୍ଗ ଜାହାଜରେ ବସି ।
କିଏ ମାଇଲା ?
ଅଡ଼ ଗଛମୂଳେ ବଡ଼ ମାଇଲା
ପାକଲା ଗାମୁଛା ଉଇ ମାଇଲା
ଉ'ଠ କନଆଁ ହୁଇ ମାଇଲା
ବରଗଛ ମୂଳେ ବର ଆଇଲା ।

( ଇରମ-ବାଲେଶ୍ୱର )

★

କିଏ ମାଇଲା ରେ କିଏ ଧଇଲା
କାହା ବୋଲେ ଗଲୁ ରୁଷି
ନୂଆ ନଈତଳେ ଗାଧୋଉଥିଲେ
ମାମୁଁ ନେଇଗଲେ ଆସି ।
ମାଈଁ ପଚାରିଲେ ଏଇଟି କିଏ
ବଡ଼ ନଣନ୍ଦର ପୁଅ,

ମାମୁଁ ଲଗେଇଛୁ ତାଳବୁରେଇ (୧)
ଖୁଙ୍କୁଡ଼ (୨) ଚରିବୁ ରହ ।
( ବାଗୁଡ଼ି-ବାଲେଶ୍ୱର )

★

କିଏ ସେ ମାରିଲା     କିଏ ଗାଳିଦେଲା
କାହା ବୋଲେ ଗଲେ ରୁଷି,
(ମୋ) ଧନ କାନ୍ଦୁଥିଲା     ଦାଣ୍ଡପିଣ୍ଡାରେ ଲୋ
ବାପା କାଖ କଲେ ଆସି ।

★

ବାପାକୁ ମୋର     କିଏ ମାରିଲା ଲୋ
କାହା ବୋଲେ ଗଲା ରୁଷି
ଆଣ ପାନିଆ     ମୁଣ୍ଡ ବାନ୍ଧିଦେବି
କଦମ୍ବ ମୂଳରେ ବସି ।

★

ମୋ କୁନା କାନ୍ଦ୍‌ନା ଲୋ
ମୋ କୁନା କାନ୍ଦ୍‌ନା
ମୋ କୁନା କଣ୍ଢେଇ ଲୋ କାନ୍ଦ୍‌ନା କାନ୍ଦ୍‌ନା ।
ଶାଶୁଘର ତୋର ଅଳପ ବାଟ
ହପ୍ତାକେ ପୁଣି ଦି'ପାଳି ହାଟ,
ହାଟପାଳି ଦିନ ଦେଖି ଆସିବି ଲୋ
ଆଉ ମନ ଦୁଃଖ କର୍‌ନା ।
ସମୁଦୁଣୀ ତୋର ମଣିଷ ଖଣ୍ଡେ
ହାତେ ମାପି ବାଟ ଗୁଲେ ଗୃଖଣ୍ଡେ,
କଥା ତାର ମାନି ଚଳିବୁ ତୁ କୁନା
ଆଉ ମନ ଦୁଃଖ କର୍‌ନା ।

★

(୧) ତାଳଗଛ (୨) ତାଳଗଜା ଭିତରେ ଥିବା ଶସ

ବଗ ଯାଇଥିଲା ବଗ ବଣକୁ ମୋ
ବଗୁଲି କାଠିଇ ବେଣୀ,
କୋଉ ବଗୁଲିଆ ମାରିଲା ବାଟୁଳି
ଛିଡ଼ିଗଲା ଦୁଇ ଡେଣା ।
ମୋ ବଗୁଲି କାନ୍ଦେ ନା ଲୋ
ତୋ ମାଆ କାଲି ଆସଇ ସିନା
ମୋ ବଗୁଲି କାନ୍ଦେ ନା ।

★

ବାଇଚଢ଼େଇ ରେ ବାଇଚଢ଼େଇ ତୁ
ବାଟରେ ନ କର ବସା,
ମୋର କୁନୁବାବୁ ବଡ ଦୁରୁଜନ
ଭାଙ୍ଗିଦେବ ତୋର ବସା ।
ବାଇଚଢ଼େଇ ରେ ବାଇଚଢ଼େଇ ତୁ
ଯା' ଯା' ତୋ ଘରକୁ,
କୁହୁଡ଼ି କାକର ମାଡ଼ି ଆସୁଚି ରେ
ମୋ କୁନ ଠାଙ୍ଗରା ମୁଣ୍ଡକୁ ।
( ଚଣ୍ଡିଖୋଲ )

★

କେବଣ୍ଡି ମାଛର କାଣ୍ଡି
ମୋ ପ୍ରେମସୁନ୍ଦର ବାହା ହୋଇ ଯିବ ରେ
ଚନ୍ଦ୍ର ସୂର୍ଯ୍ୟ ବରଯାତ୍ରୀ ।
କଅଁଳ କଖାରୁ ଭାରେ
ମୋ ପ୍ରେମସୁନ୍ଦର ବାହାହୋଇ ଯାଉଥିବ ଲୋ
ତେଲିଙ୍ଗି ବାଇଦ ସାରେ ।
ନଳ କାନିକାର ଗଜ
ମୋ ପ୍ରେମସୁନ୍ଦରର ଯେତେବେଳେ ପାଲିଙ୍କି ସଜ ଲୋ
ଉଠାଇ ପାଇବେ ଲାଜ ।

★

ଆମ କୁନାବାବୁ ବନେ
କାନ୍ଦିଲେ କାନ୍ଦିବ ଝନକେ ଛନେ
ଖେଳୁଥିସି ମନେ ମନେ
ମୋ କୁନା ରେ ।
ଆହାରେ ମୋ ଧନମାଲ୍ଲି
ଆମର କୁନାକୁ କେ ଦେଲା ଗାଲି ରେ
ଧନ, ରସ ବହେ ଥାଲି ଥାଲି, ମୋ ଧନରେ ।
ହାଣ୍ଡି ର ବୁଡ଼ିଲ ଉଣା
କୁନାର ବୁଆ ତ ଯାଇଛେ ଜୟପାଟଣାରେ
ଧନ, କୁନାକୁ ଆଣିଦେବେ ଗଣ୍ଡି ର ସୁଣା,
ମୋର ପୁଅ ରେ ।
ଭୁଇ ଖାଇଲେ ଭୁକ ହୁଅନା, ମୋ ଧନରେ ।
ଆମ କୁନାବାବୁ ବନେ
ଭୋକ ଲଗିଗଲେ କାନ୍ଦିବ ଛନେ
ମୋ ମାଲ୍ଲି ରେ ।
ଧନ, ହସୁଥିବ ମନେ ମନେ,
ମୋ ଧନ ରେ ।
( ଜୁନାଗଡ଼—କଳାହାଣ୍ଡି )

—

ନାଇଁ କାନ୍ଦ୍ ରେ ବାଘ ମୋର
ନାଇଁ କାନ୍ଦ୍ ରେ ଧନ ମୋର
ମା ତତେ ମାଇଲା କାଏଁ
ତତେ କାଏଁ ପିଟିଦେଲା ।
କଏ ଗାଲିଦେଲା କ ପୁଅ
କଏ ମାଡ଼ୁ ଦେଲା ।
ଭାଇ ସଙ୍ଗେ ବୁଲିଯିବୁ କାଏଁ
ଦାଦା ସଙ୍ଗେ ଖେଳିଯିବୁ ।

ବୁଲାଇ ଆନବେ ରେ ଭଟେ
ଖେଲାଇ ଆନବେ,
ଝେଲ ଖେଲ କାଏଁ ଶୋଇବା ରେ ବାବୁ ମୋର
ଖେଲ ଖେଲ କାଏଁ ଶୋଇବା ।
( ବୁର୍ଲା—ସମ୍ବଲପୁର )

★

ଆ'ରେ ଆ'ରେ ଜହ୍ନମାମୁ
ଓହ୍ଲାଇ ଆ'ରେ ଜହ୍ନମାମୁ ।
ତୋତେ ଦେଖି ମୋର ଝୁନୁଝୁନୁ
ଖେଳିବେ ହୋଇଣ କୁନୁମୁନୁ ।
ଓହ୍ଲାଇ ଆ'ରେ ଜହ୍ନସୁନା
ତୋତେ ଦେଖି ମୋର କୁନୁମୁନା
ଖେଳିବେ ହୋଇଣ ସାଙ୍ଗ ସିନା ।
( ବାରିପଦା )

★

ଆ ଜହ୍ନମାମୁ ସରଗଶଶୀ
ମୋ କହ୍ନୁ ହାତରେ ପଡ଼ରେ ଖସି ।
ରଖିଛି ତୋ ପାଇଁ ରେଶମୀ ଛତା
ମୁଣ୍ଡକୁ ପଗଡ଼ି ପାଦକୁ ଜୋତା ।
ଶୁଆ ଅଣ୍ଟପର ନାଳିଆ ଜାମା
ଆଣି ତୋ ପାଖରେ କରିବ ଜମା ।
ନଳନ୍ଦିଆ ରଙ୍ଗ ଜଂଘିଆ ଅଛି
ଯାହା ମନ ହେବ ପିନ୍ଧିବୁ ବାଛି ।
ପିନ୍ଧିବୁ ଗଳାରେ ମୁକୁତାମାଳ
ଆଖିରେ ପିନ୍ଧିବୁ କଳା କଜଳ ।
ତୋତେ ଦେଖି କାହ୍ନୁ ହୋଇବ ଖୁସି
ଦୁଧଭାତ ଦେବ ଖାଇବୁ ବସି ।

★

କାନ୍ଦନା କାନ୍ଦନା କଳାମାଣିକ ମୋର
କାନ୍ଦନା ରେ ପଦ୍ମମୁଖ
କାନ କାଟି ନେବ କୋକ
କାନକଟା କାନ କାଟେ ସବୁ ପିଲାଙ୍କର
କାନ୍ଦନା କାନ୍ଦନା କଳାମାଣିକ ମୋର ।

★

ପାଚେ ପାଚେ ରେ ଗାଲ
ମାମୁଁ ଆଣିଦେବ ପାଚଲ ବେଲ ।
ପାଚେ ପାଚେ ରେ ଆଖି
ମାମୁଁ ଆଣିଦେବ ପାରପକ୍ଷୀ ।
ପାଚେ ପାଚେ ରେ କାନ
ମାମୁଁ ଆଣିଦେବ ପାଚଲ ପାନ ।
ପାଚେ ପାଚେ ରେ ନାକଦଣ୍ଡା
ମାମୁଁ ଆଣିଦେବ ଆଖୁଖଣ୍ଡା ।
( କୋରାପୁଟ )

★

ଆ ଜହ୍ନମାମୁ ସରଗଶଶୀ
ମୋ କୁନା ସାଥିରେ ଖେଳିବୁ ବସି ।
ପାଠ ଖଡ଼ିଖଣ୍ଡେ ଆଣିବୁ ଯେବେ
କୁନା ସାଥିରେ ତୁ ଖେଳିବୁ ତେବେ ।
ଖଣ୍ଡିଏ ଦେଲେ ରୁଷିବ
ଦୁଖଣ୍ଡି ଦେଲେ କରକର ହେଇ ହସିବ ।

★

କୁଉ କୁଉ କଜଳ,
ମୋ ପୁଅ ଆଖିକି କର ଉଜଳ ।
ମୋ ପୁଅକୁ ଯେ ନଜର ଦେବ
ତା ମୁଣ୍ଡରେ ପଡ଼ିବ ବଜର ।

କୁଉ କୁଉ ଢାଣୀ
କୁନ ଶାଶୁ ମହାଦେଈ
ମନ ଶାଶୁ କାଣୀ ।

★

କୁଉ କୁଉ—କୁଉ କୁ,
ସାଆନ୍ତ ଗଲେ ଓଡ଼କୁ ।
ଦଅ ସାଆନ୍ତେ କଉଡ଼ି ଦଅ
ବଳା ଗଢ଼ି ଦେବ ପୁଅକୁ ।
ପୁଅ କାହିଁ ? ପୁଅ ପେଟରେ,
ପୁଅ ପାଇଁ ଗଢ଼ାଯାଉଛି ଲୋ
ଦାମୋଦରପୁର ହାଟରେ ।
( ନୂଆଗାଁ—ବାଲେଶ୍ୱର )

★

କଳା ନାଇଦେବ ନାସି କାଠିକ
ଭଗାର ମରିବେ ଗୁଣ୍ଡି ଫାଟିକ ।

★

ଆ’ ଆ’ରେ ଜହ୍ନମାମୁଁ
ନାଉ ଚରରେ ଜାଉ ଦମୁଁ
ଆଷାଢ଼ ମାସରେ ମେଘ ଘଡ଼ଘଡ଼
କୁନାକୁ ଆମର ବାହା ଦମୁଁ ।
( ଭରମ )

★

ଆଏବୁ (୧) ଆଏବୁରେ ଜନ୍ହଁମାମୁଁ
ହାମର୍ ଟିକେ ବୁଆକେ (୨) ନେବୁ ।
ହାମର୍ ନୁନଠା (୩) କେହ୍ନିଁ ଥିଲା

(୧) ଆସିବୁ, (୨) ବାପାକୁ, ଛୋଟାରେ ପୁଅକୁ, (୩) ଝିଅର ଗ୍ରାମ୍ୟନାମ,

ନଏଦ୍‌କେ (୪) ଗାଁଧି ଯାଇଥିଲା,
ନଦେର୍ ପାନି ହେମ୍ କାକର୍
ହାମର୍ ନମାକେ ଗୁବ୍‌ଲା (୫) ବୁଢ଼ା ମାକର୍
କାଉ କାଉରେ ଟିକେ ବୁଆ ନଦ୍‌ଘର ଯାଏ ।

( କପାଶୀଗ—ସମ୍ବଲପୁର )

★

କୁନା ଆଉ କାଁଦ୍ ନାଇଁରେ
କୁନା ଆଉ କାଁଦ୍ ନାଇଁ,
ବାଡ଼ିଆଡ଼େ କଁ ବୋକାଳ ଘୁଉଛି
କାନ କାଟିନେବା ପାଇଁରେ
କୁନା ଆଉ କାଁଦ୍ ନାଇଁ ।

★

ନ କାନ୍ଦ ନ କାନ୍ଦରେ ମୋ ଧନ ସୁନା
ତୋ ପାଇଁ ଆଣିଦେବି ଲବଣୀ, ଛେନା ।
ବସାଇଦେବି ନେଇ ସୁନା ଦୋଳରେ
ଝୁଲାଇଦେବି ତତେ ଧନମାଳ ରେ ।
ଶୋଇ ପଡ଼ିଲେ ମୁଇଁ ମନ୍ଥିବି ଛେନା
ନ କାନ୍ଦ ନ କାନ୍ଦରେ ମୋ ଧନସୁନା ।

( ପାରଳାଖେମୁଣ୍ଡି )

★

କାହିଁକି କାନ୍ଦରେ ବାଇଆ ମୋର ?
ତୋ ମାଆ ଯାଇଛି ଗମ୍ଭୀରବିଲ ।
ଗମ୍ଭୀର ବିଲରୁ ଆଣିବ ଧାନ,
ମଡ଼ି ଆସୁଛି ରେ ପାଣିପବନ ।
ମାଟିମୁଠି ଦବ ବୃନ୍ଦମୁହିଁଟି,
କଅଁରକୁ ଯିବ ଧାନ ସାଉଁଟି ।

---

(୪) ନଇକୁ, (୫) କାମୁଡ଼ାଲା ।

ଗୋଡ଼ରେ ପକାଇ କଣ୍ଟା ଗେଲ,
ଲଗାଇ ଦେବ ରେ ହଳଦୀ ତେଲ ।
ତୋ ମାଆର ସତେ କେତେ ଭରସା
ବାଉଁଶ ଅଗରେ କରିଛି ବସା ।
ପାଣିପବନକୁ ଖାତିର ନାହିଁ,
ବାଆ କଲେ ବସା ଦୋହଲୁଥାଇ ।

★

ବଗୁଲି କାନ୍ଦନା ଲୋ
ତୋ ମାଆ ଏଇଲେ ଆସିବ,
ଡାଣ୍ଡି ପହଣ୍ଡରେ ବସିବ ।
ଦେହରୁ ମୁଣ୍ଡରୁ ଝାଳ ବୋହୁଥିଲେ
କାନପଣତରେ ପୋଛିବ ।
ବଗୁଲି କାନ୍ଦନା ଲୋ
ତୋ ମାଆ ଏଇଲେ ଆସିବ ।

★

ଆନଆ ମାଆ ଲୋ ଆନଆ ମାଆ
ଛାନଆ ପକେଇ ବଇଥାଆ ।
କାଲଆ ଯାଇଛି ମାମୁଘରକୁ
ମୁହଁକୁ ଶୁଖେଇ ବଇଥାଆ ।
ବାଘୁଆ କୋକ ରେ ବାଘୁଆ କୋକ
କାଟି ନେଇ ଯା ମୋ କୁନାନାକ ।

★

କଦଳୀ ଗଛରେ କୁଆମଇତା
ଲିପି ଚୁଲିଗଲେ କଏ ଯାଆନ୍ତା ?
ଯାଆରେ ବାବୁ ଘୋଡ଼ାରେ ଚଢ଼ି
ଝିଅକୁ ଆଣିବୁ ଗୋଡ଼ତଳେ ପଡ଼ି ।

ଲଫି ଆଣିଥିବ କୋଷ୍ଟ ମିଠେଇ
ବାଟରେ ଖାଇବ ପେଡ଼ ଫିଟେଇ ।

★

କୁନ ବାହା ହେବ ଆଳରେ
ଖାଇବ ସୁନା ଥାଳରେ ।
ପିଇବ ସୁନା ଲୋଟାରେ
ବସି କାନ୍ଦୁଥିବ ଚୋଠାରେ ।
ବାବୁ ଯିବ ଆଣି
ଗାମୁଚ୍ଛା ଧଇବ ଟାଣି !

★

# ଶୁଆଇବା ଗୀତ

କଲ୍ କବଚା ରେ କଲ୍ କବଚା
କଲ୍ କଲ୍ କରି ଧାନ ଖାଉଥା ।

★

ଆଇ ରେ ବାଇଆ ଖାଇବୁ ଭାତ
କାଟି ନେଇଯିବୁ କୁନାର ହାତ ।
ଆଇ ରେ ବାଘୁ ଖାଇବୁ ମିଠି
କାଟି ନେଇଯିବୁ କୁନାର ପିଠି ।

(ବାଗୁଡ଼ି-ବାଲେଶ୍ୱର)

★

ଗିଲି ଗିଲି ଗୁଣ୍ଡି
ଗିଲି ଗିଲି ଗୁଣ୍ଡି
ଘାକୁ ଘାନେ
ମା ଠୋଉ ଯାଇ କଉଡ଼ି ଆଣେ ।
ମା ବୋଇଲା କଉଡି ନାହିଁ
ଝୁଲକ ଲଉଟି ପାଇବୁ କାହିଁ ?
ଫକେଇ ଦେଲା ଖତକୁଡକୁ
କୁଆ ନେଇଗଲା ମାମୁଁ ଘରକୁ ।
ମାଈଁ ବୋଇଲା ଏଉଟି କଏ
ମାମୁଁ ବୋଇଲେ ଭଣଜାଟିଏ ।
ଧୋଇଧାଇ କରି ଘରକୁ ନେଏ
ଦୁଧ ଭାତ କରି ଗୁଣ୍ଡିଏ ଦେଏ
ଭାଉଡଲେ ନେଇ ଗଡେଇ ଦେଏ ।

★

ଆସରେ ଜହ୍ନମାମୁ ସରଗଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି ।

ଲୁଚି ଲୁଚି ଯାଉଛୁ ମେଘରେ ମିଶି
ପୁଣି ଦେଖା ଦେଉଛୁ ତୁ ହସିହସି ରେ
ସରଗଶଶୀ ।
ଖାଉନାହିଁ ମୋ କୁନା ବସିଛି ରୁଷି
କ୍ଷୀର ଲବଣୀ ସର ହୋଇବ ବାସି ରେ
ସରଗଶଶୀ ।
(ପାରଳାଖେମୁଣ୍ଡି)

★

ଆ ଜହ୍ନମାମୁଁ ଶରଦ ଶଶୀ
ମୋ କୁନା ହାତରେ ପଡ଼ରେ ଖସି ।
ସଜାଇଛି କୁନା ଖଜା ମିଠାଇ
ଦେବ ସେ ତୁମକୁ ଖାଇବାପାଇଁ ।

★

ଧୋ ବାଇ ରେ ଧୋ ବାଇ
ତୋ ମା ଯାଇଛି ଗାଈ ଚରାଇ ।
ଗାଈରୁ ଆଣିବ ଗଜରା ଦୁଧ
କୁନା ଖାଇ ମୋର ହୋଇବ ବୋଧ ।

★

କାଉ ମେଞ୍ଚ କାଉ ମେଞ୍ଚ
ଖାଉ ଦୁଧଭାତ ଯାଉ ଘୁଞ୍ଚ ।

★

କୁକୁଡ଼ା ନ ଖାଏ ଖୁଦ
ମୋ ଧନ ନ ଖାଏ ମାଣ୍ଡିଆ ଜାଉ ଲୋ
କାହୁଁ ଆଣିଦେବି ଦୁଧ ?

★

ନେ ବଳଦ ଟାଣିଟୁଣି
ଆଉ ନାହିଁଟି ଦୋଉଡ଼ା ପାଣି ।

★

ଟେ—ଟେ—ଟେ—
ଚର୍ ବୁଆ ଆନଦବ ଡୁଁଗର (୧)ର ବୁଦେରେ (୨)
ନାଇଁ କାନ୍ଦ୍ ବାବୁ ମଅର୍‌ରେ
ନାଇଁ କାନ୍ଦ୍ ମଅର୍ ।
ଭାତ୍ ଖାଆ ବାବୁ ମଅର୍‌ରେ
ମ' ବାବୁ ନାଇଁ କାନ୍ଦ୍‌ରେ ।
(ଜୁନାଗଡ଼-କଳାହାଣ୍ଡି)

★

ଯେଉଁ ଡାଳେ କୁଇଲି ବସେ ରେ ଧନ ମୋର
ଯେଉଁ ଡାଳେ କୁଇଲି ବସେ,
ଆର୍ ସେ ଡାଲ୍ ଲହୁଁସେ ରେ ଧନ ମୋର
ଦୁଦୁ ଭାତ ଖାଇବୁ
ଲଡ଼ଘର (୩) ଯିବୁ ରେ ଧନ ମୋର
ଗେଲସର ଭୁଇ ଯିବୁ,
ନାଇଁ ଏକା କାନ୍ଦବୁ ରେ ଧନ ମୋର
ନାଇଁ ଏକା କାନ୍ଦବୁ ।
(ରିଷିଡ଼ା-କଳାହାଣ୍ଡି)

★

ନଡ଼ଆର ଖଣ୍ଡି ମଶଚର ଗୁଣ୍ଡି
ଲବଣୀ ଦୁଧର ସର
ନାମ ନ ଆସଇ କି ବୋଲି ଡାକବି
ଆସ ମୋ ସାରଙ୍ଗଧର ।

★

---

(୧) ଶ୍ରେଷ୍ଠ ପାହାଡ଼, (୨) ବରକୋଳି
(୩) ଗେଲ୍ କରବା ଜାଗାକୁ

ତାଇ ତାଇ ତାଇ
ମାମୁଘର ଯାଇ
ମାମୁଁ ଦେଲ ଦହି
ଗୁହାଳେ ବସି ଖାଇ
ମାଇଁ ଅଇଲା ଝାଣ୍ଟା ଲେଇକ
ଦଉଡ଼ ପଳାଇ ଯାଇ ।

★

# ଶୁଆଇବା ଗୀତ

ଶୋଇପଡ଼ ରେ ବାଇଆ ମୋର, ପଡ଼ ଟିକିଏ ଶୋଇ
ଆସିବ ଯନ୍ଧ କକମିନା ରେ ଯିବ ତ ଉଠେଇ ନେଇ ।
କକମିନା ରେ ତୁ ମୋର ବୋଲ ଶୁଣ୍,
ବିଲର ମାଛ ଚିଲ ଖାଇଲା ଦଉଡ଼ି ଖଣ୍ଡିଏ ବୁଣ୍ ।
କକମିନାରେ ଯା ଯା ତୁ ବାଡ଼ିଦୁଆରେ ଥା,
ଯାହା ଘରେ କାନ୍ଦିବ ପିଲା ତା କାନ ରଗଡ଼ ଖା ।
କକମିନା ରେ କକମିନା ତୁ ଯା' ଯା' ପଳାଇ
ବାଇଆ ମୋର ଶୋଇପଡ଼ିଛି ଆଉ କାନ୍ଦିବ ନାହିଁ ।

★

ଶୋଇପଡ଼ କୁନା ଶୋଇପଡ଼ ତୁ ରେ
କହୁଛନ୍ତି ଜହ୍ନମାମୁଁ,
ମୋ ହଳଦୀଗଣ୍ଠି ଶୋଇପଡ଼ ତୁ ରେ
ଉଠିଲେ ଖାଇବୁ ଜାମୁ ।
ଶୁଆ ଶାରୀ ସବୁ ଶୋଇପଡ଼ିଲେଣି
ଚେତା ନାହାନ୍ତି ତ କେହି,
ତୋ ଶୁଆ ଗାଇବ ମୋ ଶାରୀ ପଢ଼ିବ
ତେବେ ତୁ ଉଠିବୁ ଯାଇ ।

★

ବିଲୁଆ ନନା ରେ ବିଲୁଆ ନନା
ଚୁପ୍ ଚୁପ୍ ଚୁପ୍ ବିଲୁଆ ନନା
ଘର ପୋଡ଼ିଗଲା ପଛକୁ ଅନା ।.
କୁନି ଶୋଇଲାଣି ଆଉ ଭୁକ ନା
ଚୁପ୍ ଚୁପ୍ ଚୁପ୍ ବିଲୁଆ ନନା ।

★

ନିଦମାଉସୀ ରେ ନିଦମାଉସୀ
ନିଦ ଦେଇ ଯାଅ ଆଖିରେ ଆସି
ଆସ ମାଉସୀ ଆସ ପିଉସୀ
ନିଦ ଦେଇ ଯାଅ
ପାନ ଖଡ଼ ଖଡ଼ ଗୁଆ ପେଡ଼ ପେଡ଼
ବଟୁଆ ପୂରେଇ ଖାଅ ।
(ବାଗୁଡ଼ି-ବାଲେଶ୍ୱର)

★

କୋକବାୟା ନନାରେ ବାଡ଼ ପନ୍ଦାଡ଼େ ଥା
କୁନିଆ କାନ ମୋଚମୋଚକା ଆଉ ଯାହା କାନ ଖା ।
କୋକବାଇ ନନାରେ ମୋ' ବୋଲ୍ ଶୁଣ୍
ଖଲର ମାଛ ଚିଲ ଖାଇଗଲା ଦଉଡ଼ି ଖଣ୍ଡିଏ ବୁଣ୍ ।
ଦଉଡ଼ି ଖଣ୍ଡିଏ ବୁଣ୍‌ରେ ନନା ଫାଶଟିଏ କର୍
ଫାଶଟିଏ କରି ସାରି ଚିଲମାନଙ୍କୁ ଧର ।
(ଛଗିରିଆ)

★

ତୋରେ ଗେ ରେ ଧନ ମୋର
ଡୋରେ ଗେ ଗେ
ଗେଲ ଘର ଯିବୁ ରେ ଧନ ମୋର
ଲାଡ଼ ଘର ମୋର ଯିବୁ ।
ନାଇଁ ଏକା କାନ୍ଦବୁ ରେ ଧନ ମୋର
ନାଇଁ ଏକା କାନ୍ଦବୁ
କୁଲେ ମ'ର ଶୁଇଯିବୁ ରେ ଧନ ମୋର
କୁଲେ ଏକା ଶୁଇଯିବୁ ।
( ରିଷିଡ଼ା—କଳାହାଣ୍ଡି )

★

ନିଦ ଘର ପୁଇ ରେ ନିଦ ଘର ପୁଇ
ନିଦ ଘର ପୁଇ ଆସିଲେ ଆମ ଝୁଆ ଯିବ ଶୋଇ ।

( ବାଗୁଡ଼ି—ବାଲେଶ୍ୱର )

★

କାଉ କାଉ ରେ
ବାବୁ ନିଦ ଯାଉ ରେ
ନନି ନିଦ ଯାଉ ରେ
ଦାଣ୍ଡେ ଖେଳୁ ଧୂଳି ବାଲି
ଧୂଳିଆ ଧୂସର ତୋତେ ଦେବେ ଗାଳି
କକ ଆସିଛି ମୋହନ
ନ କାନ୍ଦିବୁ ବାପଧନ
କୋଳ କରି ନେଇଯିବେ ମଥୁରାକୁ ରେ ।

( ବୌଦ )

★

ନାଇଁ ନାଇଁ ରେ ଧନମାଳି
କିଏ ଦେଲି ତତେ ଗାଳି ରେ ଧନମାଳି
ଶୁଇ ପଡ଼ିବୁ ଧନ ସୁନା ରେ ଧନ
ବାପା ଦେବେ ଗାଳି ରେ ମଦନ
ବାପା ଦେବେ ଗାଳି
ଆହା ମୋର ଧନମାଳି
ନାଇଁ ଦିଏ ରେ ତତେ ଗାଳି ।

( ବୌଦ )

★

କୁନିକି ଶୋଇଦେ ମା କକ ଭୁକିଲାଣି
କୁନିକି ଶୋଇଦେ କକରମନ,

କକର ମନରେ କକରମନ
ଯା ଗୃଲ ଯା କକରମନ
କୁନ ବାହାଦନ ଖାଇବୁ ପାନ ।

★

ହୋ ଗୋ ମୁନା କାଉ କାଉ
ଆମର୍ ବାବୁର୍ ନିଦ ଯାଉ
ଆମର୍ ହାଣ୍ଡିକେ କଏ ମାଇଲା ରେ
ପୁ ଭୁଲ ଛୁଆ ଖେଲୁଛେ
ଆମର୍ ବାବୁ ଶୁଇପଡ଼ିବା ରେ
କକମିନା ଆସୁଛେ,
ହୋ ଗୋ ମୁନା କାଉ କାଉ
ଆମର୍ ବାବୁର୍ ନିଦ ଯାଉ ।
( ବୁର୍ଲ )

★

ମୋର ଧନ ଶୁଇ ପଡ଼ଲା କାଏଁ ରେ
କାନ୍ଦଲେ କାନ୍ଦବ ଦନେକ ଛନେ
ଧନ ଖେଲୁଥିସି ମନେ ମନେ
ମୋ ଧନ ରେ ।
ଆହା ରେ ମୋ ଧନମାଳି
ମୋର ଧନ କେଣେ କେ ଦେସି ଗାଳି
କାନ୍ଦୁଥିଲ ଖାଲି ଖାଲି ।
ମୋର ଧନ କେଣେ ଭୋକ୍ ଲଗିଲେ ତ
କାନ୍ଦୁଥିସି ରଣ୍ଡ ରଣ୍ଡ
ଖାଇସାରଲେ ତ ଶୁଇ ପଡ଼ସି ରେ
ହସୁଥିସି ମନେ ମନେ
ତୋ ବାପା ଯାଇଛେ ଭବାନିପାଟଣା ରେ
ଆନି ଦେବା ତତେ କୁର୍ତା

ଶୁଇ ଉଠିଲେ ତ ପିନ୍ଧିବୁ କରଣ ରେ
ଦେଖିଯିବୁ ରଥ ଯାତରା,
ମୋର ଧନତ ଶୁଇ ପଡ଼ବା ରେ
ମୋର ଧନ ତ ଶୁଇ ପଡ଼ବା ।

( କଳାହାଣ୍ଡି )

★

ଆଇ ତ ଆଇ ରେ ନଦମାଉସୀ,
ନଦ ଦେଇଯିବୁ କୁନକୁ ବସି ।
କୁନ ଶାଶୁଘର ଆଳରେ,
କୁନ ଭାତ ଖାଏ ସୁନାଥାଳରେ ।
କୁନ ଶାଶୁଘର ବାଁ କରଡ଼ା,
ନିତ ଖାଉଥିବ ଛେନା ଖରଡ଼ା ।
କୁନ ଶାଶୁଘର କେ ରାଇଜ,
କୁନ ନେଇଯିବ ସେ ରାଇଜ ।
କୁନ ଶାଶୁଘର ଆମ୍ବିଳ ଅଠା,
କୁନ ନେଇଯିବ ଚକୁଳି ପିଠା ।

( ଜଲେଶ୍ୱର )

★

ଧୋ ରେ ବାୟା ଧୋ
ଗହଳ ମହଳ ଧାନ କିଆରି
ସେଇ କିଆରିରେ ଶୋ ।
ପୂବେଇ ବାଆରେ ମେଘ ବରଷିଲା
ଝିପୁରୁ ଝିପୁରୁ ପାଣି
ସାରୁଗଛ ମୂଳେ ବେଙ୍ଗୁଲି ନାନୀ
ଆପେ ବୋଲଉଛି ରାଣୀ ।

କକରମିନାରେ ବାଇ ଚଢ଼େଇ
ବାଡ଼ି ପନ୍ଦାଡ଼ରେ ଥାଆ
ରାଧିକା କାନ ମୋଟ ମୋଟ
କହ୍ନେଇ କାନ ଖାଆ ।

★

ନାହିଁ ଲୋ ନାହିଁ
ନାହିଁ ଲୋ ନାହିଁ
ମୋ ଗଣ୍ଠି ବନ୍ଧା ସୁନା କାହିଁ ?
ମୋ ବାପଧନ କାହିଁ ?
ମୋ ଧନ ପଡ଼ିଲାଣି ଶୋଇ ।

★

ଘୋର ନିଶା ଗରଜେ ଘୂଁ ଘୂଁ
ବନେ ବାଆ ବହେ ସୁଁ ସୁଁ ।
କୁନି ମୋ ନିଦରେ ସପନ ଦେଖେ ରେ
ନଈବଢ଼ି ଫେରିଯା ।
ବେଣାବନ ବୁଡ଼ି ଉବୁଟୁବୁ ହେଲା
ସାରା ବନ ବୁଡ଼େ ଉଡ଼େ,
ପାହାଡ଼ ତଳର ବାଘ ବାଘୁଣୀ ଲୋ
ହାଡ଼ତଳେ ରଡ଼ି ଛାଡ଼େ ।

★

ମୋର ଗଣ୍ଠି ଧନ ରଙ୍କରତନ
କଥା ମୋର ମାନିଯା,
ଗାଇବ ମୁଁ ଗୀତ ଶୁଣି ଶୁଣି ତୁ ତ
କୋଳେ ମୋର ଶୋଇଯା ।

★

ଶୋଇଯା ଶୋଇଯା ମୋର କାଳିଆ କହ୍ନା
କାନ କାଟି ନବ କୋକ ନପଡ଼ି ଚହ୍ନା ।

( ଘୁମୁସର )

★

ଶୋଇପଡ଼ି ରେ ଧନ
ପାପା ( ପିଠା ) କରିଦେବ ପଦ୍ମଚନ୍ଦନ
ଖାଇବୁ ପୂରାଇ ମନ । ( ଘୁମୁସର )

★

କକରବାଇ ରେ କକରବାଇ
ଶୋଇପଡ଼ ରେ କକରବାଇ
ତୋ ମାଆ ଯାଇଚି ଧାନ ଶୃଙ୍ଗାଇ
ଆଣିଲେ ଖାଇବୁ ପେଟ ପୂରାଇ ।

( ଘୁମୁସର )

★

ପେଚ୍ଚ ରେ ପେଚ୍ଚ
ମାଉଁସ ମେଞ୍ଚ
ନଆଁ କରଚୁଲି କାଠରେ ଖେଞ୍ଚା
ଥିଣ୍ଟା ବରଗଛ ଡାଳେ
ପେଚ୍ଚ ରାବିଲାଣି
କୁନାକୁ ଶୋଇ ଦେ ମା
କକ ଭୁକିଲାଣି ।

(ବାରିପଦା)

★

ଧୋ ବାଇ ରେ ଧୋ ବାଇ
ତୋ ମାମୁଁ ଯାଇଛି ବୋଇତ ନେଇ ।

ବୋଇତରେ ସେ ବେପାର କରି
ତୋ ପାଇଁ ଆଣିବ ରୂପା କଣ୍ଢେଇ, ସୁନା କଣ୍ଢେଇ
ଶୋଇପଡ଼ ମୋର ଧୋ ବାଇ ।
ଧୋ ବାଇରେ ଧୋ ବାଇ
ତୋ ବାପ ଯାଇଛି ପାଠ ପଢ଼ାଇ
ପାଠ ପଢ଼ାରେ ସେ ଦେଇଛି ମନ
ଶୋଇପଡ଼ ମୋର ବାଇଆ ଧନ ।

(ବାରିପଦା)

★

ଧୋରେ ବାୟା ଧୋ
ଯୋଡ଼ କଅଁଳରେ ଗହଳ ମାଣ୍ଡିଆ
ସେହି କଅଁଳରେ ଶୋ ।
ଆସ ମାଉସୀ ଆସ ପିଉସୀ
ନିଦ ଦେଇଯାଅ
ପାନ ବଡ଼ ବଡ଼ ଗୁଆ ପେଡ଼ ପେଡ଼
ବଟୁଆ ପୂରେଇ ଖାଅ ।

★

ନିଦ ମାଉସୀ ଲୋ ନିଦ ମାଉସୀ
ଗୃହଲେ ବାଡ଼େ ରହିଥା,
ସେରେ ଗୃଣ୍ଡଳ ଦେବି, ବାବୁକୁ
ନିଦ କରେଇ ଯା ।
ଜକମିନା ରେ ତୁ ଯା ଯା ପଳାଇ
ବାୟା ମୋର ଶୋଇ ପଡ଼ିଛି
ଆଉ କାନ୍ଦିବ ନାହିଁ ।
ମେଘ ବରଷଇ ଝିପୁରୁ ଝିପୁରୁ
ବାରିଆଡ଼େ ଗୋଟେ କିଏ ଭେ ?

ବାରି ପଛଆଡ଼େ ମହଣ ପଥର
ମୁଣ୍ଡରେ ଗୋଟିଏ ଦେଏରେ ।

★

ଶୋଇପଡ଼ ଶୋଇପଡ଼
ବଡ଼ ପାହ୍ନୁଁ ଯିବୁ ତୁ ମାମୁଁ ଘର
ତୋର ମାଇଁ କରିବେ ଆଦର, ଦୁଃଖୀଧନ ।
ଦୁଃଖୀଧନ ମାଳମଣି
ଯାଇଥିଲୁ କେଉଁ ରାଇଜେ ପୁଣି
ଆଣିଥିଲୁ କେତେ ଜିନଷ କିଣି
ଦୁଃଖୀଧନ ମାଳମଣି ।

★

କୁନ୍‌ମୁନ ପଡ଼ ଶୋଇ, ନିଶବଦ ଗାଅଁ ଭୂଇଁ
କକବାଘା ଆସେ ଅନ୍ଧାରେ ଅନ୍ଧାରେ
ଶୋଇପଡ଼ ତୁନି ହୋଇ ।
ଗାଁ ମୁଣ୍ଡ ନଈକୂଳେ, ମଶାଣିରେ ନିଆଁ ଜଳେ
ଆସୁଛି ଅନ୍ଧାର ଘୁଡ଼ୁ ଘୁଡ଼ୁ ଏଣେ
ଶୋଇପଡ଼ ମୋର କୋଳେ ।
ବାଇଆ ଆସୁଛି ଆଜି, କେତେ କଥା ମନେ ହେଜି
ତା ଝୁଲି ମୁଣିରେ ନେଇଯିବ ତୋତେ
ଶୋଇପଡ଼ ଆଖି ବୁଜି ।

★

ଆ' ଆ' ରେ କୋକମୁନା ଆ' ରେ
ଆ ଆ କୋକମୁନା,
କାହିଁକି ଆସୁନୁ କଅଣ ହୋଇଛି
କିଏ କି କରିଛି ମନା ?

କୁନା ଖାଏନାହିଁ ଭାତ ତରକାରି
　　　　ଥୁଉ ଥୁଉ ଖାଲି କରେ
ଯେତେ ବୁଝାଇଲେ ମା' ତାର ପରା
　　　　ଧୂଳିରେ ମାଟିରେ ଗଡେ ।
କେଉଁଠି ତୁ ରହୁ କେଉଁଠି ତୋ ଘର
　　　　ଆସିବୁନି ତୁ କି ଥରେ ?
ଯେତେ ଡାକିଲେ ବି କାହିଁକି ଆସୁନୁ
　　　　କାହିଁକି ଆସୁନୁ ତୁହି ?
ସଅଳ ଆ' ତୁ କୁହୁକ ମେଲାଦେ
　　　　କୁନା ଆଖିପତା ଛୁଇଁ ।
　　　　ଆ' ଆ'ରେ ଜୋକମୁନା
　　　　ଆ' ଆ'ରେ କୋକମୁନା ।

(ଗଞ୍ଜାମ)

# ଖେଳକୌତୁକ ଗୀତ

ଅରଗଡ଼ ମରଘାଡ
ଝାଇଁକ ଝିଙ୍କଡ଼
ଝାଇଁକ ଝୂମ୍ପା
ବେଲ୍ ଖୋଳପା
ବେଲ ଗଛର ଦାଣ୍ଡି
କୋଚଲ୍ ଗୃଞ୍ଜଲ କାଣ୍ଡି
କୋଚଲ୍ ଗୃଞ୍ଜଲ ପିଠା
ପଧାନ ମୁଣ୍ଡରେ ଚଠା
ପଧାନ ଯାଇଛି ଧାନ ବିଲକୁ
ମାରି ଆଣିଦବ ଶଙ୍ଖଚଲକୁ
ଶଙ୍ଖଚଲ କଲ୍ ବସା
ପାଇକାଣୀଙ୍କର ଏଡେ ଭରସା
ସମ୍ବଲପୁରିଆ ଖୋସା ।

*

( ଏହି ଗୀତର ଅନ୍ୟ ଏକ ରୂପ ନିମ୍ନରେ ଦିଆଗଲା । )

ଅରଗଡ଼ ମରଗଡ
ଭୁଇଁ ଶରଗଡ଼
ବେଲୁଆ ଝୁଁପା
ବେଲ କୁରୁପା ।
ବେଲଗଛ ମୂଳେ ଦାଣ୍ଡି
ଅରୁଆ ଗୃଞ୍ଜଲ କାଣ୍ଡି
ଭସୁନା ଗୃଞ୍ଜଲ ପିଠା
ମଦନା ହାତରେ ଚଠା
ମଦନା ଯାଇଛି ଗୁଆମାଲକୁ
ମାରି ଆଣିଦବ ଶଙ୍ଖଚଲକୁ
ଶଙ୍ଖଚଲ୍ଲ କଲ୍ ବସା

ପାଇକାଣୀଙ୍କର ଏଡ଼େ ଭରଷା
ସମ୍ବଲପୁରିଆ ଖୋସା ।

★

ଅକଲ ମକଲ ଠକଲ ଠାଇଁ
ଗଡ଼ଶ ବାଜଇ ଛାଇଁ ଛାଇଁ
ନାଇ ନଂଗ ଫିରଙ୍ଗ୍ ଫୁର୍
ରଜା ବୋଇଲେ ଏଇ ଟେର ।

★

ଏକେ ଡାଉଁ ମେକେ ଡାଉଁ
ଘରେ ଘରେ ଗୁଣ୍ଡି, ପିତଳର ଘଣ୍ଟି
ନାଗେଶ୍ୱର ଫୁଲ କାଲି କାଲିକା
ନଣ୍ଡି ବାଲିକା
ନଣ୍ଡିବାଲା ହେଲା କାକର
ଧରମଛଡ଼ା, କାଲିଆ ଘୋଡ଼ା ବରକୋଳି ପତର ।

★

ଏକ୍ ତରୀ
ଦୁଇ ତରୀ
ତିନ୍ ତରୀ
ତିନ୍ ତରୀରେ କାଣ୍ଡ୍ ବନ୍ଧାନ
ଏଡ଼କ ଗୃପର ମାରେ ରାମ
ଗୃପର ନଇଁ ମାର ବଧା ମାର
ଆଜି ପୋଏଙ୍କର ମଙ୍ଗଳବାର
ଆଜି ମୋଏ ରୁଷିଲେ
ଇସ୍ ପରବଚେ ମାମୁଁର ବହା
ମାଇଁ ନାଚେ ଠିଆ ଠିଆ

ମାଇଁର ମୁହେଁ ଦର୍ପନ୍ ନାଇଁ
ଚୁଟିଆ ମୂଷା ନେଲା ବୁଝି
ମାମୁଁ ଘର କେତେ ଦୂର
ବେଣା ବୁଠା ଝୁର୍ ଝୁର୍ ।

(ବଲାଙ୍ଗୀର)

★

ଏକ୍ ତରା ଗଲା ପାଇକ ପରା
ପାଇକ ପରୁଁ କାଣ୍ଡ ବନ୍ଧାନ
ଟେଟରେ ଚପଟ ମାରେ ରାମା
ହଂସ ଡମ୍ବ ଗୁଦୁର୍ ଗାଦର୍
ପର ପୋଏ ରୁଷିଲେ
ଧାନ ପୁଲେ ପୁଲେ ଚଷିଲେ ।
ଆଣ୍ ମାମୁଁ ଶଗଡ଼
ସବୁ ମୂଷା ରଗଡ଼
ଗୁଟେ ମୂଷା ଥୋଇଦଅ
ଧାନ୍ ପୁଲେ ପୁଲେ ଖାଇଦଅ ।

(ବଲାଙ୍ଗୀର)

★

ଏକ୍ ତରା ଦୁଇ ତରା
ନିମିନ ଗଛରେ ବାନ୍ଧଲ ନଳା ।
କଏ କଏ ଯିବ କନଆ କର ?
କନଆର ସାତ ଭାଇ
ପଇଣ୍ଡାରେ ବସି ଭାତ ଖାଇ ।
ଦେ ମାଉସୀ କାଣ୍ଡ ପଟେ
ଝଣ୍ଡ ଖେଳିବ ଚୁଟିଆ ମୂଷା ।

ଚୁଟିଆର ହାଡ଼ ଗୋଡ଼
ଦେଉଡ଼ି ଭିଡ଼ିବ
ବେଉଡ଼ର ଚାରପାଖେ
କଉଡ଼ି ଗଣିବ ।
ଗୋଟେ କଉଡ଼ି ଊଣା ହେଲେ
ଗାଈ ବାଛୁରି ବକବ ।

(କେନ୍ଦୁଝର)

★

ଏକ ତରା ମଣିଷ ମରା
ଦୁଇ ତରା କତରା ଘୋଡ଼ା
ତିନ ତରା ନାହିଁ ଦୋଷ
ଚାରି ତରା ଘରେ ପଶ ।
ପାଞ୍ଚ ତରା ନନ୍ଦଘୋଷ
ଛଅ ତରା ବୈକୁଣ୍ଠରେ ବସ ।
( ସନ୍ଧ୍ୟାବେଳେ ତରା ଦେଖିବା ଖେଳ )

★

ଆଖି ନାଇଁ କାନ ନାଇଁ
ବାଜଗଲେ ମୋର ଦୋଷ ନାଇଁ ।।
(ପିଲା ଆଖି ବୁଜି, ଦୁଇ ହାତକୁ ମେଲାଇ ଏଇ ପଦକ ବୋଲି
ସାଥିମାନଙ୍କୁ ଛୁଇଁବାକୁ ଚେଷ୍ଟା କରେ । )

★

ଜଗ ଜଗ ନାଗ
ଯେ ପାଇବ ତା'ର ।
(ବାଲିରେ ଲୁଚିହୋଇଥିବା କାଠିକୁ ଖୋଜିବା ବେଳର ଗୀତ)

ଇକନ୍ ମିକନ୍ ଗୁଇଁକ ଚକନ୍
ପବନ ଘଣ୍ଟା, ନାରଙ୍ଗ ଲଟା
ଓଲ୍ ମୋର
କହ୍ନାଇ ବାଡ଼ିର ଦନାଇ ଗେଣ୍ଡୁର ।

*

ଟୁକୁ ମୂଷି, ଟୁକେଇମୂଷି,
ଧାନ ଭରଣକ ଖାଉଥା ବସି
ତୁ ଥା' ମୁଁ ଯାଉଛୁ ରୁଷି ।

(କନିଷ୍ଠ ଆଙ୍ଗୁଠି ଧର) ଏଉଟି ବୋଇଲା କସ ଖାଇବା
(ଅନାମିକା ଆଙ୍ଗୁଠି ଧର) ଏଉଟି ବୋଇଲା କାହୁଁ ଆଣିବା
(ମଧ୍ୟମା ଆଙ୍ଗୁଠି ଧର) ଏଉଟି ବୋଇଲା ଋଣ କରିବା
(ତର୍ଜନୀ ଆଙ୍ଗୁଠି ଧର) ଏଉଟି ବୋଇଲା କାହୁଁ ଶୁଝିବା
( ବୁଢ଼ା ଆଙ୍ଗୁଠି ଧର ) ବୁଢ଼ା ମିଆଁ ଥାଇ ବୋଇଲା
ଖାଇ ଦେଇ ପଳେଇବା ।

ଗଲାରେ ଗଲାରେ, କାଳିଆ ବଳଦ ଗଲା ରେ ।

(ବାହୁରେ ଧୀରେ ଧୀରେ ଆଙ୍ଗୁଠି ଚଳାଇ ଶିଶୁର କାଖଯାଏ ନେଲେ ସେ ହସି ଉଠେ । )

★

ଫିଙ୍କ ଢଅରେ ନନକେ ଖତ କୁରକୁ,
କାଉ ନେଇଯିବେ ମାମୁଁ ଘରକୁ,
ମାମୁ ବୋଇଲେ ଲୋ କାହାର ଝିଅ
ଖୁଆଇ ପିଆଇ ଘରକୁ ନିଅ ।

ଖୀର ପିଠା କର ଆଲଏ ଦଅ,
ନାଇଁ ଖାଇଲେ ନନକେ କୁଢଏ ଦଅ ।

(ବୌଦ)

★

ଟୁଉକୁ ମୂଷିରେ ଟୁଉକ୍ ମୂଷି
ଧାନ ଭରଣକ ଖାଉଥା ବସି
ଭୁ ଆ ମୁଁ ଯାଉଛୁ ରୁଷି ।
ଟୁକେଇ ମୂଷିର ଗ୍ଲେଟିଆ ପାଦ
ଟୁକେଇ ମୂଷିକୁ ମାଟି ସୁଆଦ ।
ଟୁଉକ୍ ମୂଷିର ଗାତରେ ବସା
ଟୁଉକ୍ ମୂଷିଟି କାଟଇ ଖୋସା ।
ଟୁଉକ୍ ମୂଷି ଗଲ ରେ
ହାଣ୍ଡି କୁଣ୍ଢେଇ ସମ୍ଭାଳଥିବୁ
ହାଣ୍ଡି ଧଡ଼ ଧଡ଼ କଲ ରେ ।

★

କହ୍ଲି ଫୁଲ ଠୋ ଠା
କାକୁଡ଼ଫୁଲ ଠୋ ଠା
ଚୁଟିଆ ମୂଷା କହ୍ବଯାଇଛୁ
ଗୁଉଳ ମୁଠିଏ ଥୋଇ ଆ ।
ବାଡ଼ଆଡ଼େ କୂଅ କ ଦାଣ୍ଡଆଡ଼େ କୂଅ
ଚୁଟିଆ ମୂଷା କହ୍ବଯାଇଛୁ
ଗୁଉଳ ମୁଠିଏ ଦଅ ।

★

ଗୁଗୁ ଗୁଗୁ ପାଞ୍ଚ
ଦବ୍ବ ଦବ୍ବ ମୁଞ୍ଚ
(ପିଲାକୁ ଦୁଇ ଗୋଡ଼ରେ ବସାଇ ଏତକ କହିଲା ପରେ ପଚାରିବ—)
କାହା ପତରରେ ଖାଇବୁ ?

( ପିଲା ଉତ୍ତର ଦେବ— )

ବୋଉ ପତରରେ ଖାଇବ ।

( ପୁଣି ସେଇ ପ୍ରଶ୍ନ ଥରକୁ ଥର ପଚାରିବ ଏବଂ ପିଲା ପ୍ରତ୍ୟେକ ଥର ବାପା, ଭାଇ, ମାମୀ ପ୍ରଭୃତିଙ୍କ ପତରରେ ଖାଇବ ବୋଲି କହିବ । ତାପରେ ତାକୁ ଦୁଇପାଖକୁ ଅଣେଇଦେଇ କ୍ରମାନ୍ୱୟରେ କୁହାଯିବ— )

ଗୁହ ଗାଡ଼ିଆକୁ ପକାଇ ଦେଉଁ
ସୁନା ଗାଡ଼ିଆରେ ଧୋଇଧାଇ କରି ଘରକୁ ଆଣୁ ।

( ଶେଷରେ ପିଲାକୁ ଗୋଡ଼ରେ ସେହି ଅବସ୍ଥାରେ ଉପରକୁ ଟେକି କୁହାଯିବ— )

ବଡ଼ ଦେଉଳ, ବଡ଼ ଦେଉଳ । (ଖେଳ ଶେଷ)

*

ଗୁଗୁ ପାଞ୍ଚ, ଗୁଗୁ ପାଞ୍ଚ
ବାପାଙ୍କ ଅଇଁଠା କିଏ ସେ ଖାଏ ?
ବୋଉ ଖାଏ ।
ବୋଉ ଅଇଁଠା କିଏ ସେ ଖାଏ ?
ଭାଇ ଖାଏ ।
ଭାଇ ଅଇଁଠା କିଏ ସେ ଖାଏ ?
କୁକୁଡ଼ିଆ ଖାଏ ।
କୁକୁଡ଼ିଆ ଅଇଁଠା କିଏ ସେ ଖାଏ ?
ଗିରିଧ ଖାଏ ।
ଗିରିଧ ଅଇଁଠା କିଏ ସେ ଖାଏ ?
କୁକୁର ପୁଅ ଖାଏ ।
ସୁନା ଗାଡ଼ିଆରେ ପଡ଼ିବୁ କି
ଗୁହ ଗାଡ଼ିଆରେ ପଡ଼ିବୁ ?
ସୁନା ଗାଡ଼ିଆରେ ପଡ଼ିଲା ରେ
ଗୁହ ଗାଡ଼ିଆରେ ପଡ଼ିଲା ରେ ।

( ଗୁଗୁପାଞ୍ଚ ଖେଳର ଏହା ଅନ୍ୟ ଏକ ରୂପ । )

*

ମୋ ପେଏଁ କାଳ ବାଜେ
ଲଙ୍ଗଳ ଦେବ
ଜୁଆଳି ଦେବ
ମୋ ପେଏଁ କାଳ ବାଜେ ।
ହାଣ୍ଡି ଦେବ
ଛତି ଦେବ
ମୋ ପେଏଁ କାଳ ବାଜେ ।

★

ଏକନ୍ ଦୋକନ୍
ତିଉକ୍ ଚେକନ୍
ଓଲ୍ ଡୋଲ୍
ମାମୁଁ ର କକେଇର ବାଡ଼ିଆଡ଼େ ଗୈର ।

★

ଉଦୁଉଦୁମା ତାଳଗୋଠମା
ଲୁହା ପାହୁରାଣି ପିତଳ ସମା
ଚୁନୁ ମୁନୁ ଖଇରା କାଠ
ରଜା ବଜେ କଲେ ଡେବର ହାତ
ଡେବର ହାତରେ ତେଲଘଡ଼ି
ମୋ କୁନ ଯାଇଚ ଗେଲ୍ କରି
ଆମ୍ବ ଟିଏ ଖାଉଁ ଖାଉଁ
କୋଇଲଟିଏ କଷା
କ ମାଡ଼ ମାଇଲୁ ଭାଇ
ଗୁରକଣିଆ ପଶା ।

★

ଧାନ କୁଟିବୁ ରେ ବଗ ?
ନା ମୋ ନଳଗୋଡ଼ ଭାଙ୍ଗିଯିବ ।
ମାଛ ଖାଇବୁ ରେ ବଗ ?
ନା ଚେଇଁକ ଗୋସେଇଁ ଆଗ ।

★

ଇଟିକଲ ମିଟିକଲ ଫୁଟିଗଲା କାଇଁଚ
ଭ୍ରମର ଆମର ନାଲ ପଇଁଚ ।
ନାଲ ପେଁ ପେଁ ବାଜଇ ହାବା
ଗୋଟିକ ଉପରେ ଗୋଟିଏ ଟୀଭା ।
ଅଇର ମଇର ଖଇର କାନ୍ତ
ରଜାପୁଅ ଗଲା ଡେବର ହାଣ୍ଡ ।
ପାଟହାଣ୍ଡିର ବହୁତ ଗୁଣ
ଝୁଂଗୁର ବାଜେ ଝୁଣ ଝୁଣ ।

★

ସବୁ ପିଲାଏ ତ ଖେଳ ଅଇଲେ ରେ
ମୋ ପ୍ରେମସୁନ୍ଦର କାହିଁ ?
ଝାଡ଼େ ପଶି ଝାଡ଼କୋଳ ଖାଉଚି ସେ
ଆଙ୍କୁଡ଼ିଖଣ୍ଡି ଲଗାଇ ।

★

ହୁପେଣ୍ଡି ବାଇଶ୍‌କୋପ୍
ବାପୁବାବୁ ତେଇଶ କୋପ୍ ।
ଚୁନ୍‌ଚାନା ବେଳ ଆନା
ଡାକ୍ତରବାବୁ ବୈଠକଖାନା ।
(ଦୁଇ ଜଣ ପିଲା ହାତକୁ ହାତ ଛନ୍ଦି ଉପରକୁ ଟେକିବେ । ବାକିସବୁ ପିଲା ତା ଭିତରେ ଗଲା ଗଲା ବୁଲିବା ଖେଳ )

★

ଚକା ଚକା ଭଉଁରୀ
ମାମୁଁ ଘର ଚଉଁରୀ ।
ମୋ ନାମ ନାଁ ଗଉରୀ
ତୋ ନାମ ନାଁ ଶଉରୀ ।
ନାଇଁ, ତୋ ନାମ ନାଁ ଶଉରୀ
ମୋ ନାମ ନାଁ ଗଉରୀ ।

ଆମେ ନଈରେ ଯିବା ପହଁରି
ଠେକ ଧରିବ ନାଉରି
ଚକା ଚକା ଭଉଁରି ।

★

କୋଇଲି କୁ କେଇଲି
କୋଇଲି କୁ କେଇଲି,
ପାଞ୍ଚ ମହାଦେଈ ଗାଧୋଇଗଲେ
ସୁନା ଝିକ୍ ଝିକେଇଲା
ରୂପା ଝିକ୍ ଝିକେଇଲା ।

★

ଇଟିଲି ମିଟିଲି ଜାମୁ ଟିଲି ଟିଲି
କଠାଉ ମାଡ଼ିଲି ଘେରି
ସାରୁ ଖଣ୍ଡ ଖଣ୍ଡ ପିଠକା ପାଣି
ବୋଉ ଲୋ !
ତୋର ଏଇ ଗୁଡ଼ଖଣ୍ଡ ଭଲ ।

★

କାନ୍ଦୁଲ ବାଡ଼ିକି ଯାଏ ହରିଣ ନଇଁ ନଇଁ
ମୁଗ ବାଡ଼ିକି ଯାଏ ହରିଣ ନଇଁ ନଇଁ
ବଣୁଆ ଭାଇ ବାଣ ମାରିଲା
ଫୁକ୍ କନା ଗଲା ଡେଇଁ ।

(ଘୁମୁସର)

★

ଅକଲ ମକଲ ଠେକଲ ଟିଆ
ଗଣେଶ ନାଗର ବାଜଇ ଡହା ।
ବାଲିଚଟେଇ ରେ ଖେଳିବୁ ଆ,
ତୋ ପୁଅ ମୋ ଝିଅ କରିବା ବାହା
ଦୁଇ ସମୁଦୁଣୀ ହୋଇବା ଠିଆ ।

❋ ( ବାଗୁଡ଼ି-ବାଲେଶ୍ୱର )

ବାଘ ପାଣି ପିଏ ଚୁକୁରୁ ଚୁକୁରୁ
ବଳୁଆ ବୋବାଏ ହାକୁରୁ ହାକୁରୁ
ଝିଙ୍ଗରି ଚଢ଼େଇ ଝିଙ୍ଗ୍ ଝିଙ୍ଗ୍,
ମୂଷା ଧାନ ଖାଏ କୁଟୁରୁ କୁଟୁରୁ
ଲାଞ୍ଜ କରୁଥାଏ ଚୁଟୁରୁ ଚୁଟୁରୁ
ଗୁଣ୍ଡୁଚି ବୋବାଏ ପିଙ୍ଗ୍ ପିଙ୍ଗ୍ ।

( ଦୁଇ ହାତକୁ ଯୋଡ଼ି ଅଙ୍ଗୁଳିକୁ କ୍ରମାନ୍ୱୟରେ ହଲାଇ ଏ ଗୀତ ବୋଲାଯାଏ । )

★

ଗୁଆ ଗଛ ଧାଡ଼କ ଧାଡ଼
ଆଇଲାଣି ଭାଇ ମେଲ୍ ଗାଡ଼ି
ମେଲ୍ ଗାଡ଼ିରେ ବହୁତ ଲୋକ
ମୁହଁ ଦିଶୁଥାଏ ଜକ ଜକ ।

★

ଅଲ୍ ମଲ୍ ଝିଙ୍କି ଓଲ୍
ବେଙ୍ଗ ବଜାଏ ଢୋଲ
କସ୍କା ନଗର କନ୍ୟାଯାଇଛି
ଏଇ ପିଲାଟି ଚୋର ।

★

ଅଞ୍ଜୁ ମଂଜୁ ସଂଯୁ
କାକୁଡ଼ି ହେଲା କଂଜୁ,
ସଂଯୁକୁ ହେଲା ଜର,
ତା ଭଉଣୀ ବାହା ହେଲା
ଚେପ୍ଟାନାକଆ ବର ।

★

ଦଶ କୋଡ଼ିଏ ଆଡ଼ ମୁଡ଼ି
ଚୁଙ୍ଗୁଡ଼ି ମାଛ ଚଡ଼ଚଡ଼ି
କଏ ନବ କେତେ ଅଣା
ବୋଲ ଦେ’ ନା !

★

ଏକ ଚଗ୍ରା ଭାଇ ଦୁଇ ଚଗ୍ରା
ନିମ ଗଛ ମୂଳେ ଖଟଣି ଘୋଡ଼ା ।
ପାଇକର ଭାଇ ବଡ଼ ବନ୍ଧାଣି
ମାରେ ଗୁମୁଡ଼ା ତୋଳେ ପାଣି ।
ଅଇର ମଇର ଖଇର କାଣ୍ଡ
ରଜାଙ୍କ ଘର ପାଟହାଣ୍ଡି ।
ପାଟହାଣ୍ଡିର ବହୁତ ଗୁଣ
ଘୁଙ୍ଗୁର ବାଜେ ରୁଣ ଝୁଣ ।
କଆବୁଦା ମୂଳେ ଦଉଡ଼ି
ପାଠ ମାଆ ଗ ଧୋଇ ଗଲେ
ବାଘ ନେଲା ଘଉଡ଼ି ।

( ନୟାଗଡ଼ )

★

ଏକ୍‌ମା ଦୁକ୍‌ମା ତିନକେ ବାଡ଼ି
ଲେହେଙ୍ଗା ତେହେଙ୍ଗା ତେତେଲ ଗୁଡ଼ି ।
ଏଥଲ ମଲ ସାହବ ହେଲ
ଧୂବଲ ଉପରେ ଖଣ୍ଡ ଖାଇଲ ।
ଧନଆ ଗୃଉଳ ବେଲକୁ ରୂପା
ବେଲଗଛ ମୂଳେ ପାଣି ଚରପା ।
ଯେବେ ପାଉଥିବୁ ଡାଲଆଁ ଖୁସା
ଲଗିଥିବ ରୂପା ଦଅଣ ମସା ।

(ସୋରୋ—ବାଲେଶ୍ୱର)

★

ଏକ ତର, ଦୁଇ ତର
ଖାଇ ଗଲେ ବାଇଲ ପଡ଼ା ।
ବାଇଲ ପଡ଼ାରେ ଲୋକ ନାହିଁ
ଗୁଡ଼ିଆ ପିଲାର ବେକ ନାହିଁ ।

★

ଆଇକମ୍ ବାଇକମ୍ ତାଡା ଭୁଡ଼ି
ଚତୁର୍ ମାସିଆ ଶଶୁର ବାଡ଼ି
ରେଲ୍ ଛୁଟିଲେ ଘମାଘମ୍
ପା'ପୋଛ୍ ଆଲୁଦମ୍ ।

★

କାଠିକ କାଠି ପବନ କାଠି
ଚଢ଼େଇ ଦଓଟି ଠୁକାଠୁକି ।
ଗୋଟିଏ ମଲା
ଗୋଟିକ ଉପରେ କୋଡ଼ି ପଡ଼ିଲା ।

★

ଆପଠ ବାପଠ କାନ ମଡ଼କା
ଇସିକ ନାଗର ଦାନ୍ତ ତୋଡ଼କା
ରାଇ ରଙ୍ଗ ଫିରକି ଫୁଲ
ବାପ କହିଲେ ଏଇଟି ଗେଞ୍ଚୁଇ ।

(କେନ୍ଦୁଝର)

★

କୁଅ ମୂଳ ଦଉଡ଼ି, ବାଘନେଲା ଘଉଡ଼ି,
ତାଳଗଛରେ ଭଅଁର ପୋକ
ମୁଁ କି ଜାଣେ ପିଲାଲୋକ ?
ହୁଁ କରିଛି ପିଠଉ ବାଟ
ରଙ୍ଗଦଉଡିଆ ଗୁଣ୍ଠ,
ଭରତ ମାଇଲେ ଯୋଡ଼ା ବାଟୁଳି
ପଡ଼ିଗଲା ହନୁମନ୍ତ ।

★

ଇଞ୍ଜଡ଼ ମିଞ୍ଜଡ଼ ଧାଇଁ ଚଢ଼ ଚଢ଼
କଇଁଚ କାକୁଡ଼ ପିଠା ନଳିତା,
ସାତ ବୋହୂଙ୍କର ସାତ ଦୁହିତା,
ସା'ତ ଗଲେ ଉତ୍ତର,
ତେଇଁ ପଡ଼ିଲେ ପିତ୍ତଳ ।
ପିତ୍ତଳ ଖଣ୍ଡିକ ହଜିଲା,
ବଡ଼ ବୋହୂ ଲୁଗା କାଚୁରୁ କାଚୁରୁ
ସାନ ବୋହୂ ଲୁଗା ଭିଜିଲା ।

(ଇରମ-ବାଲେଶ୍ବର)

★

ଅକାଲ୍ ମକାଲ୍ ଚଇକା ଚକାଲ୍
ନାଡ଼ିକା ନତା ପୋଇ ପୋଇକା
ଶଙ୍ଖଚଲ ଘାଇ ମାଇଲା ସ୍ବିକା
ଊଡ଼ମୋଡ଼, ଦନେଇ ବାଡ଼ିର କହ୍ନେଇ ଗ୍ରେର ।

(କେନ୍ଦୁଝର

★

ଚକା ଚକା ଭଉଁରି
ମାମୁଁ ଘର ଚଉଁରି
ମାମୁଁ ଘର ବହୁଦୂର, ନାଆ ଫିଟା ନାଉରି ।
ଚକା ଚକା ବୋଇତ,
ଦଅଁ ପୂଜା ପାଇଁ ତ
ନଇଁପଡ଼ କଇଁଫୁଲ ତୋଳିଆଣ ବହୁତ ।
ଚକା ଚକା ଥାଳିଆ
ଆମେ ଏକ ମେଳିଆ
ଭୁଲିପଡ଼ ଚୂଲିଗଲେ ବୋଝ ନେବ ବଳିଆ ।

★

ଛୁଇ ଲେ ଲଇ, ଆ ଖେଲ୍ ମା ବାଇ ।
ବାଇ ଗଲେ ରୁଷି, ଆଗୋ ମା ପିଉସୀ ।
କଦେଲ ବାଡ଼କେ ଯାଇଥିଲ,
କଦେଲ ଗୋଟେ ପାଇଥିଲ ।
ସେ କଦେଲ୍ ପିଠା, ବହୂ ରୁଷିଛେ ବନ୍‌ତଲେ ।
ବହୂର ଖୋସା କାନ୍‌ତଲେ
ବହୂ ରୁଷିଛେ ବନ୍‌ତଲେ ।
ଆନ୍ତ ବୋ ଢବା ଢେଁଡଲ ଝୁଁମ୍
ବହୂ କେତନ ମା ବାଟେ ବାଟ ।

(ମାନେଶ୍ୱର-ସମ୍ବଲପୁର)

★

ଏତେ ଏତେ ପାଣି
ବୋହୂ ବୋହୂକା ରାଣୀ ।

(ଜଣେ ପିଲା ଅନ୍ୟ ଜଣକର ଦୁଇ ହାତକୁ ନିଜ ଦୁଇ ହାତରେ ଜାକି ଧରି ଠିଆ ହୋଇଥିବ ଏବଂ ଉପର ପଦଟି ସେ ଦୁହେଁ ଗାଉଥିବେ ।)

ତୃତୀୟ ଖେଳାଳି—ଏ ନଈରେ ପାଣି କାହିଁ ?
ଗାଧୋଇବ କେମିତି ମୁହିଁ ?

ପ୍ରଥମ ଦୁହେଁ—ପଇସା ଦିଅ ରାଣୀ
ଏତେ ଏତେ ପାଣି ।

(ତୃତୀୟ ଖେଳାଳି ପଇସା ଦେଇ ସେ ଦୁହିଁଙ୍କ ହାତର ବେଷ୍ଟନୀ ମଧ୍ୟକୁ ପଶିଯାଇ କହିବ—) ପଦେ ପାଦେ ପାଣି

ପ୍ରଥମ ଦୁହେଁ—ବୋହୂ ବୋହୂକା ରାଣୀ ।

(ଏହି କ୍ରମରେ ଗୀତବୋଲି ଚାଲିବ)

ଆଣ୍ଠୁଏ ଆଣ୍ଠୁଏ ପାଣି, ବୋହୂ ବୋହୂକା ରାଣୀ ।
ଅଣ୍ଟାଏ ଅଣ୍ଟାଏ ପାଣି, ବୋହୂ ବୋହୂକା ରାଣୀ ।

ପେଟେ ପେଟେ ପାଣି, ବୋହୂ ବୋହୂକା ରାଣୀ ।
ବେକେ ବେକେ ପାଣି, ବୋହୂ ବୋହୂକା ରାଣୀ ।
ମୁଣ୍ଡେ ମୁଣ୍ଡେ ପାଣି, ବୋହୂ ବୋହୂକା ରାଣୀ ।

(ତାପରେ ଭୃଙ୍ଗସ୍ତୁ ଖେଳାଳି ପଚାରିବ—'ଏ ପଟେ କଣ ଅଛି ?' ଉତ୍ତର—'ବାଘ' । ପୁଣି ଆର ପଟକୁ ଦେଖାଇ ପଚାରିବ—'ଏ ପଟେ କଣ ଅଛି ?' ଉତ୍ତର—'ଭାଲୁ' । ଏହାପରେ ସେ ଦୁହେଁ ହାତ ଖୋଲିଦେଲା ମାତ୍ରେ ଭୃଙ୍ଗସ୍ତୁ ଖେଳାଳି ଦୌଡ଼ି ପଳାଇବ । ତାକୁ ଗୋଡ଼େଇ ଯେ ଆଗ ଛୁଇଁବ, ସେ ହେବ 'ଚୋର' ।)

★

ପୁଞ୍ଚ ଲୋ ଘୁଞ୍ଚ ଯା
ଗମ୍ଭୀର ବିଲରେ ଲୁଚ ଯା
ଗମ୍ଭୀର ବିଲରେ ମଇଁଷି,
ଧାନ ମରମର ଖାଉଚି;
ଅଡ଼େଇ ଦେ'ରେ ଭାଇଗଉଡ଼
ବଜେଇ ଦେ'ରେ ବଇଁଶୀ ।
ମଇଁଷିଆ ଭାଇ କିଏ ରେ
ପାନ ବୋଡ଼କର ଗୁଆ ବୋଡ଼କର
ଭାଇଙ୍କ ସାଙ୍ଗରେ ନେଏ ରେ ।
ଭାଇ ବସିଛନ୍ତି ଉଞ୍ଚ ପିଣ୍ଡାରେ
ଭଗାରି ବସିଛି ତଳେ,
ପାନ ଖାଇ ପିଙ୍କ ପକାଇଦେଲେ
ପଡ଼ିଲା ଭଗାରି ଶିରେ ।
ଭଗାରି ପଛକେ ମରୁ
ଭଗାରି ମୁଣ୍ଡରେ ଘିଅ ସଳିତା
ହୁ-ହୁ ହୋଇ ଜଳୁ ।
ଗୋବର ଗାଡ଼ିଆ ପୋକ
ଆମେ ଦ୍ୱି' ଭଉଣୀ ପୁଚି ଖେଳୁଥିଲୁ
ଝୁରି ମରୁଥିଲେ ଲୋକ ।

ବାରଆଡ଼େ ଧାନ କିଆରି ଲମ୍ବ ଲମ୍ବ ଶିସା,
ଆମେ ଦୁ' ଭଉଣୀ ପୁଚି ଖେଳୁଥିଲୁ
ସତ ହୋଇଗଲା ନିଶା ।

★

ପୁଷି ଲୋ, ପୁଷି ଲୋ
ଯା ଯା ଯା ଘୁଷି ଲୋ ।
ଗଛର ଡାଳରେ ଚୂଆ,
ଚୂଆ ଘୁରିପଟେ ବୁଦା ସନ୍ଧରେ
ଚଢ଼େଇ ଦେଇଛି ଛୁଆ ।
ପୁଷି ଲୋ, ପୁଷି ଲୋ
ଯାଆ ଯାଆ ଘୁଷି ଲୋ,
ତୁ ଥାଆ ମୁଁ ଯାଉଚି
ବୁଦା ମୂଳେ ଲୁଚି ରହୁଚି
ଆଣିବ ଚଢ଼େଇ ଧରି
ପାଟି କରନା ଶୁଣିଲେ ଚଢ଼େଇ
ଉଡ଼ିଯିବ ଫୁର୍ କରି ।
ପୁଷି ଲୋ, ଯା' ଯା' ଘୁଷି ଲୋ
ଚଢ଼େଇ ଛୁଆକୁ ଧରିଛି ଲୋ,
ଚେଁ-ଚେଁ-ଚେଁ କହୁଛି ଲୋ ।
କୁନି ଅଣ୍ଡାଟିଏ ତାର
ଜୁଳୁ ଜୁଳୁ କରି ମୋ ଆଡ଼େ ଚାହୁଁଚି
ତାକୁ ତ ମାଡ଼ୁଛି ଡର ।
ପୁଷି ଲୋ, ଯା' ଯା' ଘୁଷି ଲୋ ।
ପଞ୍ଜୁରୀ ଗୋଟିଏ ଆଣିଚି ଲୋ
ଦୁଧଭାତ ଛଟେ ଦଉଚି ଲୋ
ନାହିଁରେ ଚଢ଼େଇ ନାହିଁ
ତୋ ମାଆ ଆସିବ ଚରି ବୁଲି କରି
ବସିଥା' ବାଟ ଚାହିଁ ।

ପୁଞ୍ଝ ଲୋ, ଯାଆ ଯାଆ ଘୁଞ୍ଝ ଲୋ,
ଚଢ଼େଇ ମାଆଟି କାନ୍ଦୁଚି ଲୋ
ଏ ଡାଳ ସେ ଡାଳ ବୁଲୁଚି ଲୋ
ନେ'ରେ ଚଢ଼େଇ ମାଆ
ଛୁଆଟିକୁ ତୋର ସଙ୍ଗରେ ନେଇ
ବନସ୍ତକୁ ଉଡ଼ଯା ।
(କେନ୍ଦୁଝର)

★

ଡେଇଁ ଡେଇଁ ଗଲି ବଣି
ତୋ'ର ମୋ'ର ପୁଚି ଖେଳୁଥିବା
ଦେଖି ମରୁଥିବେ ରାଣୀ ।
ଆମ୍ବ ପତର ମୋଡ଼ ମୋଡ଼କା
ପଣସ ପତର ଠୋଇଲି
ତୋ'ର ମୋ'ର ପୁଚି ଖେଳୁଥିବା
ଦେଖି ମରୁଥିବ ପୋଇଲି ।
ପୁନ ପୁନକା ଶାଗ
ପୁନ ଯାଇଥିଲା ବାଉଁଶ ଗଡ଼ିଆ
ପୁନକୁ ଧଇଲା ବାଘ ।

★

ଅଠର ମଠର କାଉଁରିଆ
ତୋ ପୁଅ ନାଁ ବାଉରିଆ ।
ବାଉରିଆ ଗଲା ମାଛ ଧର
ଆଣିଲା ଶେଉଳ ଗୋଟେ ମାର ।
ଅଧେ କଲା ଭଜା, ଅଧେ କଲା ସିଝା
ତୋ ଭଉଣୀ ରାଣୀ ଲୋ, ମୋ ଭାଇ ରଜା
ରଜା ପୁଅ ବଗୁଲା
ସେଇଟା ବଡ ଚଗଲା,

ଆସିଲା ବନେ ଘୋଡ଼ା ଚଢ଼ି
ପଡ଼ିଗଲା ସେ ମୁହଁ ମାଡ଼ି
ବାଜଲା ଢୋଲ ବାଜା, ପିଲେ ମାଇଲେ ମଜା
ତୋ ଭଉଣୀ ରାଣୀ ଲୋ, ମୋ ଭାଇ ରଜା ।

★

ଦୁଲି ତଲେ ଗଲା ଜନ୍ଦା
ଖେଚେଡ଼ ଭାତକୁ ବଡ଼ ଶରଧା
ନାକଚଣା ଦେଲି ବନ୍ଧା, ମୋ ଦୁଲି ଲୋ ।
ଦୁଲି ତଲେ ଗଲା ଭାଲୁ
ବାଟଲା ହଲଦୀ କାହାକେ ଦେଲୁ
ପୁଅକେ ନୁଖୁରା କଲୁ ମୋ ଦୁଲି ଲୋ ।
ଦୁଲି ତଲେ ଗଲା ହଂସ
ପାଣି ଡବ ଡବ ବୈଶାଖ ମାସ
ଚମକା ଘୋଡାରେ ଆସ, ମୋ ଦୁଲି ଲୋ ।

(ସମ୍ବଲପୁରୀ ଦୋଲି ଗୀତ)

★

ଆକାଶରେ ମେଘ ଲୋ
ହେଲା ରଜ ପାଗ,
ଆମ୍ବଗଛରେ ଦୋଳି ଝୁଲେ ରେ
କିଏ ଝୁଲିବ ଆଗ ଲୋ
ନେବ ସୁନା ପାଗ ।
ଚକୁଳି ଚିତଉ ଲୋ ଘିଅପିଠା ଜାଉ,
ଭାଇ ଭଉଣୀ, ସାଥୀ ମିତଣୀ
ଖାଅ ସରିଯାଉ ଲୋ, ଚଟକା ହେବ ଆଉ ।
ରଜ ଦୋଳି ମଜା ଲୋ ସଜ ଚଜ ମଜା
ବାସି ଜନଷ ଖାଇଲେ ବଷ
ବଇଦ ହୁଏ ଖୋଜା ଲୋ
ସଜରେ ଦେହ ତାଜା ।

ଦୋଳି କଲା ରଟ ମଟ
ମୋ ଭାଇ ମଥାରେ ସୁନା ମୁକୁଟ
ଝଗୁଥିଲା ଝଟଝଟ ।

କାଳିଆ କୁକୁର କାନ
ଗୁଆଳେ ମାଠିଆ ନଣ୍ଡକ ଯିବା
ଢିଙ୍କି କୁଟୁଥାଉ ଧାନ ।

ମଦରଙ୍ଗା ଶାଗ ରାଇ
ପଖାଳ ଭାତକୁ ଚିଲକା ଶୁଖୁଆ
ମାଣିକ ପାଟଣା ଦହି ।

ମନ୍ଦାରେ ପୋତିଲି ଲାଉ
ଫୁଲ ନ ଫୁଟୁଣୁ ଧରିଲା କଷି
ରଜ ସଜ ହାଉ ହାଉ ।

ଦେଉଳ ଉପରେ ଇଟା
ଥିର ଥିର କର କବାଟ ଫିଟା
ଖାଇବୁ ଆରିଷା ପିଠା ।

ନିମ୍ବ କ ମଧୁର ହେବ
ସାରି ଶୁଆ ପରି ପଢାଉଥିବ
ପର କ ଆପଣା ହେବ ?

ଗାଇଦେଲି ଦୋଳି ଗୀତ
ଦୋଳିରେ ଦୋଳିରେ ଉହ୍ଲୁଙ୍କି ଯିବ
ସାତଶିଖ ପରବତ ।

ପାକଲା ବାଉଁଶ ବାଡ଼ି
ରାମଚନ୍ଦ୍ର ଗଲେ ରାଇଜ ଛାଡ଼ି
ସୁବର୍ଣ୍ଣ କଠଉ ମାଡ଼ି ।

*

ଚକା ଚକା ଭଉଁରି
ମାମୁଁ ଘର ଚଉଁରି

( ୬୯ )

ଆସରେ ପିଲେ ଖେଳିବା ଖେଳ
କୁନି କୁନି ଗଉରୀ ।
ଆଣରେ ପିଲେ ମୂଷାମାଟି
ମେଘ ଯାଉ ଫସର ଫାଟି
ବେଙ୍ଗୁଲି ନାଲି ବାହା ହବ
ବାଜିଲାଣି ମହୁରୀ ।

★

# ଶିକ୍ଷାଗୀତ

# ଓ କଥାଣୀ

## ବର୍ଣ୍ଣଶିକ୍ଷା ଚଉତିଶାର କିୟଦଂଶ

କ, କ କାଳନ୍ଦୀ ତୀରେ,
ଖ, ଖ ଖେଳନ୍ତି ଧୀରେ ।
ଛ, ଛ ଛଇଳ କାହ୍ନୁ
ଜ, ଜ ଜଗଜୀବନୁ ।
ଡ, ଡ ଡମିଆ ମେରୁ,
ଢ, ଢ ଢାଙ୍କଇ ଭ୍ରୁରୁ ।
ବ, ବ ବାଙ୍କଚାହାଣୀ,
ଭ, ଭ ଭଙ୍ଗଇ ଠାଣି ।
ର, ର ରସିକ ବନ୍ଧୁ,
ଲ, ଲ, ଲାବଣ୍ୟ ସିନ୍ଧୁ ।
ବ, ବ ବଂଶୀଧାରିଆ,
ଶ, ଶ ଶ୍ୟାମଘନିଆ ।
ଷ, ଷ ଷାରଙ୍ଗପାଣି,
ସ, ସ ସୁନ୍ଦରମଣି ।
ହ, ହ, ହରିଦାସିଆ,
କ୍ଷ, କ୍ଷ କ୍ଷମାକାରିଆ ।

(ଶ୍ୟାମସୁନ୍ଦର ରାଜଗୁରୁଙ୍କ ପ୍ରବନ୍ଧାବଳୀରୁ)

*

## ସଂଖ୍ୟାଗଣନା ଗୀତ

ଏକ ପୁତ ଦୁଇ ସଙ୍ଗାତ
ତିନି ତିନି ତା,
ଚାରି ଚାଉଳ ପାଞ୍ଚ ବଉଳ
ଛଅ ପଇତା ।

ସାତ ଭାତ   ଆଠ ହାତ
ନଅ ହାଟ   ଦଶ କୁହାଟ
ଏଗାର ଗାର   ବାର ଦୁଆର
ତେର ତରକା   ଚଉଦ ଟକା
ପନ୍ଦର ପଣ୍ଡା   ଷୋଳ କୋରଣ୍ଡା
ସତର ଭାଇ   ଅଠର ଗାଈ
ଊଣେଇଶ ଗାଆଁ   ହାକମ ମୁହିଁ
କୋଡ଼ି ପୂରିଲା
ସଙ୍ଗାତ ସାଥିରୁ କଥା ସରିଲା ।

*

ଏକ ଦୁଇ ତିନି ଚାରି ପାଞ୍ଚ ପନ୍ଦର
ଫୁଲ କନେ ଉଡ଼ିଗଲେ ରାମଚନ୍ଦର ।

*

ଏକ,   ଭଲେଇ ଲଙ୍ଗୁଡ଼ ସେକ ।
ଦୁଇ,   କଣ୍ଟା ବାଉଁଶରେ ଜଇ ।
ତିନି,   ନାରଦ ବଜାଏ ଗିନି ।
ଚାରି,   ରାମ ଗଲେ ମୃଗ ମାରି ।
ପାଞ୍ଚ,   ତା ଧେଇ ଧେଇ ନାଚ ।
ଛଅ,   ସାଥୀ ହୋଇଯିବା ରହ ।
ସାତ,   ଦେଖିଯିବା ଦୋଳଯାତ ।
ଆଠ,   ହଳଦୀ ପତର କାଠ ।
ନଅ,   ଲେଖନ ପତର ଧଅ ।
ଦଶ,   କଉଡ଼ି ଖେଳିବୁ ବସ ।

*

## ଶୀତ ଗୀତ

କାର୍ତ୍ତିକ,   ଶୀତ କରେ ରତ୍ତିକା ।
ମାର୍ଗଶୀର,   ଶୀତ କରେ ଶୀର ଶିର ।

ପୌଷ, ଶୀତର ବଡ଼େ ସାହସ ।
ମାଘ, ଶୀତ ହୁଏ ବାଘ (ଶୀତର ବଡ ରାଗ) ·
ଫଗୁଣ, ଶୀତ କରେ ଦ୍ୱିଗୁଣ ।
ଚଇତ, ଶୀତ ଯାଏ ବୋଇତ ।

★

ଇଚର ମିଚର ଧୋବ ଖିର୍ ଖିର୍
ଇଠା ଟିଙ୍ଗା ଝୋଲ୍ ।
ହାଡ଼ କୁଟି କୁଟି ମାଉଁସ କୁଟି
ଆଙ୍ଗୁଠି ଗୋଟେ ମୋର ।
ଖଏର୍ ଖାର ବାହାନାର
ଇଠା ଟିଙ୍ଗା ଝୋଲ୍
ହାଡ଼ କୁଟି କୁଟି ମାଉଁସ କୁଟି
ଆଙ୍ଗୁଠି ଗୋଟେ ମୋର ।

(ଜଣେ ପିଲା ଆଙ୍ଗୁଠି ଖୋଲି ଦେଖାଏ । ସାଥୀ ପିଲାମାନେ ପଦେ ପଦେ ଗୀତ ଗାଇ ଗୋଟିଏ ଗୋଟିଏ ଆଙ୍ଗୁଠି ଟାଣି ଧରନ୍ତି । ଏହାପରେ ସେମାନେ ଗଣି ଶିଖନ୍ତି । )

★

ପାଠ ପଢିବ, ପାଠ ପଢିବ
କାଳିଆ ଘୋଡ଼ାରେ ଚଢିବ,
ମଧୁବାବୁ ସଙ୍ଗେ ଲଢିବ ।

★

## କଥାଣୀ

କଥାଟିଏ କହୁଁ, କଥାଟିଏ କହୁଁ,
କିସ କଥା ? ବେଙ୍ଗୁଲି କଥା
କି ବେଙ୍ଗୁଲି ? କାଠ ବେଙ୍ଗୁଲି

କ କାଠ ? ଘଣା କାଠ
କ ଘଣା ? ଆଖୁ ଘଣା
କ ଆଖୁ ? କନ୍ଦାର ଆଖୁ
କ କନ୍ଦାର ? ବୁଢ଼ୀ ମେନ୍ଦାସ୍ତ
କ ବୁଢ଼ୀ ? ଧୋକଡ଼ ବୁଢ଼ୀ
କ ଧୋକଡ଼ ? ପାଭ ମାଙ୍କଡ଼
କ ପାଭ ? ରଜାଙ୍କ ପାଭ
କ ରଜା ? ଖଣ୍ଡ ଖଜା
କ ଖଣ୍ଡ ? ମିରଗ ମୁଣ୍ଡ
କ ମିରଗ ? ଝାଡ଼ ମିରଗ
କ ଝାଡ଼ ? କଣ୍ଟା ବାଡ଼
କ କଣ୍ଟା ? କାନକୋଲି କଣ୍ଟା
ଲୁଗାରେ ଲଗେ ଅଠା କଠା, ଝିଟାଘଟା ।

★

## କଥାଣୀ ( ଭିନ୍ନରୂପ )

ଆସ ରେ ପିଲାଏ କଥା କହିବା
କ କଥା ? ବେଙ୍ଗ ଲଥା ।
କ ବେଙ୍ଗ ? ଠୁଣ୍ଟି ବେଙ୍ଗ ।
କ ଠୁଣ୍ଟି ? ପିଠା ପୁଣ୍ଟି ।
କ ପିଠା ? ଛାଳ ପିଠା ।
କ ଛାଳ ? ହାଣ୍ଡିଆ ଛାଳ ।

କି ହାଣ୍ଡିଆ ? ବଳଦ ଖଣ୍ଡିଆ ।
କି ବଳଦ ? ଡିଆଁ ବଳଦ ।
କି ଡିଆଁ ? ଚିଙ୍ଗଲ ଡ଼ିଆଁ ।
କି ଚିଙ୍ଗଲ ? ପାଣି ଚିଙ୍ଗଲ ।
କି ପାଣି ? ବରଷଣ ପାଣି ।
କି ରଜା ? ଝରି ଭଜା ।
କି ଝରି ? ଛାନ ଝରି ।
କି ଛାନ ? ଖେଳଆ କାନ ।
କି ଖେଳଆ ? କୁଙ୍କୁଠୁ ଖେଳଆ ।
କି କୁଙ୍କୁଠୁ ? ବାଡ଼ି କୁଙ୍କୁଠୁ ।
କି ବାଡ଼ି ? ତେଲ୍ଲି ବାଡ଼ି ।
କି ତେଲ୍ଲି ? ଝୁଆ ଦେଲ ।
କି ଝୁଆ ? କୁଠୁଘ ଝୁଆ ।
କି କୁଠୁଘ ? ବୁଢ଼ୀ ମଲ୍ଲାଘ ।
କି ବୁଢ଼ୀ ? ପାଚିଲ ବୁଢ଼ୀ
କି ପାଚିଲ ? ଧାନ କେଣ୍ଡି କେଣ୍ଡି ପାଚିଲ ।
କେଉଁଠୁଣୀ ବୁଢ଼ୀ ଚୁଡ଼ା ବୋଝ ଧରି ନାଚିଲ ।

★

## ଗପଶେଷ କଥାଣୀ

ମୋ କଥାଟି ସରିଲା, ଫୁଲ ଗଛଟି ମରିଲା ।
ହଇରେ ଫୁଲଗଛ, ତୁ କାହିଁକି ମଲୁ ?
ମତେ କାଳୀ ଗାଈ ଖାଇଗଲା ।

ହଇଲୋ କାଳୀଗାଈ, ତୁ କାହିଁକି ଖାଇଲୁ ?
ମତେ ଗଉଡ଼ ଜଗିଲା ନାହିଁ ।
ହଇରେ ଗଉଡ଼, ତୁ କାହିଁକି ଜଗିଲୁ ନାହିଁ ?
ମତେ ବଡ଼ବୋହୂ ଖାଇବାକୁ ଦେଲା ନାହିଁ ।
ହଇଲେ ବଡ଼ ବୋହୂ, ତୁ କିଆଁ ଖାଇବାକୁ ଦେଲୁ ନାହିଁ ?
ପୁଅ କାନ୍ଦିଲା ।
ହଇରେ ପୁଅ, ତୁ କିଆଁ କାନ୍ଦିଲୁ ?
ମତେ ଧୂଳିଆ ଜନ୍ଦା କାମୁଡ଼ିଲା ।
ହଇରେ ଧୂଳିଆ ଜନ୍ଦା, ତୁ କିଆଁ କାମୁଡ଼ିଲୁ ?
ମୁଁ ଭୂଇଁ ତଳେ ତଳେ ଥାଏ,
କଅଁଳ ମାଉଁସ ଟିକିଏ ପାଇଲେ
ରୁଟ୍ କିନେ କାମୁଡ଼ିଦିଏ ।

*

ଷଷ୍ଠ

ବାଇଆ ମାଆ ସେ ନ ଖାଏ ଖୁଦ ( ନ ଖାଏ କୁଣ୍ଡା )
ପୁଅ ଜନ୍ମ କଲା ପୋହଳା ବଦ । ( ଲଙ୍ଗଳ ମୁଣ୍ଡା )
ପୁଅକୁ ଶୁଆଇଲା ହିଡ଼ ମୁଣ୍ଡାରେ
ପିମ୍ପୁଡ଼ି ଖାଇଲେ କାନ ମୁଣ୍ଡାରେ ।
କାନ ମୁଣ୍ଡା ଗଲା ଶୀତଳ ହୋଇ
ପୁଅ କାନ୍ଦୁଅଛି ବିକଳ ହୋଇ ।
ବାଇଆ ମା’ ସେ ସବୁ କାଟେଣୀ
ପୁଅକୁ ପିନ୍ଧାଏ ପାଟ ପଉଣୀ
ଝିଅକୁ ପିନ୍ଧାଏ ନେତ,
ଆପେ ପିନ୍ଧଥାଏ କଳା ବଉଦ
ଉଡ଼ାଇ ନେଉଛି ଭୂତ ।

★

ନାନା ବାୟା ତାନା ରେ ମୋ ବୋଲଟି ଶୁଣ
ବିଲର ମାଛ ଚିଲ ଖାଇଗଲା ଦଉଡ଼ି ଗୋଟି ବୁଣ ।
ବଉଡ଼ି ଗଲା ଭାସି ରେ, ପଟା ଗଲା ଖସି
ନାନାବାୟା ସେ କାନ୍ଦ କାନ୍ଦୁଛି ହିଡ଼ ମୂଳରେ ବସି ।
ହିଡ଼ ମୂଳର ଗୁହିରିପାଖେ କଉଡ଼ି ଗୁଣାଗୁଣି
ଗୋଟିଏ କଉଡ଼ି ପାଇଲି ମାଗୋ ଗାଈ ବାଛୁରୀ କିଣି ।
ଗାଈ ପୁଅ ନାହିଁ ଗୋ ବାଛୁରୀ ପୁଅ ନାହିଁ
ବର ବାପ ଯାଇଛନ୍ତି କନିଆଁ ମୂଲେଇ ।
କନିଆଁ ହାତର ଶାଙ୍ଖର ଟଙ୍ଖା ଝୁମୁରୁ ଝୁମୁରୁ ବାଜେ
ବର ଗଳାକୁ ସୁନା ପଇତା ଦୁଧ ଭାତକୁ ସାଜେ ।
( ମେଦିନୀପୁର )

★

ଟଙ୍ଗା ଟଲ ମହା ଷଲ
ଧୋବ ଧାଉଳିଆ ପକ୍ଷୀ
ରାମଚନ୍ଦ୍ର କହି ଯାଇଛନ୍ତି
ସୀତା ବଡ ଦୁଃଖୀ ।

★

ଆସରେ ପିଲାଏ ଜାମୁକୋଳି ଖାଇ ଯିବା
କୁସୁମୀ ନଈରେ ପାଣି ପଡଚି
ବୁଢ଼ୀକୁ ଭସେଇ ଦେବା ।
ଅଦଢ଼ ଦତ, ଘରେ ଭାତ ନାହିଁ ବୁଢ଼ୀକୁ ତଡ଼
ବୁଢ଼ୀ ପଳେଇଲା ବଡ଼ାମ୍ବା ଗଡ଼ ।
ବଡ଼ାମ୍ବା ପିଲାଏ ମାଇଲେ ଧକା
ବୁଢ଼ୀ ପଳେଇଲା ଏକା ଏକା ।
ନଈକି ଫିଙ୍ଗିଲି ଗିଲ
ନଈ କୂଳପାଖେ ମନ୍ଦାର ଫୁଲ
ବୁଢ଼ୀକୁ ଝିଙ୍କିଲା ଚଲ ।

★

ମେଘ ବରଷିଲା ଟୁମୁରୁ ଟୁପୁରୁ
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ତେଲଙ୍ଗି ବାଇଦ ବଜା ।

★

ଆସିଲାଣି ମେଘ ଦୁମୁ ଦୁମେଇ ଲୋ
ଅମୁହାଁ ପୋଖରୀ ଡେଇଁ
ରଜା ପଠେଇଛି ସୁଆରୀ ପାଇଁ ଲୋ
ଆମର ସୁଆରୀ ନାହିଁ ।
ଆମ ସୁଆରୀ ତ ଦରବାରିଆ ଲୋ
ଯାଇଛି କଟକ ଡେଇଁ ।

କଣ୍ଟକ ଭିତରେ ଛନଛନିଆ ଲୋ
ବରଜ ଭିତରେ ପାନ
ପାନ ଖାଇ ପିକ ପକାଇ ଦେବ ଲୋ
ଚନ୍ଦନ ଯାତ୍ରା ଦିନ ।
ଚନ୍ଦନ କାଠୁଆ ଚୂଳରେ ଖୋସିଲି
ଚୂଳେ ଚୂଳେ ମହକିଲା ।
ବଡ଼ ଦେଉଳରେ ମୁଣ୍ଡ ମାରିଲି ମୁଁ
ବାବୁ ଆସି ପହଞ୍ଚିଲା ।
( ବାଗୁଡ଼ି-ବାଲେଶ୍ୱର )

★

ସାତ ତାଳ ପାଣି ତଳେ
ଶଙ୍ଖ ମଲ୍ ମଲ୍ ଘରେ
ଝୁଲିଶେଯ ଉପରେ ଶୋଇ
ମୋ କୁନୁ ଦେଖେ ସପନ
ଘୋଡ଼ା ଚଢ଼ି ଆସୁଛନ୍ତି
ମୋର କୁନି ରତନ ।
(ଚଣ୍ଡୀଖୋଲ)

★

ଗଡ଼ଆର ଚୂରପାଖେ ବୁଣିଲି ସୋରିଷ
ସୋରିଷର ମଜା ନେଲା ମହୁରାଳି ମାଛ ।
ଗଡ଼ଆର ଚୂରପାଖେ ବୁଣିଲି ଧଣିଆଁ
ଧଣିଆଁର ମଜା ନେଲା ବିଦେଶୀ ବଣିଆ ।
ଗଡ଼ଆର ଚୂରପାଖେ ବୁଣିଲି ମୁଁ କପା
ଡାଳ ଭାଙ୍ଗି ଫୁଲ୍ ତୋଳିଲା ରାଧିକାର ଅପା ।
(ବାଗୁଡ଼ି-ବାଲେଶ୍ୱର)

★

ରଜା ଯେ ଗଉଡ଼ିଆ ଅଣଆପ୍ସିତ
କଦଳୀ ଭାଜି ଦେଲା ପଖାଳ ଭାତ ।
କୁକୁହାଁ ପଡ଼ିଥିଲେ ସୁନଅଁ ଗାତ
ପିଲା ବକଟେ ହୋଇ ଦେଲୁ ଚରଚ ରେ
ଚନ୍ଦ୍ର ବଦନ ମୁଖ ଦେଖିଲେ ତୋର
ଘୋର ଦାରୁଣ ଦୁଃଖ ହୁଏ ପାସୋର ।
ନାଆଁ ତ ଦେଇଥିଲେ ସଂସାରୁ ବାଛି
ସୁନ୍ଦରପଣ ଧନ ତହିଁକ ଗଛି ରେ ।
କଗଟେ ହେଙ୍ଗୁ ହୋଇ ରହିବୁ ଭୁହି
ମହ ମହ ମହକ ବାସିବୁ ତହିଁ ରେ ।
ନାହିଁ ମୋ ଦରକାର ଠଙ୍କା କଉଡ଼ି
ଖାଇଁ ରହିଥା ବାବୁ ଅନ୍ଧଲଉଡ଼ି ରେ ।
(ନରସିଂହପୁର)

★

ଠିକ ଠିକ ଧାନ ଖେନ ଭରଣ
ବାପାଙ୍କ ହାତରେ ସୁନା ଲେଖନ
ଭାଇଙ୍କ ହାତରେ ରୂପା ଲେଖନ । ୧ ।

ମାଆଙ୍କ ହାତରେ ଫୁଲ ଗୁଙ୍ଗୁଡ଼ି
ବୋହୂଙ୍କ ହାତରେ ସୁବର୍ଣ୍ଣ ଚୁଡ଼ି । ୨ ।

ବାପା ଶୋଇଛନ୍ତି ସୁନା ଖଟରେ
ଭାଇ ଶୋଇଛନ୍ତି ରୂପା ଖଟରେ
ମାଆ ଶୋଇଛନ୍ତି କବାଟ କଳ । ୩ ।

ଆମେ ଦି ଭଉଣୀ କସ କରବା
ଗହନ ନଈକ ଡେଇଁ ପଡ଼ବା । ୪ ।

ଗହନ ନଈରେ ଫୁଟିଛି ମଲ୍ଲୀ
ହାତ ବଢ଼େଇଲି ତୋଳିବ ବୋଲି । ୫ ।

ଯାହାର ମଲ୍ଲୀ ସେ ତୋଳ ନେଲାଣି
ଝଙ୍କାକଆ ଶାଢ଼ୀ ଚର ଗଲାଣି । ୬ ।
ଝଙ୍କାକଆ ଶାଢ଼ୀ ମୁହଁରେ ନାଆଁ
କାଲ ଯେ ଆସିବ ଗୋଟି ବଣିଆ । ୭ ।
ଗୋଟି ବଣିଆ ଯେ ଭାଇଙ୍କ ସଡ଼ୁ
ବସି ଗଢ଼େଇବ କଙ୍କଣ ଖଡ଼ୁ । ୮ ।
କଙ୍କଣ ଖଡ଼ୁ ଯେ ବୋହୂଙ୍କ ବଳା
ବାଠ ଛାଡ଼ଦଅ ସର୍ବମଙ୍ଗଳା । ୯ ।

(ନରସିଂହପୁର)

★

କୁନୁ ମୁନୁ ବାଇଆ
ମା ଯାଉଛି ଚୂନା କୁଟି
ପିଠା କଲେ ଖାଇବା ।

★

ପାଚଲା ଆମ୍ବରୁ ଫାଳେ
ବାପା ଡାକୁଥିଲେ ଦାଣ୍ଡଦୁଆରେ ଲୋ
ମୋ ଧନ ନାହାନ୍ତି ଘରେ ।

★

ପିତାଶାଗ ବୁଦ ବୁଦ
ମୋ ଧନ ଗୋଡ଼ରେ ଯାଉଁଳ ମୁଦ
ଚାଲୁଥିବେ କୁଦ କୁଦ ।

★

ଗାଈ ଚରଗଲେ ହୃଡ଼ହୃଡ଼କା ଲୋ
ବାଛୁରି ଚରିଲେ ରମ୍ଭା,
ମୋ ଧନର ଆଜ ଜନମ ଦନ ଲୋ
ଶିବ ଶିରେ ଦେବ ଚମ୍ପା ।

★

ମେଘ ବରଷିଲା ଟପର ଟପର
କାଙ୍କଡ଼ ଧଇଲା କଷି
ମାଙ୍କଡ଼ ଯାଉଛି ଯାତରା ଦେଖି ଲୋ
ରଙ୍ଗ ପାଲିଙ୍କିରେ ବସି ।

*

ଏ କ ଫୁଲ, ସେ କ ଫୁଲ, ଅରୁଆ ମରୁଆ,
ଗଛମୂଳେ ଗ୍ଳଡ଼ ଆସିଲ ସିନ୍ଦୂର ଫରୁଆ ।
ସିନ୍ଦୂର ଫରୁଆ ଗୋଟି ରଜାପୁଅ ନେଲା,
ହାତଗୋଡ଼ ଭାଙ୍ଗି ଦେଇ ଦେଉଳ ତୋଳାଲା ।
ଦେଉଳର ଗୃହପଟେ କଉଡ଼ ବୁଣିଲା,
ଗୋଟେ କଉଡ଼ ଊଣା ହେଲେ ଗାଈ କିଣିଗଲା ।
ଗାଈ ନାଁ ଉଲେଇ ଲୋ ବାଛୁରୀ ନାଁ ଦୁଲେଇ,
ବାପ ପୁଅ ଯାଉଛନ୍ତି କନିଆଁ ମୂଲେଇ ।
କନିଆଁ ହାତର ଶଙ୍ଖା ମୁଠି ରୁଣୁ ଝୁଣୁ ବାଜେ,
ବର କାନ୍ଧର ପଇତା ଗୋଟି କେଡ଼େ ସୁନ୍ଦର ସାଜେ ।
(ଗଇରଙ୍ଗପୁର)

*

ଗହମ ଚଲେଇ ଦେଲ ପକେଇ ଦେଲ ଗୋଡ଼,
କୋଉ ଗାଇଜରୁ ଉଡ଼ ଅଇଲେ ପାରା ଯୋଡ଼ ଯୋଡ଼ ।
ଆସ ଆସ ପାରା ଯୋଡ଼କ ମୋ ପିଣ୍ଡାରେ ବସ,
ଖାଇବାକୁ ଦେବ ତୁମକୁ ଅଲେଇଚ ରସ ।
ପିଇବାକୁ ଦେବ ତୁମକୁ ବେଣ୍ଟପୋଖରୀ ପାଣି,
ଶୋଇବାକୁ ଦେବ ତୁମକୁ ପରୁଡ଼ ମଶୁଣି ।
ଶୋଇବାକୁ ଦେବ ତୁମକୁ ଖଟ ଯେ ପଲଙ୍କ,
ଜାଳିବାକୁ ଦେବ ତୁମକୁ ମାଣିକ୍ୟର ଧୂପ ।
(କଟକ)

[ନନ୍ଦକିଶୋରଙ୍କ 'ପାରାଯୋଡ଼ିକ' କବିତାର ପ୍ରଥମାଂଶ ଉପରେ ଦିଆଯାଇଥିବା ଗୀତଠାରୁ ସାମାନ୍ୟ ଭିନ୍ନ । ]

ବୁଲୁଣି ଚାଲୁଁ ଚାଲୁଁ ପାଇଲଇଁ ମୁଁ ଗୋଡ଼,
କି ସୁନ୍ଦର ପାରା ଯୋଡ଼ିକ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋ ପିଣ୍ଡାରେ ବସ ।
ଖାଇବାକୁ ଦେବି ତୁମକୁ ମୁହିଁ ନଡ଼ିଆ ରସ,
ପିଇବାକୁ ଦେବି ତୁମକୁ ବେଣ୍ଟପୋଖରୀ ପାଣି,
ଶୋଇବାକୁ ଦେବି ଖଟୁଲି ମାଳି ଘରୁ ମୁଁ ଆଣି ।
ମାଳିଘର ଖଟୁଲିରେ ଯେ ବାଉଁଶର ପାଙ୍ଗିଆ,
ରଜାଘର ଝିଅ ଗୋଡ଼ରେ ରତନର ଝୁଣ୍ଟିଆ ।
ରତନ ଝୁଣ୍ଟିଆ ମଝିରେ ଥିଲା ମାଣିକ୍ୟ ମର ।
ଖସିଗଲା ଝୁଣ୍ଟିଆରୁ ସେ ଖୁଣ୍ଟିନେଲା ତା ଶାରୀ ।

ଶାରୀ ପଚାରିଲା ଶୁଆ ଲୋ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଇଲେ ଶାରୀ ଶୁଣ ଗୋ ସ୍ୱର୍ଗଦାଣ୍ଡରେ ଯିବା
ସ୍ୱର୍ଗଦାଣ୍ଡେ ଯାଉଁ ଯାଉଁ ମୁଁ ପାଏ ଗୋବର ଲିଣ୍ଡି,
ଲିପି ପୋଛି ଦେଇ ଯାଅ ମା ପୂଜୁ ମଙ୍ଗଳଚଣ୍ଡୀ ।

*

ଅରଟ ଗାଇଁ ଗୁଇଁ ଲୋ ବୁଢ଼ୀ ତୋ
ସୂତା ନଟେଇ କାହିଁ,
ଜାଣିନାହୁଁ କରେ କାଠେଇଖିଆ ମୁଁ
ନିତି ହାଟପାଳି ଯାଇ ।
ନିତି ହାଟପାଳି ଯାଉ ଲୋ ବୁଢ଼ୀ ତୋ
କଉଡ଼ି ବୁଜୁଳି କାହିଁ,
ଜାଣିନାହୁଁ କରେ କାଠେଇଖିଆ ମୁଁ
ନିତି ଗୁଆ ପାନ ଖାଇ ।
ନିତି ଗୁଆ ପାନ ଖାଉ ଲୋ ବୁଢ଼ୀ ତୋ
ଦାନ୍ତ ତ ରଙ୍ଗେଇ ନାହିଁ,

ଜାଣିନାହୁଁ କ ରେ କାଠେଇଖିଆ ମୁଁ
ପାହାନ୍ତ ପଖାଳ ଖାଇ ।
ପାହାନ୍ତ ପଖାଳ ଖାଉ ଲୋ ବୁଢ଼ୀ ତୋ
ପେଟ ତ ଟୁବୁର ନାହିଁ,
ଜାଣିନାହୁଁ କରେ କାଠେଇଖିଆ ମୁଁ
ନଡ଼ ବାଡ଼ ଘର ଯାଇ ।
ନଡ଼ ବାଡ଼ଘର ଯାଉ ଲୋ ବୁଢ଼ୀ ତୋ
ଗୋଡ଼ ତ କାକର ନାହିଁ,
ଜାଣିନାହୁଁ କ ରେ କାଠେଇଖିଆ ମୁଁ
ନିଆଁକୁ ଦେଖେଇଥାଇ ।
ନିଆଁକୁ ଦେଖେଇଥାଉ ଲୋ ବୁଢ଼ୀ ତୋ
ଚଳପା ଉଷୁମ ନାହିଁ,
ଜାଣିନାହୁଁ କରେ କାଠେଇଖିଆ ମୁଁ
ପଟା ମାଡ଼ି ରଖିଥାଇ ।
(ନରସିଂହପୁର)

★

ଆସଲୋ କବଛି ବଣକୁ ଯିବା
ପାଚିଲା ପାଚିଲା କେନ୍ଦୁ ଖାଇବା
କଞ୍ଚା କଞ୍ଚା କେନ୍ଦୁ ବାଛି ରଖିବା
ମାଆ ଗାଳିଦେଲେ ପଣସ ପତର ଢାଙ୍କି ଶୋଇବା ।
(ସୋରୋ-ବାଲେଶ୍ୱର)

★

ଅକା ମକା ତିନି ଲୋକା
ଲିଲେ ଲୋଟି ଚନ୍ଦନ କାଠି
ଚନ୍ଦନ ବୋଲେ କା କା,
ପ୍ରଜାପତି ଉଡ଼ି ଯା ।
( ଚଣ୍ଡୀଖୋଲ )

★

ନାନା ବାୟା ଧର ରେ
　　　　ନାନା ବାୟା ଧର
ବଲ ମାଛକୁ ଚିଲ ଖାଇଗଲା
　　　　ଦଉଡ଼ି ଖଣ୍ଡେ ବଳ
ଦଉଡ଼ି ଗଲା ଭାସି
ପଟା ଗଲା ଖସି
ନାନା ବାୟା ରଡ଼ି କରୁଛି
　　　　ଝାଡ଼ ମୂଳେ ବସି ।
(ସୋରୋ-ବାଲେଶ୍ୱର)

*

ଟିକି ଟିକି ଧାନ ଓଲଟ ବେଣୀ
ଦୁଧରେ ପଡ଼ୁଛି ସରଲବଣୀ ।
ଝୁନ୍ଦୂଆ ପଡ଼ୁଛି ଘରଡୋଳାକୁ
ବାପା ପେଲିଦେଲେ ଗଙ୍ଗା କୂଳକୁ ।
ଗଙ୍ଗା କୂଳେ ଯେଉଁ ବଉଳା ଗାଈ
ନଈକି ଗଲି ମୁଁ ଘଉଲ ଧୋଇ
ନଈରେ ପଡ଼ୁଛି ମୟୂର ଛାଇ ।
ଠାକୁରେ ଖାଆନ୍ତୁ ନାଲି ନଡ଼ିଆ
ଗୋପପୁର ଦାଣ୍ଡେ ହେଲା ପଡ଼ିଆ ।
　　　　ଧୋବଣୀକି ଦେଲି ଘର,
ବାସି ନୁଗା ଖଣ୍ଡେ ପିନ୍ଧିଥାଆନ୍ତି ଲୋ
　　　　ଧୋବଣୀ ସାଙ୍ଗରେ ସଇ ।
(କୁଜଙ୍ଗ)

*

ଡାମରାକାଉ ରେ ଡାମରାକାଉ
ଉଞ୍ଚ ପରବତେ ବୋବାଉଥାଉ

ଉଞ୍ଚ ପରବତ ଧୁଞ୍ଚୁଧୁଞ୍ଚୁକା
ତହିଁରେ ବସିଛି ତିନ ମଞ୍ଜିକା ।
ତିନ ତିନ ପଣ ଅଠର ପଣ
ଭାଇଙ୍କି ଡକାଇ କଉଡ଼ି ଗଣ ।
କଉଡ଼ି ଗଣାରେ ପାହିଲା ରାତି
ଚୋର ନେଇଗଲା କଜଳପାତି ।
ଷାଠିଏ ଟଙ୍କାର ବଳଦ ମଲା
ଏକା କାଳୀଗାଈ ମଥାନ କଲା ।

ଆସ ଗୋ ସଙ୍ଗାତ ଗାଧୋଇଯିବା
କଇଞ୍ଚ କାକୁଡ଼ି ତୋଳି ଆଣିବା ।
କଇଞ୍ଚ କାକୁଡ଼ି ମୁଣ୍ଡରେ ପିତା
ଛଅ ଭାଇଙ୍କର ଛଅ ମୁକୁତା ।
ମହିଆଁ ଭାଇର ଆମ୍ବିଳ ଜାଉ
ତା' ଖାଇଗଲା ଓଲେଇ ବୋହୂ ।
ଓଲେଇ ଯାଇଛି ବାପଘରକୁ
ଯାହା ଆଣିଥିବ ମୋ' ଘରକୁ ।

( ଶେଷ ଗୃର ଧାଡ଼ିର ଅନ୍ୟ ରୂପ )

ମହିଆଁ ଭାଇର ଆମ୍ବିଳ ଦହି
ତା' ଖାଇଗଲା ଓଲେଇ ଗାଈ ।
ମୋ' ଘରଠା ତୋଳି ପୋଲା
କୁଣ୍ଡା ପାଣି ହୋଇ ଢହାଣ୍ଡି ଗଲା ।
ଆହୁର ହାଣ୍ଡିଏ ହୋଇଥାଆନ୍ତା
କଳାଶାଢ଼ୀ ଖଣ୍ଡେ ମିଳିଥାଆନ୍ତା ।
କଳାଶାଢ଼ୀ ଖଣ୍ଡେ କଅଣ ହେବ ?
ପେଡ଼ିରେ ପଶି ମହଣ ହେବ ।

*

ଆରେ ବାୟୁା ଆ
ବିଲର ମାଛ ଛେଳି କେରାଣ୍ଡି
ବାହିଁ ବାହିଁ କର ଖା ।

(ଘୁମୁସର)

★

ଢବ ଢବ ବାଜେ ଯୋଡ଼ି ନାଗରା ହୋ
କାଉ ଡାକେ କାଆ କାଆ,
ଖରା କରୁଅଛି ମେଘ ବରଷୁଛି
ବିଲୁଆ ପୁଅର ବାହା ।

★

ଛଠାକୁ ଛଠା    କଦମ୍ବ ନଠା
ତାକୁ ଖାଇଗଲେ   ଗାଈ ଦାଇଠା ।
କରେ ଗାଈ ତୁ'   ଖାଇଲୁ କାହିଁ ?
ଗାୟାଳ ମୋତେ ମୁଣିଲା ନାହିଁ ।

(ବାଗୁଡ଼ି-ବାଲେଶ୍ୱର)

★

ଥୋଲ ଥନ୍ତଲପେଠା
ନାଚଇ ଗଣିଆଁ ଗେଠା
ଯାର ପିଅର ଘର
ତାର କାହାକୁ ଡର ?

★

ବାପଧନ ଦୟାନିଧି
ହାତକୁ କଙ୍କଣ ପାଉଁଳ ମୁନ୍ଦି
ପାଉଚ ହରିଣ ବନ୍ଧି !

★

ଆବୋଗ କରେ ବୋଉ
କାଉକୁ ମାଇଲ କାଣ୍ଡେ,
କା'ଉ ପଡ଼ଚ ନା କାଣ୍ଡ ପଡ଼ଚ
ରଜା ଗଲେ ବଡ଼ଦାଣ୍ଡେ ।
(ଆସିକା-ଗଞ୍ଜାମ)

*

ବାଇ ଚଢ଼େଇ ରେ ବାଇ ଚଢ଼େଇ
ଅଗଡାଳେ କଲୁ ବସା,
ସଖା ନାହିଁ କ ସୋଦର ନାହିଁ
ଏକା ଗୋବିନ୍ଦ ଭରସା ।

*

ବାଇଧର ମଣି ବାଇଧର ମଣି
ମୋର ବୋଲଟି ଶୁଣ୍
ଦଉଡ଼ି ଖଣ୍ଡିଏ ବୁଣ୍
ତୋ ଦଉଡ଼ି ମୋ ଦଉଡ଼ି ବୁଦାରେ ପକାଇଥିବା
ଆଷାଢ଼ ମାସରେ ମେଘ ବରଷିଲେ
ଦଉଡ଼ି ଭସାଇ ଦେବା ।
ପଠା ଗଲା ଖସି
ଦଉଡ଼ି ଗଲା ଭସି
ଭଗତାବୁଢ଼ା ରଡ଼ି କରୁଛି
ହାଡ଼ ମୂଳରେ ବସି ।

*

କାଉ ରେ କାଉ, କାଉ ରେ କାଉ,
ରାଉ ରାଉ ହୋଇ ବୋବାଉଥାଉ ।
ପିଚାଫଳ ବୋଲି ନ ଖାଉ ଆଉ ।
ପିଚା ଫଳ ମୋର ଜୁଳୁକା ବୁଢ଼ୀ ଲୋ
ଯମରାଜା ତାଙ୍କୁ ପାସୋରିଯାଉ ।

*

ଗୁଇଁ ଗୁଇଁ ମୁଠି, ରଜାଘରର ଝୁଣ୍ଟି
ଆ ଶୀରଆ, ଘ ଏନ୍‌କେ ଯିମା
ତୋର ମୋର କେନ୍ଦୁ ଖାଏମା ।
ତୋର କେନ୍ଦୁଟା କଞ୍ଚା, ମୋ କେନ୍ଦୁଟା ପାର୍‌ଲ
ଟିକେ ଟିକେ ଭାଗ୍‌ କରମା ହାଣ୍ଡାକ ଘୁଡ଼ା ।

(ସୋନପୁର)

★

ଜହ୍ନ ମାଖେ ପାଖେ ତରା
ଉଠ୍‌ରେ ଉଠ୍‌ରେ ମୋଚି ବେହେରା
ମୀନ ମାରିଯିବୁ ପରା ।

(ବେଲଗୁଣ୍ଠା-ଗଞ୍ଜାମ)

★

ଶୁଖିଲା ପାନକୁ ଶୁଖିଲା ଚୂନ
ମୁଣ୍ଡରେ ବାନ୍ଧିଛୁ ନାଲି ରିବନ ।
ରିବନ ଖଣ୍ଡିକୁ ଅଶୀ ପଇସା
ଡାଗର ମୁଣ୍ଡରେ କଲେଣି ବସା ।
ଶିଙ୍ଘ ପାନଆଁ ନା କାଠ ପାନଆଁ
ପାନଆଁ ନୁହଁଇ ହାରମାନଆଁ ।
ଘୋଡ଼ା ନେ, ହାଣ୍ଡି ନେ,
କେଁ କେଁ କେଁ ହାରମାନଆଁ
ଚଞ୍ଚଳ ବଜେଇ ଦେ ।

★

ଠିକି ଠିକି ଚଢ଼େଇମାନେ
ଘ୍ୟାର୍ ପକୁଡ଼ି ଖାଆନ୍ତି

ଆଈ ବୁଢ଼ୀକୁ ସାଙ୍ଗରେ ନେଇ
ଝୁମୁର ଗୀତ ଗାଆନ୍ତ ।
ଝୁମୁର ମା ଲୋ ଝୁମୁର ମା
କି କରମ କଲୁ ହଉ ପଛେ ବୁଢ଼ୀ
ଆଣିଦେବ ହାଟପାଲ ଧନ
ଦେଖାଇଦେବ ଲମ୍ବା ଲମ୍ବା ଦାଢ଼ି ।

★

ନଈ ତଳେ ତଳେ କିଏ ଯାଉଛି ଲୋ
ଗହମ ବୁଣା ହୋଇଛି,
ଗହମ ସାଥିରେ କୋଶଳା ଶାଗ ଲୋ
ମାଧବୀ ତୋଳି ଖାଉଛି ।
ମାଧବୀ ନାକରେ ନୋଥ,
ସେଇ ନୋଥ ନେଇ ଯିବ କଟକ ଲୋ
ଆଣିବ ସୁନା ମୁକୁଟ ।
ସୁନା ମୁକୁଟରେ ଜରି,
କାହାସାଥେ ଭାଇ କରୁଛି କଳି,
ମୁହିଁ ତ ଯାଉଛି ଜଳି ।

★

ବେଙ୍ଗୁଲି ବେଙ୍ଗୁଲି ମାଉସୀ ମଲା
ନଈ ନାଳ କରି ଭସେଇ ଦେଲା ।
ଦେଏ ଇନ୍ଦ୍ର ରଜା ପାଣି
ଇନ୍ଦ୍ର ରଜା ଦେଏ ପାଣି

ଖାଇବୁ ଖଜା ତୋ ମନ ଜାଣି ।
ବେଙ୍ଗୁଲି ମାଉସୀ, ମାଡ଼ିବୁ ଖୁଣ୍ଟି,
ଚାଉଁଚ ମାଟି, ପାଣିକୁ ଆ,
ଦେଏ ପାଣି ଖାଇବୁ ଖଜା
ହେବୁ ରଜା, ବାଜୁ ବାଜା ।
(ବୀର ମହାରାଜପୁର-ଢେଙ୍କାନାଳ)

★

ଆସ ରେ ପିଲେ ବଣକୁ ଯିବା
ପାଚଲା ପାଚଲା କୋଳି ତୋଳିବା ।
କାଇଞ୍ଚ ପତର ପାରି ଶୋଇବା ।
ରଜାଘର ଝିଅ କନିଆଁ
ସାଆନ୍ତର ପୁଅ ବର,
ଅଠରଗଣ୍ଡା ଢୋଲ
ଢୁଙ୍ଗୁରୁ ଢୁଙ୍ଗୁରୁ କର ।

★

ମୋ ହେଲି ଦେଖ ମୋ ଗେଲି ଦେଖ
ଦେଖ ଶ୍ରୀଧର ପଣ୍ଡା,
କଦଳୀ ଗଛରେ କଦଳୀ ନାହିଁ
କେମନ୍ତେ ପଡ଼ିଛି ଭଣ୍ଡା ।

★

ହାଣ୍ଡିଟି କାଳିଆ ହିପଣ୍ଡ ମେଳିଆ
ନ ଜାଣଇ ଖାଲଖମା
ନନ୍ଦଘରେ ରହି ଦହି ଦୁଧ ଖାଇ
ହୋଇଛି ଧୂସରଧୂମା ।

★

କଖାରୁ ଫୁଲ ଫୁଟିଲା
କେଉଁଠି ଧନ ମୋ ରହଣି କଲା
କଏ ଗନ୍ଧ ପରଶିଲା ।

*

କଆ ବନେ ବନେ ଲୋ
କେତକୀ ବନେ ବନେ,
କହ୍ନେଇ ହାତରେ ନାଲି ବଇଁଶୀ
ବାଜେ ଘନେ ଘନେ ।

*

# ଦ୍ୱିତୀୟ ଭାଗ

# ଆଧୁନିକ ନାନାବାୟା ଗୀତ

ଗୋପାଳଚନ୍ଦ୍ର ପ୍ରହରାଜ (୧୮୭୪—୧୯୪୫)

## ଝୂଲ୍ ହାତୀ ଝୂଲ୍

ହାତୀ ଝୁଲୁଥାଏ        ରଜା ବଗିଚାରେ
କଆକନ୍ଧା ଖାଇବାକୁ,
କହ୍ନେଇ ଝୁଲଇ        ମୋହର କୋଳରେ
ଦୁଧ କଳେ ପିଇବାକୁ ।

ଝୁଲୁ ଝୁଲୁ ହାତୀ        ଉଡ଼ାଇ ପକଉଛି
ଧୂଳିରେ ଧୂସର ଦେହ,
କାଆ ପାଣି ଖାଇ        ପଙ୍କେ ଲୋଟି ହୋଇ
ଫୁଲୁଛି କପରି କହ ।

ହାତୀ ବନସ୍ତରେ        ଥିଲେ ରଜାଙ୍କର
ନାହିଁକି ରେ ତୋତେ ଜଣା,
ଭୁଲି ଭୋଳ ହୋଇ        ଧାଇଁଅଛୁ କାହିଁ
ହେବୁ ପରା ବାଟବଣା ।

ହାତୀ ଝୁଲୁଥାଇ        କୁକୁର ଭୁକଇ
ହାତୀକି ନ ମାଡ଼େ ଡର,
ହାତୀ ଉପରକୁ        ମାହୁନ୍ତ ବସିଲେ
ହାତୀ ଚାଲୁଥାଇ ଘର ।

ହାତୀ ଖୋଜତଳେ        ପିମ୍ପୁଡ଼ି ନ ମରେ
ପାହୁଣ୍ଡ ପକାଏ ଧୀର,
ଝୁଲି ଝୁଲି ହାତୀ        ଯାଉଥାଏ ଚାଲି
ନ ମାନି ବରଷା ଖର ।

ଝୁଲ୍ ଝୁଲ୍ ହାତୀ        ଝୁଲୁଥା ଝୁଲୁଥା
ପିଉଥାଆ ବାଆପାଣି,

ମାହୁନ୍ତ ଆସିଲେ ଲଦନ ପକାଇ
ଯିବୁ ବରଡାଳ ଆଣି ।

ରଜା ବିଜେ କଲେ ପାଟହାତୀ ଚାଲେ
ଦେଖିବ କେ ଦେଖ ଚାଲ,
ଘଣ୍ଟି ଝୁଣୁ ଝୁଣୁ ବାଜଇ ଦାଣ୍ଡରେ
ଚାଲୁଥାଏ ଟଳି ଟଳି ।

ସାଇଜଯାକରେ ରଜା ନ ମିଳଲେ
ବାଜଇ ତେଲଙ୍ଗି ବାଜା,
ସୁବର୍ଣ୍ଣ କଳସ ଢାଳନ୍ତି ଯାହା ମୁଣ୍ଡେ
ସେହି ତ ହୁଅଇ ରଜା ।

ମନ ହେଲାବେଳେ ବାଘୁ ହେଉ ଭୁହି
ଦେଖିଲେ ମାଡ଼ଇ ଡର,
ପଳାଣିଲା ବେଳେ ଘାହୁଣ୍ଡକେ କୋଣେ
ଚାଲୁଥାଉ ଟରଟର ।

ହାତୀ ଟରା ଖାବ ଚାର ମାହୁନ୍ତକୁ
ଠେଲେ କି ଉରନ୍ତା ସେହି,
ମନ ମାନୁଅଛି ବୋଲି ସେ ରହିଛି
ଅଙ୍କୁଶ ଶିକୁଳି ସହି ।

('ବାଳବୋଧ')

## ବାୟା ମା

ବାୟା ମାଆର ସରୁ କାଟେଣୀ
ପୁଅକୁ ପିନ୍ଧାଏ ପାଟପଡମୀ
ଆପେ ପିନ୍ଧଇ ନେତ,
ଝିଅକୁ ପିନ୍ଧାଏ କଳାବୋଇତ
ଉଡ଼େଇ ନେଉଛି ଭୂତ ।

ବାୟା ମାଆର ଡାଳରେ ବସା
ଯେତେବେଳେ ହୁଏ ଝଡ଼ବରଷା
ଆପେ ଖେଳଇ ଦୋଳି,
ଝିଅପୁଅ ଦୁହେଁ ବସାରେ ଝୁଲି
ଦଉଥାନ୍ତି ହୁଲହୁଲି ।

ବାୟା ମାଆର ପୁଅ ପଢ଼ୁଆ
ନାହାକ ପାଖରେ ଯାଏ ମଢ଼ୁଆ
ନାକ ବାଲ ଧରିଥାଏ,
ବେଳ ବୁଡ଼ିଗଲେ ଘରକୁ ଯାଏ
ନିତି ରୁଷି ଭାତ ଖାଏ ।

ବାୟା ମାଆର ଭାରି ସାହସ
କେବେ ନ ଡରଇ ଝଡ଼ବତାସ ,
ଆପେ ଝୁଲଇ ଡାଳେ,
ଖଣ୍ଡିଆ ଭୂତକୁ ନ ଡରେ ଠୁଳେ
ପିଲା ଧରିଥାଏ କୋଳେ ।

ବାୟା ମାଆର ଝିଅ କଳାହା
ନିତି ପ୍ରତିଦିନ ତବତଖିଆ
ନିତି ଲଗାଏ କଳି,

ମାଆ ରଖିଥାଏ ସରୁଚକୁଳି
ନ ଖାଇ ଭାଙ୍ଗଇ ଥାଳି ।

ବାୟା ମାଆ ସେ ବଡ଼ ଘରଣୀ
ପୁଅକୁ ଖୁଆଏ ସରଳବଣୀ
ଆପେ ପିଅଇ ପାଣି ,

ଝିଅକୁ ପିଆଏ ଥିର ତୋଡ଼ାଣି,
ଭାତ ଗୋଟି ଗୋଟି ଛାଣି ।

ବାୟା ମାଆର ହାତରେ ଶଂଖା
ଗେରସ୍ତ ଅରଜେ କାହାଣେ ଟଙ୍କା
ଦିନେ ନ ଥାଏ ଘରେ,

ପିଲାଙ୍କୁ ଛାଡ଼ଇ ମାଆ ପାଖରେ
ପଶିଥାଏ ବନସ୍ତରେ ।

(ଧୋ ରେ ବାୟା ଧୋ)

*

## ଟୁକୁ ମୂଷି

ଟୁ'କୁ ମୂଷି ଟୁ'କୁ ମୂଷି
ଧାନ ଭରଣକ ଖାଉଥା ବସି
ଭୁ ଥା ମୁଁ ଯାଉଛି ରୁଷି ।

କାଳିଆ ବଳଦ ଗଲା
ହାଣ୍ଡି କୁଣ୍ଡେଇ ଜଗି ଥିବୁଟି
ହାଣ୍ଡି ଧୁଡ଼ୁ ଧୁଡ଼ୁ କଲା ।

କାଳିଆ ବଳଦ ଭାରି ଉଚ୍ଛଟ
ନାଡି ଭାଙ୍ଗଇ ତାଟି କବାଟ ।

ମୋ ହାତରେ ଥାଏ ଖଣ୍ଡିଏ ଗୁଠ
ପିଲାଙ୍କୁ ଦେଖିଲେ ଉଗାଳେ ବାଠ ।

ବାପା ରଖିଗଲେ ଧାନ ଭରଣେ
ଅମାରରେ ଏବେ ନାହିଁ ତ ମାଣେ ।

ଚଷୁ ଗଦା ହେଲା ଅମାର କଣେ
ଗୁଡ଼ଲଯାକ ତ ଗଲାଣି କେଣେ ।

ଟୁଉକୁ ମୂଷିରେ ଦଶୁ ତ ସାନ
ମାସକେ ଖାଇଲୁ ଭରଣେ ଧାନ ।

କପରି ହୋଇଲା ପେଟରେ ଥାନ ?
କୋଡ଼ମେଇ ତୋର ପେଟ ସମାନ ।

ରୁଷି କରି ବାପା ଗୁଡ଼ଲେ ଘର
ମାଆକୁ ହେଲାଣି ଏକୁଆ ଜର ।

ଟୁକେଇ ମୂଷିଟି ଜଗିଛି ଘର
ଭୁଞ୍ଜା କରୁଅଛି ଧାନ ଅମାର ।

('ଧୋରେ ବାଘୁା ଧୋ')

★

## ବେଙ୍ଗୁଲି ନାନୀ

"ବେଙ୍ଗୁଲି ବେଙ୍ଗୁଲି ପାଣି ଦେଉଁ
ନଈ କଡ଼ି କରି ଭସେଇ ଦେଉଁ ।"

ବେଙ୍ଗୁଲି ଅଟୁ ତୁ ଇନ୍ଦ୍ର ଘରଣୀ
ଡେଇଁ ଡେଇଁ କରି କାଢ଼ୁ ତୁ ପାଣି ।

ବେଙ୍ଗୁଲି ନାମାର ଦେହରେ ଆବୁ
ହଳଦୀ ମାଲପା ଲଗାଉଥିବୁ ।

ଖଡ଼ରିଆ ଦେହ ବେଙ୍ଗୁଲି ତୋର
ହଳଦୀ ମାଲପା ନାହିଁ କି ତୋର ?

ସାରୁ ଗଛ ମୂଳେ ବେଙ୍ଗୁଲି ନାନୀ
ବାହା ହେଉଅଛି ବରଷେ ପାଣି ।

ବେଙ୍ଗୁଲି ନାନୀଟି ଉଞ୍ଚପାଟେଇ
ଡଣ୍ଡି ବସିଗଲା ପଖାଳ ଖାଇ ।

*　　*　　*

ପିଲାଦିନେ ହେଲୁ ଗେଲବସର
ସେଥିପାଇଁ ଫରକଟା ତୋ ଗୋଡ଼ ।

ବେଙ୍ଗୁଲି ନାନୀ ଲୋ ଘୁଡ଼୍ଗୁ ବରଷା
ନଈ ବଢ଼ି କରି ଆଉ ନ ଭସା ।

('ଧୋରେ ବାୟା ଧୋ')

*

ନନ୍ଦକିଶୋର ବଳ ( ୧୮୭୫-୧୯୨୮ )

## ବାୟାଚଢ଼େଇ

ବାୟାଚଢ଼େଇ ରେ          ବାୟାଚଢ଼େଇ ତୁ
କୃଷ୍ଣ ଦୁଆରକୁ ଆ—
କୃଷ୍ଣ ସଙ୍ଗତରେ          ଖେଳି ବୁଲି ସାରି
ଦୁଧ ପିଇଦେଇ ଯାଆ ।

ବାୟା ଚଢ଼େଇ ରେ          ବାୟା ଚଢ଼େଇ ତୁ
କୃଷ୍ଣ ସଙ୍ଗତରେ ଥିବୁ ,
ଆଖି ବୁଜି କରି          କୃଷ୍ଣ ଶୋଇଲେ ତୁ
ବସାକୁ ଉଡ଼ିଣ ଯିବୁ ।

ତୋ ବସା ବାଇଆ          ଉଚ୍ଚ ତାଳଗଛେ
ବାଆ କଲେ ଦୋହଲଇ
ଘୋର ବରଷାରେ          ତୋ ବସା ଭିତରେ
ପାଣି ପଶି ନ ପାରଇ ।

ନଈବଢ଼ି ଘୋର          ଗରଜନ କଲେ
ତୋତେ ନ ମାଡ଼ଇ ଡର ।
ଏତେ ବିପଦରୁ          ତୋତେ ଯେ ରଖନ୍ତି
ଧନ୍ୟ ଧନ୍ୟ ସେ ଈଶ୍ୱର ।

(ନାନାବାୟା ଗୀତ-୧ମ ଭାଗ)

★

## ଚୁଟିଆ ମୂଷା

ଚୁଟିଆ ମୂଷା ରେ ଚୁଟେଇ ମୂଷି,
ଧାନ ଅମାରକ ଖାଉଥା ବସି ।
କରୁଥା ଯାହା ତୋ ମନର ଖୁସି,
ଘର ଗୁଡ଼ ମୁହଁ ଯାଉଛି ରୁଷି ।
ଟିକି ଟିକି ଧାନ ଶଏ ଭରଣ,
ସାତଟା ଅମାର କଲୁଣି ଶୂନ୍ୟ ।
ଗଣେଶ ବାହନ ଅଟୁ ରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।
ପାଠ ନ ଆସିବ ମାରିଲେ ତୋତେ
ଅବଧାନ ବେତ ମାରିବେ ମୋତେ ।
ଟୁଉକୁ ମୂଷା ରେ ଟୁକେଇ ମୂଷି
ଖାଇକୁ ଯେତେକ ଖାଆରେ ଖୁସି ।
ଦୁଧ ପିଇବାକୁ କାନ୍ଦିଲେ କୃଷ୍ଣ
କାନ କାଟି ନେଇ ଯିବୁ କି ଦୁଷ୍ଟ ?
ଅମାରେ ଯେତେକ ଧାନ ତୁ ଖାଉ
ଗୁଉଳ ହାଣ୍ଡିରୁ ଗୁଉଳ ନେଉ ।
ଚହନ ଓଳଆ କାଟୁ କପାଇଁ
ଏତେ ଖାଇ ପେଟ ପୂରଇ ନାହିଁ ?
ଗାତରେ ବାହାରି ରୁଉଟୁ ରୁଟୁ
କଖାରୁ ଗଛଟି ମୂଳରୁ କାଟୁ ।
ଝାଉଁଳ ପଡ଼ଇ ପିଡ଼ା କଖାରୁ
କେତେ କଷି ଫୁଲ ମୂଷା ରେ ମାରୁ !
ଖରା ଗଡ଼ିଯାଏ ବୁଡ଼ଇ ବେଳ,
ସାହି ପିଲମାନେ ହୋଇଣ ମେଳ

ଗୀତ ଗାଇ ଗାଇ ବୁଲନ୍ତ ଗାଆଁ,
ଜହ୍ନି ଫୁଲ ଫୁଟେ ଠୋ—ଠା ।
ଚୁଟିଆ ମୂଷା କହୁଯାଇଛୁ
'ଚୁଡ଼ଲ ମୁଠିଏ ଦେଇ ଯା' ।
(ନାନାବାୟା ଗୀତ-୧ମ ଭାଗ)

*

## ହୋଓ ରେ ବାଇଆ ହୋଓ

ବିଲରେ ପାଚଇ ରଙ୍ଗଣୀ ଧାନ ଗୋ
ହୋଓ ରେ ବାଇଆ ହୋଓ,
ଯେଉଁ କଆଖରେ ବହୁତ ଧାନ ଗୁ
ସେଇ କଆଖରେ ଶୋଓ ।୧।

ଝୁଣୁ ଝୁଣୁ ପାଶ ବାସନା ଧାନ ଗୋ
ନାଲି ଗୁଲୁ ଗୁଲୁ ଢଗେ,
ଥାଳି ଚୂଳଦେଲେ ଗୋଟିଏ ପାଖରୁ
ବୁଲଣ ଆସିବ କି ସେ ।
ଭେଦୁଅ ମାସରେ ମାଣ୍ଡିଆ ପାଚଇ
ହୋଓ ରେ ବାଇଆ ହୋଓ,
ଯେଉଁ କଆଖରେ ଗହଳ ମାଣ୍ଡିଆ
ସେଇ କଆଖରେ ଶୋଓ ।୨।

ମାଣ୍ଡିଆ ବାଡରେ ଶଲଗ ବାଡ଼ ଗୋ
ଝୋକେଇ କୁଣ୍ଡେଇ ଫୁଲ,
ଝୋପଲ ଧରଣ କୃଷ୍ଣ ଚୋଳବ ଗୋ
କିଏ ଦେବ ତାର ମୂଲ ?
ଥିର ଥିର କରି ଚୋଳବୁ କୃଷ୍ଣ ରେ
କଣ୍ଟା ପଶିଯିବ ହାତେ,

ଲକ୍ଷେ ଚମ୍ପା ଦେଇ କେତେ ଆଙ୍ଗୁଳରେ
ଧନ ରେ ପାଇଛୁ ତେତେ ।୩।
ବାଡ଼ି ଗୁରପାଖେ କଣ୍ଟେଇକୋଳି ଗୋ
କୃଷ୍ଣ ତୋଳିଯିବ କୋଳି,
କୋଳି ଖାଉଁ ଖାଉଁ ଶିଆଳି ଲଟାରେ
କୃଷ୍ଣ ଖେଳୁଥିବ ଦୋଳି ।
ଶିଆଳି ବଣରେ ବାଇଆ ବସା ଟଗୋ
ହୋଓ ରେ ବାଇୟା ହୋଓ
ଯେଉଁ କିଆରିରେ ଗହଳ ଧାନ ଲୁ
ସେଇ କିଆରିରେ ଶୋଓ ।୪।
ବାଇଆ ପୁଅର କସ ଯାଉଛୁ ସେ
ବାଆ କଲେ ଦେ ହଲୁଛି,
ଲମ୍ବ ତାଳଗଛ ବାଉଁ ବରଡାରେ
ବସାରେ ବସିଛୁ ଲୁଚ ।
ଗଙ୍ଗା ବଉଦକୁ ଝର ପବନ ଗୋ
ଉଡ଼ାଇ ନଏ ବହନ,
ଦାଣ୍ଡ ତାଳଗଛ ଦୋହଲି ଦୋହଲି
ବାୟୁ ଗବେ ଘନ ଘନ ।୫।
ଦୁଇ କୂଳ ଖାଇ ବଢ଼ିଅଛୁ ନଈ
ପାଳରେ ପାଶଛୁ ଧାନ
ପଲ ବାନ୍ଧ ପକ୍ଷୀ ଆକାଶେ ଉଡନ୍ତୁ
ଶୁଭୁଥାଏ ତାଙ୍କ ଗାନ ।
ତା ଶୁଣି ପିଲାଏ ଗାଉଛନ୍ତୁ ଗୀତ
ହୋଓ ରେ ବାଇଆ ହୋଓ
ଯେଉଁ କିଆରିରେ ଗହଳ ଧାନ ଲୁ
ସେଇ କିଆରିରେ ଶୋଓ ।୬।

(ନାନାବାୟା ଗୀତ-୧ମ ଭାଗ)

★

## ନିଦ ମାଉସ

ନିଦମାଉସି ,                ନିଦମାଉସି !
ହେମ ଘରକୁ ତୁ ଆ ,
ଆଖି ଦୁଇଟି                ବୁଜେଇ ଦେଇ
ଶୋଇ ପକେଇ ଯାଆ ।

ନିଦମାଉସି,                ନିଦମାଉସି !
ଦୋଳି ତୁ ଖେଳାଇବୁ,
ଝୁଲେଇ ଝୁଲେଇ                ହେମକୁ ମୋର
ନିଦରେ ହସାଇବୁ ।

ନିଦମାଉସି,                ନିଦମାଉସି !
ହେମ ପାଖରେ ଥିବୁ ,
ଯେତେକ ଯାକ                ଭଲ ସପନ
ହେମକୁ ଦେଖାଇବୁ ।

ନିଦମାଉସି,                ନିଦମାଉସି !
ହେମ ଆଖିରେ ଥିବୁ,
କାଆ କାଆ କରି                କାଉ ରାବିଲେ
ଘରକୁ ବାହୁଡ଼ିବୁ ।

(ନାନାବାୟା ଗୀତ—୨ୟ ଭାଗ)

*

## ବେଙ୍ଗୁଲୀ ରାଣୀ

ବେଙ୍ଗୁଲି ବେଙ୍ଗୁଲି ପାଣି ଦେ ,
ନଈ ସମୁଦର ଭସେଇ ଦେ ।
ଇନ୍ଦ୍ର ରଜାଙ୍କର ବେଙ୍ଗୁଲି ରାଣୀ ,
ବୋବେଇ ଦେଲେ ସେ ବରଷେ ପାଣି ।

ବେଙ୍ଗୁଲି ବସଇ ସାରୁମୂଳରେ ,
ଛବି ଧରଅଛି ସାରୁ ପତରେ ।

ବେଙ୍ଗୁଲି ବୋବାଏ କେଁ କଣ୍ଠର ;
ପାଣିରେ ଭାସଇ ଦୁଆର ଘର ।

ପାଣି ପଶିଗଲା ସାପ ଗାତର
ସାପମାନେ ହେଲେ ଛନଛତର ।

ଖରାଦିନେ ସାପ ବେଙ୍ଗ ଖାଇଲା
ବରଷା ଦିନରେ ଫଳ ପାଇଲା ।

ଇନ୍ଦ୍ର ଦେବତାଙ୍କ ବେଙ୍ଗୁଲି ରାଣୀ
ସାପ କାମୁଡ଼ିଲା ତାଙ୍କ ଘରଣୀ ।

ଇନ୍ଦ୍ରରଜା ପାଣି ବରଷିଦେଲେ ,
ନଈ ସମୁଦର ଭସାଇଦେଲେ ।

ସାପ ଘରେ ପଶିଗଲା ରେ ପାଣି ,
ହୁଳହୁଳି ଦେଲା ବେଙ୍ଗୁଲି ରାଣୀ ।

ପାଟି ପାକୁ ପାକୁ କରି ବେଙ୍ଗୁଲି
ଫଙ୍କର ଫଙ୍କର ଯାଉଛି ବୁଲି ।

ଇନ୍ଦ୍ରବରଙ୍କର ହୋଇ କନିଆ
ମହୁଛୁବ କରୁ ଧରଣୀ ଝିଆ ।

ନଳା ମୁହେଁ ପଶି ପିଉ ତୋରାଣି ,
ଏଡ଼େ ଅସମ୍ମା ତୁ ବେଙ୍ଗୁଲି ରାଣୀ ?

ହୋଓ ପଛେ ଇନ୍ଦ୍ରରଜାଙ୍କ ରାଣୀ
ନ ଆସିବୁ ଆମ ଘରକୁ ପୁଣି ।

ଭାଡ଼ ତଳୁ ଶୁଣି କେଏଁ କଣ୍ଠର ,
ରାତିରେ ମାଡ଼ଇ କୃଷ୍ଣଙ୍କୁ ଡର ।

ଯେ ଘରେ ବେଙ୍ଗୁଲି ରହଇ ଯାଇଁ
ପଶେ ତହିଁ ସାପ ଅଧାର ପାଇଁ ।

( ୧୧୧ )

ତେଣୁ ବେଙ୍ଗ ଦେଖି ମାଡ଼ଇ ଡର ,
ବେଙ୍ଗ ପରା ଜନ୍ତୁ କେତେ ମାତର !

ତତେ ମୁହିଁ ମାର ପାରଇ ନାହିଁ ।
'ନଦୋଷୀ ପରାଣୀ ମାରନ୍ତ ନାହିଁ ।'

ମାରିଲେ ହୁଅନ୍ତ କାଲ ଅଟର ,
ବେଙ୍ଗ ବେଙ୍ଗୁଲୀଙ୍କୁ ଦୂରୁ ଜୁହାର ।

( ନାନାବାୟା ଗୀତ—୧ମ ଭାଗ )

★

ନୀଳକଂଠ ଦାସ ( ୧୮୮୪—୧୯୬୭ )

## ମୋ ରଜା

୧

ମେଘ ବରଷିଲା ଟୁପୁରୁ ଟୁପୁରୁ
କେଶୁର ମାଇଲା ଗଜା ,
କେଉଁ ରାଇଜରୁ ଆଇଲେ ମୋ ରଜା
ଡେଙ୍ଗି ବାଇଦ ବଜା ।
ବଜା ରେ ଢୋଲିଆ ବଜା
ହାଣ୍ଡି ଘରମାଣେ କଉଡ଼ି ଦେବ ମୁଁ
ଡେଙ୍ଗି ବାଇଦ ବଜା ।

୨

ଅଟିଣ ପବନ କାହାର୍ଁ ବାଜିଲା
କଂସା ଗିନା ହେଲା ମଜା
ନାହାକ ଡକାଇ ଦିନ ବୁଝାଇଲେ
ଯୁଦ୍ଧ କରି ଯିବେ ରଜା ।
ଆଜି ତୁ ବାଇଦ ବଜା
ଷଣ୍ଢ ପିଠା ଦେବ ଖାଇବୁ ଯେତେ ତୁ
ଡେଙ୍ଗି ବାଇଦ ବଜା ।

୩

ରଂଗ ରଂଗ ଲୁଗା ଟିଲ୍‌ଏ ପିଂଧିଲେ
ଗଲା ଦଶହରା ପୂଜା,
କେଉଁ ରାଇଜକୁ ବିଜେ ହେବେ ରଜା
ବାଜିଲାଣି ବୀରବାଜା ।
ବଜା ରେ ଢୋଲିଆ ବଜା
ଯୋଡ଼ି ଲୁଗା ଦେବ ଦେଉଳ ଉଂଚେ ତୁ
ବଜା ରେ ବିଜୟ ବାଜା ।

୪

ସୁଲୁ ସୁଲୁ ବାଆ ଏଣିକି ବହିଲା
ଆସିବେ ଘରୁ ମୋ ରଜା ,
ଘଇଜେ ଶୁଭିବ ଆନନ୍ଦ ଚହଲ
ପିଲଏ ଖାଇବେ ଖଜା ।
ବଜା ରେ ଆନଂଦେ ବଜା
ଘଇଜଯାକର ଯାତ ଦେଖିବୁ ଭୁ
ଖାଇବୁ ଭୁ ଝଜା ଭୁଜା ।

୫

ଢୋଲ ଯାଇଥିଲା ରଥଯାତ ଗଲା
ଘଇଜେ ନ ଥିଲେ ରଜା ,
ଘଇଜଯାକ ମୋ କେଡ଼େ ଅସୁଂଦର
ଦୁଃଖରେ ଥିଲେ ପରଜା ।
ଆସିବେ ଏଥର ରଜା
ବଜା ରେ ଢୋଲିଆ ମନ ଆନଂଦେ ଭୁ
ଚେଲଂଗି ବାଇଦ ବଜା ।

୬

ଆସେ ପାଟହାଣ୍ଡି ହଲୁଚି ହାଣ୍ଡିଦା
କି ସୁଂଦର ସାଜସଜା ,
ଛତି ଝଣା ହୋଇ ଆଡ଼େଣୀ ଢଣଇ
ଅଇଲେ ଘର ମୋ ରଜା ।
ବଜା ରେ ଢୋଲିଆ ବଜା
କୋଟି ପରମାୟୁ ହେଉ ରେ ତୋହର
ଚେଲଂଗି ବାଇଦ ବଜା ।

★

# ଜହ୍ନମାମୁଁ

ଆରେ ଜହ୍ନମାମୁଁ ଥିଲୁ ତୁ କାହିଁ ?
ଦିନବେଳେ ଜମା ଦିଶିଲୁ ନାହିଁ ?

ମାମୁଘର ମୋର ବହୁତ ସୁନ୍ଦର
ମାମୁ ମାଇଁଙ୍କର ବଡ଼ ଆଦର ।

ପାଚିଲା କଦଳୀ, ପାଚିଲା ଆତ ,
ଛେନାଗୁଡ଼ , ଦୁଧ , ଚକଟ ଭାତ ,

ଖାଇବାକୁ ମାଇଁ ଦିଅନ୍ତି ମୋତେ ,
ମା ପରି ସେନେହ କରନ୍ତି କେତେ ।

ଆଈ ମା ଶରଧା ବେଶି କରନ୍ତି,
ରାଜା ରାଣୀ ଗପ କେତେ କହନ୍ତି ।

ମାମୁ ପୁଅ ଭାଇ ମୋ ସଙ୍ଗେ ଖେଳେ ,
ଖେଳିବାକୁ ଯାଏ ତାଙ୍କରି ମେଳେ ।

ମାମୁଘରକୁ ମୁଁ ଯେଦିନ ଯିବି ,
ମାମୁ ମାଇଁଙ୍କୁ ମୁଁ ଜୁହାର ହେବି ।

ଆରେ ଜହ୍ନମାମୁ , ଜୁହାର ତୋତେ ,
ତୋ ରୂପଟି ଭଲ ଦିଶଇ ମୋତେ ।

ଠିଆ ହୋଇଥିବି ସବୁଜ ଘାସେ ,
ଦେଖୁଥିବି ତୋତେ ନୀଳ ଆକାଶେ ।

( 'ନୀଳକଂଠ ଗ୍ରଂଥାବଳୀ' )

ଗୋଦାବରୀଶ ମିଶ୍ର (୧୮୮୬—୧୯୫୬)

## ଭୁନ ହୁଅ

ଭୁନ ହୁଅ, ବାବୁ, ଭୁନଟି ହୁଅ ରେ
ବାପା ତୋ ରାଇଜ ରଜା ,
ବୋଉ ପାଟରାଣୀ ରୂପବନ୍ତୀ ବୋଲି
ମହଲରେ ଉଡ଼ୁଛି ଧ୍ୱଜା ।
ଦେଖୁଛୁ ଏ ଯେତେ ବନ ଗିରି ଗାଆଁ
ଉଆସ ଦୁଆରୁ ଚାହିଁ ,
ଗୋଟି ଗୋଟି ସବୁ ରଖିଛନ୍ତି ବାପା
ମୋ ଧନମାଳଟି ପାଇଁ ।
ବାଜୁଛି ଏ ପରା ଉଚ୍ଚ ନାଦେ ଭେରୀ
ନ ଡର ମୋ ଗଣ୍ଠି ଧନ ,
ଡାକେ ସେ ସିନାରେ କାମେ ଆସିବାକୁ
ଜଗାଳି ପାଇକ ଜନ ।
ହାତେ ଧନୁ ତାଙ୍କ ବଙ୍କା ହେବ ନାକ ,
ଭଙ୍ଗ ହେବ ଖଣ୍ଡା ଧାର ,
ବଇରୀ ଜନ କେ ଆସିବା ଆଗରୁ
ଶେଯପାଖେ ମୋ ବାପାର ।
ଭୁନ ହୁଅ, ବାବୁ, ଭୁନଟି ହୁଅ ରେ,
ଆସୁଛି ସେଦିନ ପରା,
ଢକା ଭେରୀ ନାଦେ ନିଦ ଯେବେ ତୋର
ଭାଙ୍ଗିବ ଜୀବନ ସାରା ।
ଭୁନ ହୁଅ, ଏବେ, ଶୋଇବାର ବେଳେ
ରହ ତୁ ନିଶ୍ଚିନ୍ତେ ଶୋଇ,
ବୟସ ହେଲେ ତ ଲଢ଼େଇକି ଯିବୁ
ସକାଳେ ଉଠିବୁ ଚେଇଁ ।

★ ('ଚମ୍ପକା')

ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮—୧୯୫୩)

## ଆ ଜହ୍ନମାମୁ

ଆ ଜହ୍ନମାମୁ ଓହ୍ଲାଇ ଆ
ମୋ ଧନମଣିକ ଗେହ୍ଲାଇ ଯା,
ଟୀକାଟିଏ ଯା' ଦେଇ,
ମୁଣ୍ଡେ ଟୀକା ନାଇ ଧନମଣି ମୋର
ନାଚବ ତା'-ଧେଇ-ଧେଇ !

ଆ ଜହ୍ନମାମୁ ସରଗଶଶୀ
ମୁରୁକ ମୁରୁକ ଦଉଛି ହସି
ହସିବ ମୋ ଧନମଣି,
ତୋ ହସ ମିଠା କି ଧନ ହସ ମିଠା
ହେବା ସିନା ଜଣାଜଣି ।

ଆ ଜହ୍ନମାମୁ ଖେଳିବା ପୁଚି
ମେଘ ଉହାଡ଼ରେ ଯାଆନା ଲୁଚି
ଗଡ଼ି ଯାଉଅଛି ବେଳ,
ଧନମଣି ସଙ୍ଗେ ଖେଳିବୁ ନାହିଁକି
ଆସି ଲୁଚୁକାଳି ଖେଳ ?

ଆ ଜହ୍ନମାମୁ କେତେକ ଧାଇଁ
ଧନ ପଣ୍ଡା ତୋତେ ବସିଛି ଗୁହାଁ—
ଅଗଣାରେ ଶେଯ ପାରି,
ଥକା ହୋଇ ଦୁହେଁ ଶୋଇପଡ଼ିବ ରେ
ନିଦ ଯେବେ ଦେବ ଘାରି ।

('ଜହ୍ନମାମୁ' ଫାଲ୍‌ଗୁନ, ୧୩୩୯)

★

ମଦନମୋହନ ପଟ୍ଟନାୟକ (୧୮୯୦—୧୯୭୭)

## ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁଘର ଚଉଁରୀ

ଖେଳ ଖେଳ ଧନ ମୋର ପଡ଼ୁଅଛି ଢଳ ଗୋ
ସରଗରେ ଜହ୍ନମାମୁ ଯାଉଅଛି ଚଳ ଗୋ ।

ଘେରିଛନ୍ତି ଚଉପାଶେ ପାରିଜାତ ପକ୍ଷୀ ଗୋ
ଭାସିଯାଏ ବଉଦରେ ଜହ୍ନମାମୁ ଢକ୍ଷୀ ଗୋ ।

ଗୁପ ଖେଳେ ଜହ୍ନମାମୁ ଚକା ଚକା ଭଉଁରୀ
ତାରକାର କୁଞ୍ଜେ ଉଠେ ମଙ୍ଗଳ ମହୁରୀ ।

ସରଗରେ ଜହ୍ନମାମୁ ମାଆ କୋଳେ ଗୁନ୍ଦ ଗୋ
ଆମ୍ବଗଛ ଡାକେ ଆଜି ମଧୁମାସ ଫାନ୍ଦ ଗୋ ।

ଫଗୁ ଖେଳେ ମନ ନାହିଁ କାହ୍ନୁ ମୋର ଅଝଟ
ଆ' ଆ' ଜହ୍ନମାମୁ ଦେଇଯାଆ ତା ପାଠ ।

ସୁନୁଲି ରୁପୁଲି ବାଡ଼ି ପାଇବୁ ତୁ ମୁକର
ଦରୋଟି କଥାରେ ତାର କଣା ତୋର ଅନ୍ତର ।

ମାମୁ ଭଣଜାଙ୍କ ଭେଟେ ଲାଗିଥିବ କାଳେ କାଳେ
କୋକିଳ ତା କଳକଣ୍ଠେ ଗାଉଥିବ ତାଳେ ତାଳେ ।

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ ।

('ଜହ୍ନମାମୁ', ଫାଲ୍‌ଗୁନ, ୧୩୩୯)

★

ଚନ୍ଦ୍ରଧର ମହାପାତ୍ର (୧୮୯୫—୧୯୭୬)

## ଆବୁ—ଡାବୁ

ଆବୁ-ଡାବୁ-ଗିର-ସୁତା
ମାଆ ବୋଇଲେ ପଢ଼ରେ ପୁତା

ପଢ଼ିଲେ ଗୁଣିଲେ ଦୁଧ ଭାତ
ଗାଡ଼ି ଘୋଡ଼ା ସାଥେ ସାଥ ।

ଗାଡ଼ି ଘୋଡ଼ା ଯୋଡ଼ା ଯୋଡ଼ା
ସେଥିରେ ଯିବ ଆଗରପଡ଼ା
ଆଗରପଡ଼ା କେଉଁ—ଠି ?
ମାମୁଘର ଯେଉଁ—ଠି ।

ମାମୁଘର ଯା—ଉଁ
ଡାଲିଭାତ ଖା—ଉଁ ।

ଡାଲି ତ ଡାଲି ହରଡ଼ ଡାଲି
ମାମୁ ଯିବେ କଟକ କାଲି ।

ବାବନ ବଜାର ତେପନ ଗଳି
କଟକ ସହର ବୁଲି ବୁଲି
ପଇସା ଦେଇ ବାର'ଣା
ଆଣିବେ କଣି ଖେଳଣା ।

ଛବି ବହି ନାଲି ନୀଳ
ନୂଆ ସିଲଟ ପେନ୍‌ସିଲ
ପଢ଼ିବ ପାଠ ଅ—ଆ
ଖୁସି ହେବେ ବାପ—ମା ।

('ପେଁକାଳି')

★

## ଖରା ମା

ଖରା ମା ଖରେଇ ଦେ,
ଚନ୍ଦନ କାଠି ଘୂରେଇ ଦେ ।
ଝଡ଼ ବରଷା କଟେଇ ଦେ,
ବାଆ ବାଦଲ ହଟେଇ ଦେ ।
ଖରାକୁ ଗୃହେ ଦେଖେଇ ଦେ,
ଧାନ ଚାଉଳ ଶୁଖେଇ ଦେ ।
ଗଛପତର ଝୁଲେଇ ଦେ,
ଦାଣ୍ଡରେ ମୋତେ ଖେଳେଇ ଦେ ।

× × ×

('ପେଁକାଳି')

*

## ଧାଇଁ ଗୁଡୁ-ଗୁଡୁ

ଧାଇଁ ଗୁଡୁ ଗୁଡୁ ଧାଙ୍ଗୁଡୁ ଧାଁ
ଧାଇଁ ଧାଇଁ କର ଘରକୁ ଯା ।
ଖସଡ଼ା ଭୂଇଁରେ ଖସୁଛୁ ପା'
ହୁସିଆର ହୋଇ ଆଗକୁ ଧାଁ ।
କଣ୍ଡୁ ପଡ଼ିବୁ ଠାଆକୁ—ଠା,
ଗୋଡ଼ ଛିଣ୍ଡିଯିବ ହେବଟି ଘା' ।
ଧାଇଁ ନ ପାରିଲେ ଏଇଠି ଥା
ବସି ବସି ଭଲ ଗୀତଟେ ଗା ।
ପୋଡ଼ପିଠା କର ରଖିଛୁ ମା
ଦୁଧ ଗୁଡ଼ ଗୋଳ ପିଠାଟି ଖା ।

× × ×

('ପେଁକାଳି')

*

କାଳୀଚରଣ ପଟ୍ଟନାୟକ (୧୮୯୭—୧୯୭୮)

## ବାଇଆ ହାତୀ

ବାଇଆ ହାତୀ ରେ    ବାଇଆ ହାତୀ
କୋଉ ବନସ୍ତରେ ଘର,
କିଏ ମାଇଲା ରେ    ବାଇଆ ହାତୀକି
ଭାଙ୍ଗିଲା ପଞ୍ଜରା ହାଡ଼ ।୦।

ଉଞ୍ଚ ପରବତ    କୁଞ୍ଜ କୁଞ୍ଜକା ଲୋ
ଅଗନା ଅଗନା ବନ,
ବଗ ଯାଇଥିଲା    ମାଛ ଧରିବାକୁ
ବଗୁଲି ହରଷ ମନ ।୧।

ଶୋଇପଡ଼ିବ ମୋ    ରଙ୍କସଂଖାଳି ଲୋ
ଢାକିଲା ଫୁଲୁଆନନ।
ବାପା ଯାଇଛନ୍ତି    ହାଟ ବଜାର ଲୋ,
ଆଣିଦେବେ ରଙ୍ଗକନା ।୨।

('କବିଚନ୍ଦ୍ର ଗୀତାବଳୀ'—୪ର୍ଥ ଖଣ୍ଡ)

★

## ଆ···ଜହ୍ନମାମୁ

ଆ···ଜହ୍ନମାମୁ    ସରଗଶଶୀ
ମୋ କାହ୍ନୁ ହାତରେ    ପଡ଼ରେ ଖସି ।୦।

ବାଆ ବହିଲାଣି    ସୁଲୁସୁଲିଆ,
ଧନମଣି ମୋର    ବଡ଼ ହାଲିଆ ।

ଶୋଇ ପଡ଼ିବ ମୋ    କୋଳରେ ପଶି
ପିଠି ଗୁପୁଡ଼େଇ    ଦେବ ଆଉଁସି ।୧।

କଅାବୁଦା ତଳେ ବୁଢ଼ା ବଳୁଆ,
ରଡ଼ ଛାଡ଼ିଲେଣି 'ହୁକ୍କେ-ହୁଆ' ।
ବାଇଆ ଦାଣ୍ଡକୁ ଡର ଲାଗୁଛି
କେତେ ରଡ଼ୁଥାଇ ବଳୁଆ ବସି । ୨ ।

('କବିଚନ୍ଦ୍ର ଗୀତାବଳୀ'—୪ର୍ଥ ଖଣ୍ଡ)

★

## ଧୋ'ରେ ବାଇଆ ଧୋ'

ଧୋ'ରେ ବାଇଆ ଧୋ'
ଯୋଉ କଅାଁରେ ଗଦ୍ଦାଳ ମାଣ୍ଡିଆ
ସେଇ କଅାଁରେ ଶୋ ।୦।

ଉଞ୍ଚ ପରବତ କୁଞ୍ଜକୁଞ୍ଜକା ଲୋ
ନଦୀରୁ ମାଉସୀ ଘର
ଆ' ଲୋ ମାଉସୀ ଶୁଆଇ ଦେଇ ଯା
କଳାକାଇଞ୍ଚକୁ ମୋର । ୧ ।

ଝିର ଝିର ପାଣି ଝରଣାକୂଳେ ଲୋ
ଝୁଲୁଛି ବାଇଆ ହାଣ୍ଡି,
ମୋ ବାଇଆ ହାଣ୍ଡି କୋଳରେ ଝୁଲଇ
ପାହ୍ନ ଯିବାଯାଏ ରାତି । ୨ ।

ବାଇଆ ଧନକୁ ନିଦ ମାଡ଼ିଲାଣି
ଘନ ଘନ ମାରେ ହାଇ,
ଘୁମାଇ ପଡ଼ରେ ମୋ ରଙ୍କପସରା
ଦୁଧ କଳେ କଳେ ଖାଇ । ୩ ।

(କବିଚନ୍ଦ୍ର ଗୀତାବଳୀ—୪ର୍ଥ ଖଣ୍ଡ)

★

## ଚଉବାହା ତୋର ସାହା

ଶୋଇପଡ଼ ଅରେ ନୟନ ଫଂଖାଳି
ସ୍ୱସ୍ତି ଏବେ ପାଇନାହିଁ,
ପିଠି ଝୁପୁଡ଼ାଇ ଶୁଆଇ ଦେବି ରେ
ଗୀତ ପଦେ ପଦେ ଗାଇ । ୦ ।

ଉଠିବୁ ସକାଳ କାଉ ଡାକ ଦେଲେ
ବହିଲେ ଶୀତଳ ବାଆ,
ବାଉଁଶ ବଣରେ କଚର ମିଚର
ଡାକ ଦେବେ ବଣିଚୁଆ । ୧ ।

ଗେଲ କରି ତୋତେ କୋଳରେ ବସାଇ
ପିଆଇ ଦେବି ମୁଁ ପାଠ,
ରଙ୍ଗବହି ଧରି ବୁଢ଼ୀ ମାଆ ଆଗେ
ହସି ଦେଖାଇବୁ ନାଟ । ୨ ।

କାଲିକି କାଲି ତୁ ବଡ଼ ହେବୁ ବାପା
ରଖିବୁ ବାପର ନାଆଁ,
ଧରମା ବାଳୁତ ଯୋଉ ମାଟି ପିଲା
ସେଇ ତ ଆମର ଗାଆଁ । ୩ ।

ପାଠ ଶାଠ ପଢ଼ି ଯୋଗା ହେବୁ ପୁଣି
ଗଢ଼ିବୁ ବଡ଼ ଦେଉଳ,
ତୋତେ ଆଶା କରି ଧନମାଳ, ସତେ
ହସି ମୁଁ କାଟୁଛି କାଳ । ୪ ।

ଖଟି ଖାଇବାକୁ ଡରପିବୁ ନାଇଁ
ଥାଉ ଥାଉ ଦୁଇ ବାହା
ଖାତର ନ କରି ସତ କହିବୁ ରେ
ଚଉବାହା ତୋର ସାହା । ୫ ।

('କବିଚନ୍ଦ୍ର ଗୀତାବଳୀ'—୪ର୍ଥ ଖଣ୍ଡ)

★

ଚନ୍ଦ୍ରଶେଖର ମିଶ୍ର (୧୯୦୦— )

## ଶିଶୁର ଶୟନ ସଂଗୀତ

ଶୋଇପଡ଼ ଶୋଇପଡ଼ ରେ
ବାୟାମଣି ମୋରବେ,
ଘରେ ଘରେ ପିଲା ତୋ'ପରି
ଶୋଇଲେଣି ସରବେ ।
ମାଡ଼ିଯାଉଛି ଅନ୍ଧାର
ଜଳ-ସ୍ଥଳ-ଗଗନ,
ଦୂର ପରବତ ନ ଦିଶେ
ଲୁଚିଗଲାଣି ବନ ।
ଗଛେ ଗଛେ ଫୁଲ ଶୋଇଛି
ପକ୍ଷୀ ମା'ଆର କୋଳେ,
ଆରାମେ ଶୋଇଛି ଶାବକ
ସୁଖ-ସ୍ୱପନ-ଭୋଳେ ।

* * *

ଶୋଇପଡ଼ ଶୋଇପଡ଼ ରେ
ବାୟାମଣି ମୋରବେ,
ଘରେ ଘରେ ପିଲା ତୋପରି
ଶୋଇଲେଣି ସରବେ ।
ହାତୀ ଦେବି ଘୋଡ଼ା ଦେବି ମୋ
ଧନମାଳିକି ଆଣି,
ପୁଅ ମୋର ପାଠ ପଢ଼ିବ
ହେବ ଜଗତେ ଜ୍ଞାନୀ ।
ଶୋଇପଡ଼ ବାୟାମଣି ରେ
ରାତି ଆସୁଛି ଧାଇଁ,
ଜଗତ ଠାକୁର ରଖିବେ
ତୋତେ ଘଣ୍ଟ ଘୋଡ଼ାଇ ।

★

ଲୋକନାଥ ପଟ୍ଟନାୟକ (୧୯୦୦—୧୯୬୪)

## ମୋର ସୁନାପୁଅ ରେ

ମୋର ସୁନାପୁଅ ରେ      ମୋର କୁନପୁଅ ରେ
ନ କାନ୍ଦ ନ କାନ୍ଦ      ଅଜ ଭୁନ ହୁଅ ରେ ।୦।

ଦେ ବଳଦ ଠାଣି ଠୁଣି
ଆଜ ନ ଥିବ ଦୋଓଡ଼ା ପାଣି

ପିଇଦେଲେ ତୁ ଫଖାଳପାଣି
ଶୁଆଇ ଦେବ ଭାତକୁ ଗୁଣି

ପିଇଦେଇ ଆଜ ଥରେ ଘରେ ଶୁଅ ରେ ।୧।
ଗଡ଼ ଗଲଣି ଗୁଇ ରେ
ଦେ ବେଇଗି ଖାଇ ରେ
ଆମର ବୁଢ଼ୀ ଗାଈ ରେ

ଡାକେ ଗୁହାଳେ ଥାଇ ରେ
ଅଫଟ ମୋ ଧନମାଳୀ ଆଜ ନୁହ ରେ ।୨।

ଆସିଲା ଶଙ୍ଖୀ ବଳେଇ
ନଶକୁ ଦେଇ ଫୁଲେଇ

ଖାଇବ ବୋଲି ଅଇଣ୍ଠା ତୋର
ଲାଙ୍ଗୁଡ଼ଠାକୁ ହଲେଇ
ଧୋଇଦେବ ଏଇନେ ତୋ ଗୁନ୍ଦ ମୁହଁ ରେ ।୩।

(କଟକ ଆକାଶବାଣୀ ସୌଜନ୍ୟରୁ)

★

ରଘୁନାଥ ମହାନ୍ତି (୧୯୦୦— )

## ପୁଅ ଖେଳାଇବା ଗୀତ

ଆରେ ବାପଧନ    ମୋ ରଙ୍କରତନ
ଅଝଟ କପାଇଁ ହେଉ,
ନେଏ ରେ ଖେଳନା    ତୋ ମନଫୁଲଣା
କିଆଁ କାନ୍ଦି ଦୁଃଖ ଦେଉ ?
ଲକ୍ଷେ ଓଷା ବାର    କଷ୍ଟେ କରିବାର
ଫଳ ଦେଇଛନ୍ତି ବିଧି,
ଅପୂର୍ବ ଦରବ    ଦରିଦ୍ର ଦୁର୍ଲଭ
ତୋତେ ପରା ଅଙ୍କନିଧି ।

* * *

ଛନକା ଗୁଡ଼ିରେ    ପଶଇ ଖୁଣ୍ଟିରେ
ଗଲେ ମୋ ଆଖି ଆଗରୁ,
କୂଅ ପୋଖରୀକୁ    ଆଗ ଖୋଜିବାକୁ
ଯାଏ ବାହାରି ମୁଁ ଘରୁ ।

* * *

ତୋ ରୂପ ମାଧୁରୀ    ତୋ କଥା ଚତୁରୀ
ଲାଗେ କଉତୁକ ପରା,
ଡାକିଲେ ପାଖକୁ    ପଳାଉ ଦୂରକୁ
ନ ପଡ଼ୁ ହାତରେ ଧରା ।
ଧୂଳିଆ ଧୂସର    ହୋଇ ଧୂଳିଘର
କରି ଖେଳୁ ନାନାରଙ୍ଗେ,
କେତେ ଜିଦ ଧରୁ    କେତେ ରାଗ କରୁ
ଢକସିକ ମୋର ସଙ୍ଗେ ।
କୋଳରେ ଶୁଆଏ    ଦୁଧ ମୁଁ ପିଆଏ
ବୋଲି ନାନାବାୟା ଗୀତ,
ଦୁଧରୁ ବହୁତୁ    କପଟ ପିଅନ୍ତୁ
ଭାଳୁଥାଏ ମୋର ଚିତ୍ତ ।

('ଗାଆଁ ମାଇପଙ୍କ ଗୀତ')

★

ଉପେନ୍ଦ୍ର ତ୍ରିପାଠୀ (୧୯୦୩—    )

## ମା-ର ଶିଶୁ ଶୁଆ ଗୀତ

୧

ଧନମଣି ରେ ଧନମଣି, ତୁ ଶୋଇପଡ଼ ରେ ଧୀରେ,
ବୁଜିଲେ ଆଖି ଦେଖିବୁ ଧାଇଁ ଆସିବେ କେତେ ବୀରେ ।
ବାରବାଟୀର ବଡ଼ ଛାଇରେ ବୀରଙ୍କୁ ଦଳେ ବସି,
ବାଜୁଥିବେ ରେ ବୀରବାଇଦ ମୁରୁକ ହସି ହସି,
ନାଚୁଥିବେ ରେ ଥୋକାଏ ଧରି ଧନୁ ଖଡ଼ଗ ଢାଲ,
ବାହୁରେ ବାହୁ ମିଳାଇ ନେଇ ଦଳେ ଓଡ଼ିଆ ମାଲ ।

୨

ଧନମଣି ରେ ଧନମଣି, ତୁ ନିଦରେ ପଡ଼ ଶୋଇ
ଦେଖିବୁ ତୋର ଆସିବ ଧାଇଁ ହସି ଧରମା ଭାଇ
ବାର ବରଷ ଟୋକା ବକଠ କଅଣ କାମ କଲା ?
କୋଣାରକର ଦେଉଳ ଚୂଳି ଏକାକୀ ମାରି ଦେଲା !
ବାରଶ ନାମୀ ବଢ଼େଇ ମିଶି ପାରିଲେ ନାହିଁ ଯାହା
ଧରମା ଏକା କରି ଶେଷରେ ମରିଲା ପୁଣି ଆହା !

୩

ଧନମଣି ରେ ଧନମଣି, ତୁ ଶୋଇପଡ଼ ରେ ନିଦେ
ଶୁଣିବୁ ଯେବେ ଆଗକାଳର ଓଡ଼ିଆ ଗୀତ ପଦେ ।
ଦୁନିଆ ସାରା ଖୋଜି ଆସିଲେ ପାଇବୁ ନାହିଁ କାହିଁ
ରସରସିଆ କବିତା ଯେତେ ଓଡ଼ିଆ ଅଛି ଗାଇ ।
କାଲି ସକାଳେ ମଧୁସୂଦନ, ଫକୀର, ରାଧାନାଥ
ଗାଇଲେ ଯେତେ ଓଡ଼ିଆ ଗୀତ କିଏ ଦେବ ରେ ହାତ ?

୪

ଧନମଣି ରେ ଧନମଣି, ତୁ ଶୋଇପଡ଼ ରେ ବେଗି
ଦେଖିବୁ ଯେବେ କଳାପାହାଡ଼ ଧାଇଁ ଆସିବ ରାଗି...
ଧୂଳିରେ ତୋର ମିଶାଇଦେବ ଦେଉଳ ଶହ ଶହ,
ଦୁନଆଁଟାରେ ଏଡ଼କ ପାଜି କିଏ ସେ ଅଛୁ କହ।
ଜନମିଥିଲା ମଣିଷ ହୋଇ ଆପଣା ଦୋଷୁଁ ସିନା,
କାଳି କାଳକୁ ପଶୁ ରହିଲା ଉଡ଼ିଲା କଳା ବାନା !

୫

ଧନମଣି ରେ ଧନମଣି, ତୁ ସହଳ ପଡ଼ ଶୋଇ,
ବୋଇତ ଆଣି ସପନ ତୋତେ ଜାଭାକୁ ନେବ ବହି।
ଦେଖିବୁ ତହୁଁ ଓଡ଼ିଆପୁଅ ଗାଏ ଓଡ଼ିଆ ଗୀତ—
'ଓଡ଼ିଶା ସିନା ଘର ଆମର ବାଲି ଜାଭାରେ ଭିତ'।
ରତନଭରା ବୋଇତ ପୁଣି ଆସିବୁ ତହୁଁ ଫେରି,
ଧନଟି ମୋର ଶୋଇ ପଡ଼ରେ ରାତି ହେଉଛି ଢେର।

(ପଣ୍ଡିତ ଉପେନ୍ଦ୍ର ଗ୍ରନ୍ଥାବଳୀ)

## ଟୁଲୁକୁ ମୂଷି ଗୀତ

'ଟୁଲୁକୁ ମୂଷି'
ଭୁଲ ଥା ମୁଁ ଯାଉଛି ରୁଷି'
ପୁଷି ଆସି ଯେବେ କହିଲା
ବଢୁନ ଆମର ବୁଲି ଯାଉଥିଲା
ସେଇଠି ଅଟକି ରହିଲା ।
ପୁଷି ମାଉସୀ
କାହିଁକି ଯେ ତୁମେ ଯାଉଛ ରୁଷି ?
କଅଣ ତୁମର ହେଲା କି ?

କିଏ ସେ କଅଣ    ଅବା ଖାଇଗଲା
ତୁମକୁ ତାହା ନ ଦେଲା କି ?

ଝୁଙ୍କୁ ମୂଷି;

କଥା ଶୁଣି ତୋର    ହୋଇଲି ଖୁସି
ଶାଖକୁ ଟିକିଏ ଆଇଲୁ
ତୋହର ମୋହର    ମିତ ବନିଯିବା
କାହିଁକି ଦୂରେଇ ରହିଲୁ ?

(ପଣ୍ଡିତ ଉପେନ୍ଦ୍ର ଗ୍ରନ୍ଥାବଳୀ)

★

## ବାଇ ଚଢ଼େଇ

ବାଇଚଢ଼େଇ ରେ ବାଇଚଢେଇ
ଗଛରୁ ପତର ଦେ' ଝଡେଇ ।

ଫୁଲରୁ ଅତର ବାସନା ଆସୁ
ଗମ୍ଭୀର ନଈରେ ନାଅ ଟି ଭାସୁ ।

ଥିର ଥିର କରି ବହୁଛି ବାଆ
ବାଇଚଢ଼େଇ ତୁ ବସାରେ ଥାଆ ।

ଦୋହଲି ଦୋହଲି ଖେଳବୁ ଦୋଳି
ଭୋକ କଲେ ଆସି ଖା'ଇବୁ କୋଳି ।

ଶୋଷ କଲେ ନଈ ପାଣି ପିଇବୁ
ଉଡ଼ିଯାଇ ମାଆ କୋଳେ ଶୋ'ଇବୁ ।

ଭିଜିଗଲେ ଦେହ ଆସିବୁ ଉଡ଼ି,
ଗୁଡ଼ିଆଣୀ ଘରୁ ଖାଇବୁ ମୁଢି ।

ଗରମ ଗରମ ସେତକ ଖାଇ
ମାଆ କୋଳେ ଶୋଇ ମାରିବୁ ହାଇ ।

ଆସିଯିବ ଯେବେ ନିଦ-ଦେବତା
ମୁଦିଯିବ ତୋର ଆଖିର ପତା ।
ଆଗମରେ ତୋର କଟିବ ଦିନ,
ମୁହିଁ କିଆଁ ହେବ ତୋହଠୁଁ ହିନ ?
ତୋହର ମୋହର ହେବା ସଙ୍ଗାତ,
ଦୋହଲି ଦୋଳିରେ ଗାଇବା ଗୀତ ।

(ପଣ୍ଡିତ ଉପେନ୍ଦ୍ର ଗ୍ରନ୍ଥାବଳୀ)

*

## ଗା' ଲୋ ବେଙ୍ଗୁଲି, ଗା'

ଗା' ଲୋ ବେଙ୍ଗୁଲି, ଗା'
ବରଷା ଋତୁ ଏ ଚହଲେଇ ଦେଲାଣି
ବହି ମଉସୁମୀ ବାଆ ।
ମଉସୁମୀ ବାଆ ବହିଲା ଆସି
କାଳିଆ ମେଘରୁ ପାଣି ବରଷି
ନଈ ନାଳ ଯିବ ପୂରି
ବଢ଼ିଲା ନଈରେ ଭଉଁରୀ ଖେଳିବ
ଏଣେ ତେଣେ ଘୂରି ଘୂରି ।
ଗା' ଲୋ ବେଙ୍ଗୁଲି, ଗା'
ବରଷା ଅଇଲେ ତିନ୍ତିଯିବ ଦେହ
ସାରୁଗଛ ମୂଳେ ଥା' ।
ଛତା ହେବ ତୋର ସାରୁ ପତର
ବରଷାକୁ ଆଉ ନ ଥିବ ଡର
ଲାଗିଲେ ପେଟକୁ ଭୋକ
ଡେଇଁ ଡେଇଁ ବୁଲି ଖୁସିରେ ଖାଇବୁ
ଯେତେକ ଝିରିଆ ପୋକ ।

ଗା' ଲୋ ବେଙ୍ଗୁଲି, ଗା'
ମେଘୁଆ ରାତିରେ ପୁଅ ଶୁଆଇବି
ଉଚ୍ଛନ ହେଉଛି ମାଆ ।
ବାଇଆ ମାଆ ଲୋ ବାଇଚଢ଼େଇ
ମାଆ ତୋ ଯାଇଛି ଗାଈ ଅଡେଇ
ସେ ଆଡ଼ୁ ଆଣିବ ପାଚିଲା ବେଲ
ତୁ' ଖାଇକରି ହୋଇବୁ ଗେଲ
ଏଇ ଗୀତଗୋଟି ଗାଇ
ଥାପୁଡ଼େଇ ଦେଲେ ଶୋଇଯିବ ଧନ
ମାଆ ପାଇଯିବ ସାହା ।

(ପଣ୍ଡିତ ଉପେନ୍ଦ୍ର ଗ୍ରନ୍ଥାବଳୀ)

★

ଉଦୟନାଥ ଷଡ଼ଙ୍ଗୀ (୧୯୦୫— )

## ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁଘର ଚଉଁରୀ
ମାମୁ ଘର ବହୁତ ଦୂର    ନାଆ ଫିଟା ନାଉରୀ ।

ଚକା ଚକା ବୋଇତ
ଢଅଁ ପୂଜା ପାଇଁ ତ
ନଇଁପଡ଼ି କଇଁଫୁଲ    ତୋଳିଆଣ ବହୁତ ।

ଚକା ଚକା ଥାଳିଆ
ଆମେ ଏକମେଳିଆ,
ବୁଲିପଡ଼ି ଚାଲିଗଲେ    ବୋହି ନେବ କାଳିଆ ।

ଚକା ଚକା ଚକୁଳି
ଆସ ଯିବା ସଙ୍ଖୁଳି
ଆଗ ହେବ ସୁନାପାଗ    ପଛେ ପୋଡ଼ା ବକୁଳି ।

('ଚକା ଚକା ଭଉଁରୀ'—୧୯୫୭)

★

## ବାଇ ଚଢ଼େଇ

"ବାଇଚଢ଼େଇ ରେ ବାଇଚଢ଼େଇ,
ବାଆ ଆସିଲାଣି ଧୂଳି ଉଡ଼େଇ ।
ଏତେ ଉପରେ ତୁ ଝୁଲୁଚୁ ଏବେ,
ମରିଯିବୁ ତଳେ ପଡ଼ିବୁ ଯେବେ ।"

"ନ ମରିବି ମୁହିଁ ଆଉରେ ବାଳକ,
ଏହିପରି ଅଛି କାଳକାଳକ;
ତୁମ ଘରଠାରୁ ମୋ ଘର ଠାଣି,
ଦୋହଲିବ ଖାଇ ବାଆ ପବନ ।"

"ନେବୁ କରେ ତୋହ ଘରକୁ ମୋତେ ?
ଦୋଳି ଖେଳୁଥିବି କୁଣ୍ଢାଇ ତୋତେ ।"

"ରହିଚୁ ମଉଜେ ତୁ ତଳଘରେ,
ମୁହିଁ ରହିଅଛି ଗଛ ଉପରେ ।
ଏତେ ଉପରକୁ ଆସିବୁ କିଆଁ ?
ଡର ଲାଗିବ ରେ ହେବୁ ଗୁନିଆଁ ।
ଯାହାପାଇଁ ଯାହା ଅଛି ଭିଆଣ
ହେବନାହିଁ ଭଲ କଲେ ତା ଆନ ।"

('ଚକା ଚକା ଭଉଁରୀ')

★

## ରାତି ପାହିଲା

ଉଠିପଡ଼ ଉଠିପଡ଼ ରାତି ପାହିଲା,
କାଆ କାଆ କାଆ ଡାକ କାଉ କହିଲା,
"ଶୁଅନାହିଁ ବାପଧନ ଆଉ ଶେଯରେ,
ଅଳସୁଆ କହିବେଟି ମନେ ହେଜ ରେ ।"

ସୁଲୁସୁଲୁ ବହିଆସି କହେ ପବନ,
"ଶୋଇଥିଲେ ଶୋଇଥିବ ସାରା ଜୀବନ ।
ତୁମ ହିତ ଲାଗି ମୁହିଁ ଗୀତ ଗାଉଚି,
କାମେ ମନ ଦିଅ ବାବୁ, ବେଳ ଯାଉଚି ।"

ହସି ହସି ଗଛଡାଳେ ଫଳଗହଳେ
ତୁମ ହସ ଦେଖିବାକୁ ଫଳ ଦୋହଲେ ।
ହସମୁଖେ ଲଗିଯାଅ ଧନ କାମରେ,
ଧନ୍ୟ ଧନ୍ୟ ପଡ଼ିଯିବ ତୁମ ନାମରେ ।

ମନ ଦେଇ କାମ କଲେ ଯଶ ପାଇବ,
ରାତି ହେଲେ ଗାଢ଼ ନିଦେ ସୁଖେ ଶୋଇବ ।

('ଟକା ଟକା ଭଉଁରୀ')

★

ରାମକୃଷ୍ଣ ନନ୍ଦ ( ୧୯୦୬— )

## ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ
ମାମୁ ମତେ ମାଇଲେ
କେତେ କଥା କହିଲେ
ବୁଝେଇ ସୁଝେଇ ପୁଣି
ଦୁଧଭାତ ଖୋଇଲେ ।

ମାମୁଘର ଅଗଣାରେ
ନାଲି ନେଳି ପଥର,
ଫୁଲ ଫୁଟି ବାସୁଥାଏ
ସତେ ଅବା ଅତର ।

ମାମୁ ଘରେ ବାଜୁଥାଏ
ଯୋଡ଼ା ଯୋଡ଼ା ମହୁରୀ,
ଚକା ଚକା ଭଉଁରୀ ଗୋ
ମାମୁଘର ଚଉଁରୀ ।

('ଝୁମୁକା')

*

## ହାତୀ ନେ, ଘୋଡ଼ା ନେ

ହାତୀ ନେ, ଘୋଡ଼ା ନେ
ମୋ ପେଏଁକାଳି ବଜେଇ ଦେ,
ମୋତି ନେ, ହୀରା ନେ
ମୋ ଘରଟିକି ସଜେଇ ଦେ ।

ସୁବର୍ଣ୍ଣର ଥାଳୀ ନେ
ମାଣିକ୍ୟର ମାଳ ନେ
ମୋ ଗୁଡ଼ିଟିକୁ ଉଡ଼େଇ ଦେ,
ମୋ ଛବି ବହି ପଢ଼େଇ ଦେ ।

ଜାମା ନେ, ଜୋତା ନେ
ଜରୀ ପାଟଛତା ନେ,
ମୋ ବରକୋଳି ଝଡ଼େଇ ଦେ,
ମୋ ଖେଳଘର ଗଢ଼େଇ ଦେ ।

ଶାରୀ ନେ, ଶୁଆ ନେ,
ଧଳା ଭାଲୁଛୁଆ ନେ,
ମୋ ଚକଟିକୁ ବୁଲେଇ ଦେ,
ମୋ ବେଲୁନ୍‌କୁ ଫୁଲେଇ ଦେ ।

ଖିରି ପୁରି ଖଜା ନେ,
ବଡ଼ ମାଛ ଭଜା ନେ,
ମୋ ଦୋଳଟିକୁ ହଲେଇ ଦେ,
ମୋ ସାଇକେଲ ଚଳେଇ ଦେ ।

ହୀରା ନୀଳା ମୋତି ନେ
ମୋ କଣ୍ଢେଇକି ସଜେଇ ଦେ,
ଘୋଡ଼ା ନେ, ହାତୀ ନେ,
ମୋ ପେଁଏକାଳି ବଜେଇ ଦେ ।

('ଝୁମୁକା')

*

## ଆସନ୍ତା ମାସର ପହିଲା

ଆସନ୍ତା ମାସର ପହିଲା
ସେଦିନ ବାପୁନ ଜନମଦିନ
ରେଡିଓ ଖବର କହିଲା ।

ଆସିବ ସେଦିନ ସରଗପରୀ
ନୂଆ ଜାମାପଟା ସାଥିରେ ଧରି
ପକ୍ଷୀରାଜ ଘୋଡା ବାପିକି ଦେବ
ନନ୍ଦନ କାନନ ବୁଲାଇ ନେବ
ରେଡିଓ ଏକଥା କହିଲା,
ମନେ ରଖ ବାପି ଜନମଦିନ
ଆସନ୍ତା ମାସର ପହିଲା ।

( 'ମନପବନ' —ନଭେମ୍ବର ୧୯୮୧ )

*

## ଚୁଟିଆ ମୂଷାର ଗୃଡର

ଚୁଟିଆ ମୂଷାର ଗୃଡର
ନଖରେ ଲଗାଇ ଅତର

ଚୁଟେଇ ମୂଷିକୁ ପାଖରେ ବସାଇ
ଚଳାଉଥିଲା ସେ ମଟର ।

ବାଟରେ ଯେତେକ ବଳେଇ କୁକୁର
ପଳାଇଲେ ଛୁନ୍‌ଛ ଡର ।

*

ଅନନ୍ତ ପଟ୍ଟନାୟକ ( ୧୯୧୦—     )

## ହୋଓରେ ବାଇଆ ହୋ

ଖଜା ପାରୁଁ ମୁଆଁ ପାରୁଁ
କାହିଁ ଖଜା ମୁଆଁ ରେ,
ମଜା ଖାଲି ପାପୁଲିରେ
ଖୁଲୁଖୁଲୁ ଛୁଆଁ ରେ ।

ଯା' ଘୂରିଯା ପତର ଚକ,
ଯା' ଗଡ଼ିଯା ବଲ୍,
ଆ' ଝିଡ଼ିଆ ଗଙ୍ଗଶିଉଳୀ
ବସାରୁ ଚଢ଼େଇ ଚଲ୍ ।

ଇସ୍କୁଲ୍ ହତା ମାଡ଼ୁ ନ ମାଡ଼ୁ,
କଏ ସେ ଘରକୁ ଛୁ ।
ସିଏ କି ଜାଣିନ ପାଠ ପଢ଼ିଥିଲେ
ନ ଥାଏ ମନରେ କୁଁ ।

ବାଡ଼ରେ ବାଡ଼ରେ ପିଚାଡରଡ଼ା
ବାଲିଗରଡ଼ା ରେ ବାଲିଗରଡ଼ା,
ପାଣିରେ କି ତୋର ନଡ଼ ଝଗଡ଼ା
ଆ' ଗଡ଼ିଆ, ତୋ ଲାଗି ରହିବ
ବଗଡ଼ା ଖେତକୁ ଶାଗ ଖରଡ଼ା ।

ହୋଓ ରେ ବାଇଆ ହୋଓ,
ଜହ୍ନ ଏଇ ପଡ଼ିଲା ଝରି
ମନର ମହଲ ଧୋଓ,
ହୋଓ ରେ ବାଇଆ ହୋଓ

ଘାସ-ପଡ଼ିଆରେ କାକର-ଟୋପା
ଖେଳରେ ଖେଳରେ ଘୋଓ ।

କଣ୍ଟା-ଗଛେ ବାସନା ଫୁଲ
ଝଟକେ ହୀର କୋଇଲି କୋଳେ,
ଘଣ୍ଟା କରେ ସମୟୁ-ମୂଲ
ଛଟକା ମୀନ ଢେଉରେ ଦୋଳେ ।

ଦେଏ ରେ ବାଘ ଦେଏ ରେ ବଳ
ତୋହର ପରି ଗୁଡ଼ିବ ରଡ଼ି,
ହଟାଇ ଦେଇ ଭଗାରିଦଳ
ଦେବ ମୋ ଦେଶ-ସୀମାରୁ ତଡ଼ି ।

('ଶିଶୁଲେଖା')

ନିତ୍ୟାନନ୍ଦ ମହାପାତ୍ର (୧୯୧୨— )

## ନାନାବାଇ

ନାନାବାଇ ନାନାବାଇ, ଫୁଲ ଖାଇଗଲା ଗାଈ
ଫୁଲ ନାଲି ଟହଟହ, ବାସୁଥାଇ ମହମହ
ବଡ଼ ଧୀର, ହୁଅ ଥିର ।
ନାନାବାଇ ନାନାବାଇ, ମାଆ ଗଲା ଆଣି ଗାଈ
ଖିଆ ତୋର ହଉନ, ବନା ସର ଲହୁଣୀ
ନେବୁ ଦୁହିଁ, କାଲି ଭୁହି ।

ନାନାବାଇ ନାନାବାଇ, ବାପ ତୋର ମାହନ୍ତ
ଧରୁଥିଲେ ଖଣ୍ଡା, ରଣେ ଥିଲେ ଗାଉତ
ତାଙ୍କ ସରି ଯୋଦ୍ଧା ଦେଖବାକୁ ତୁ ଚାହୁଁ ତ
ଆଜି ଧୀରେ ଶୁଅ ରେ, ହେବୁ ସୁନାପୁଅ ରେ ।

ବାପଧନ ବାପଧନ ସୁକୁମାର ଫୁଲଟି
ଦୁନିଆରେ କିଏ ରେ ତୋହସମ ତୁଲଟି ?
ଅଜି ଭୁଲି ଶୁଅ ରେ ସ୍ନେହ କଉତୁକଲଟି
କାଲି ପୁଣି ଉଠିବୁ ଦୁଧସର ଲୁଟିବୁ ।

ବାଇଆ ରେ ବାଇଆ ରେ ବୁହାନାହିଁ ଲୁହ ରେ
କାଲି ପୁଣି ଉଠିବୁ ଆଜି ଧୀରେ ଶୁଅ ରେ
ସେଦିନଟି ଆସୁଛି ଡର ତୋର ନ ଥିବ—
ଶୋଇବାକୁ ଟିକିଏ ଚାହିଁ କାଳ ବିତିବ ।

ବାଇଆ ରେ ବାଇଆ ରେ ଆସୁଛି ରେ ସେ ବେଳ,
ନିଦ ତୋର ଭାଙ୍ଗିବ ବାଜି ରଣ ମାଦଳ;

ଗଜପତି ଦେବେ ରେ ଯେବେ ଦେଇଛି ଆଦେଶ
ଶୋଇବୁ ତୁ କେବେ ରେ ଚେଇଁଦେଇ ଏ ଦେଶ ।

* * *

ନାନାବାଇ ନାନାବାଇ ଶୁଅ ହୋଇ ତୁନି ରେ
କାଲି ପୁଣି ଉଠିବୁ ଉଠିବୁ ତୁ ପୁଣି ରେ ।
ଶୁଣିବାକୁ ନ ଦେବ ଏ ଦେଶର ଦୀନତା
ହତାଶର ଭାବନା ଅତି ବଡ଼ ହୀନତା ।

ମନେରଖ ଏତିକ ଯେବେ ତୁହି ଉଠିବୁ
ତୋ ଦେଶର ପାଇଁକି ବାଇଆ ତୁ ଛୁଟିବୁ ।

ବଇରି ତୋ ବହୁତ ନ କାନ୍ଦରେ ତୁହାଇ
ତାଙ୍କ ଦେହ ରକତ ଦେବୁ ଯେବେ ବୁହାଇ ।
ନାନାବାଇ ନାନାବାଇ ।

('ଜହ୍ନମାମୁଁ', ଫାଲ୍‌ଗୁନ, ୧୩୪୨)

★

କୁଞ୍ଜବିହାରୀ ଦାଶ (୧୯୧୪—      )

## ଉଦୁଉଦୁମା

ଉଦୁଉଦୁମା, ଧୂସରଧୁମା
ବଉଦ ଖୁଡ଼ୀ, କୁହୁଡ଼ି ବୁଢ଼ୀ
ଧାଇଁଛୁ କାହିଁ, ଭୂତର ଭାଇ
କଣ୍ଢାର ଚଟି, ଚଇତନ ଚୂଟି
ଖୋଟର ଦାଢ଼ି, ଓଠର ଗାଢ଼ି
ମେଘର କେଶ, ଅଘୋର ବେଶ ।
ଝପର ଝାଇଁ ଡରନା ଭାଇ
ଘଟରଘୁମା ଉଦୁଉଦୁମା ।
ଉଦୁଉଦୁମା ଦେହଟା ଝୁମା
ବେଦରେ ଭାତ ପୂରେନା ପେଟ
ନଈଏ ଡାଲ ପତର ଖାଲ
ଦରିଆ ପାଣି ଶୋଷଇ ଟାଣି
ଦୁଇ ପହରେ ନଈ ପହଁରେ ।
ଗରଜେ ରାଭି ସାପର କାଭି
ମୁକୁଟ ଦେଇ ନାଚଇ ସେଇ
ବାଘର ଚର ଦୁହଁଇ କ୍ଷୀର
ଅନ୍ଧାର ଘୋଡ଼ା ଛୁଟାଏ ଥୋଡ଼ା
ବିଜୁଳି ଛୁଟ ଚକଚକ ବାଟ
ଡରନା ଜମା ଛାଳ ଗୋଟମା
ପିଉଳ ସମା ଝମ୍ ଝମ୍ ଝୁମା
ଉଦୁଉଦୁମା ।

(କୁଞ୍ଜବିହାରୀ ସଞ୍ଚୟନ, ୩ୟ ଭାଗ)

★

## କଳାକାହ୍ନୁ ମୋର ପଢ଼ିବ ଶୋଇ

କଳାକାହ୍ନୁ ମୋର        ପଢ଼ିବ ଶୋଇ ରେ
    ଶୋଇପଢ଼ିବ ମୋ କାଇଁଚମାଳୀ,
ବାଆ ସରସର        ମଥାନ ଝେତରୁ
    ବାଇଆ କହୁଚି ଆସିବ ବୋଲି ରେ
        ଆସିବ ବୋ'ଲି ।

ଚଢ଼େଇ ଛୁଆଟି        ଦରଦର କଥା
    କହେ ଘୁମାଇ ରେ କହେ ଘୁମାଇ,
ଲତାମାଆ ତାର        କୁନି କଡ଼ି ଟିକି
    ଦିଏ ଶୁଆଇ ରେ ଦିଏ ଶୁଆଇ ।

ଆଲୁଅ ପାଖରେ        ନା'ଚଇ ଗୁଈ ରେ
    କୋକମିନା ପରି ହୋଇ ବାଇଆ,
ମୋ ଗୁନ ଆଖିରେ        ଟିପ ଗୁଳଦେବେ
    ସରଗ ଦେବତା        ବଡ଼ବଡ଼ଆ ରେ
        ବଡ଼ବଡ଼ଆ ।

ବାଙ୍କେ ବାଙ୍କେ ନଈ        କ ଗୀତ ଗାଏ ରେ
    ଲହରିକ କାଟି ଗୁଲଇ ନାଆ,
ନାଉରୀ ପିଲଟି        ସୁନାରାଇକର ସପନେ ହସଇ
    ବହିଆସେ ସୁଲୁସୁଲିଆ ବାଆ ରେ
        ଫୁଲିଆ ବାଆ ।

ଦରିଆ ପାଣିରେ        ଗୋଲାପୀ ପରୀ ରେ
    ଭୁଣ୍ଡେ କ ମନ୍ତର ହାତେ କୁଆଁରୀ,
କୁନିପିଲ ସୁନା        ଆଖିପତାରେ ସେ
    ନିଦର ବଟିକା ଦିଅନ୍ତୁ ଘୋର ରେ
        ଦିଅନ୍ତୁ ଘୋର ।

ଗେଲା ନୁରଆ ବୁଢ଼ୀ ମାଆ କୋଳେ
ଝୁଲୁ ଝୁଲୁ ଖେଳ ଭୁଲଗଲାଣି ରେ
ଝୁଲଣ ହାଣ୍ଡି,

ଟିପାଟିପି କଥା କହୁଁ କହୁଁ ମାଆ
ଆଖି ପତା ବେନି ହେଲେଣି ସାଥୀ ରେ
ହେଲେଣି ସାଥୀ ।

ଶୋଇପଡ଼ିଲାଣି ଗଛପତର ତହା
ନଣ୍ଡପୋଖରୀର କୁନି ଲହରୀରେ
ପବନ ଥରେ,

ଶୋଇପଡ଼ିବ ମୋ ଧନମାଳୀ କାହ୍ନୁ
'କାହ୍ନୁ କାହ୍ନୁ' ଶୁଆଇ ଦେଲାଣି ପଣା ରେ
ଧନ ମୋହର ।

(କୁଞ୍ଜବିହାରୀ ସଞ୍ଚୟନ, ୩ୟ ଭାଗ)

★

ଗୋପାଳଚନ୍ଦ୍ର ମିଶ୍ର (୧୯୨୫—      )

## ଗୋ-ଧନ

କାନ୍ଦ ନା କାନ୍ଦ ନା     ରଙ୍କ ରତନ
ଝୁଲଉଛି ଝୁଲ     କର ଯତନ ।
ଅଝଟ ନୋହି
ଗାଉଛି ଗୀତ ମୁଁ     ସୁନାପୁଅ ଯେ
ପଡ଼ରେ ଶୋଇ ।

ବାଇଚଢ଼େଇ ରେ     ବାଇଚଢ଼େଇ
ଯାଇଛନ୍ତି ବାପା     ଗାଈ ଅଢ଼େଇ
ପାକଲା ବେଳ
ଆଣିବେ ତୋ ଲାଗି     ଖାଇବୁ ରେ ଧନ
କରିବେ ଗେଲ ।

ନାହିଁ ଖରା ବର୍ଷା     ନାହିଁ ପବନ
ବୁଲୁଛନ୍ତି ଗୋରୁ     ପଛରେ ଧନ
ସାର ଗୋଧନ
ସମାନ ତା' ସଙ୍ଗେ     ନୁହେଁ ଆଉ ଯେତେ
ଅଛଇ ଧନ ।

ଜମି ଚଷେ ଚଷା     ବଳଦ ବଳେ
ଚହୁଁ ଧାନ ମୁଗ     ଗହମ ଫଳେ
ଗୋରସ ଜାଣ
ରଖିଛି ବଞ୍ଚାଇ     ତୋ ଭଳି କେତେ
ଛୁଆଙ୍କ ପ୍ରାଣ ।

ଦୁଧ ଦହି ଛେନା ସର ଲବଣୀ
କ୍ଷିର ପିଠା ଲଡ଼ୁ ରେ ଗୁଣମଣି
ଯେତେ ମିଠାଇ
ରଖିଥିବୁ ମନେ ସବୁଯାକ ସିନା
ଗୋରୁଙ୍କ ପାଇଁ ।

ବଡ଼ ହେଲେ ବାପ ରଖିଥା ମନେ
କରିବୁ ଗୋରୁଙ୍କ ସେବା ଯତନେ ,
ଜଗତ ହିତ
ସାଧନ କରିବୁ ଗୋଜାତି ମଙ୍ଗଳେ
ବଳାଇ ଚିତ୍ତ ।

( 'ଜହ୍ନମାମୁଁ' )

★

ରାମପ୍ରସାଦ ମହାନ୍ତ (୧୯୨୭—          )

## ମିଠୁ ଆମର

ମିଠୁ ଆମର ପାରବାର ରେ ପାରବାର
ଖେଳଣା ଚଉକି ସବୁ ଚୁନା କରି
ସାଜିଚ ରେ ନୂଆ କାରିଗର ।
ଘରେ ଯେତେ ଥିଲେ ଅସରପା
ଆଉ ଝିଟିପିଟି,
ଶୁଆଇଦେଲା ସେ ଗୋଟି ଗୋଟି କରି
ଚିଟିପିଟି ।

## ଗୋଟିକି ଗୋଟି

ଗୋଟିକି ଗୋଟି ମଥାରୁ ବାଳ
ପଡ଼ୁଚି ଖସି ,
ଯିଏ ଦେଖୁଚି ଚନ୍ଦା ବୋଲି
ଦେଉଚି ହସି ।
ଜନମ ବେଳେ ଗଣିଥିଲି ମୁଁ
ମୁଣ୍ଡରେ ଥିଲା ପଞ୍ଚାଅଶୀ ,
ଝଡ଼ିଲା କେତେ ରହିଲା କେତେ
ଯାଉଚି ଆଜି ଗଣିବି ବସି ।

## କାରିଗର

କାରିଗର ମୁଁ କାରିଗର
ସବୁ କାମରେ ପାରିବାର ,
ହୁଗୁଳା ମୁଣ୍ଡକୁ ସଜାଡ଼ିବା ମୋର କାରବାର ।
ଯେଉଁ ପିଲା କହୁ ବୁଝେ ନାହିଁ
ତାରେ ମାରଧର ଡିଆଁଡେଇଁ,

ସଜାଡ଼ ଦଏ ମୁଁ ସେଇ ପିଲାଟିକୁ
ମଥାର ପେଚଟା କସି ଦେଇ ।

## ପାକୋଇ ବୁଢ଼ୀ

ବୁଢ଼ୀଟିଏ ଥିଲା ପାକୋଇ ବୁଢ଼ୀ
ସବୁବେଳେ ଗଉ ଗଉ ,
ଦିନେ ବୁଢ଼ୀ ଲୁଗା ଶୁଖାଉ ଶୁଖାଉ
ନାକ ନେଇଗଲା କାଉ ।

## ଟିକି ଓ ନଖି

ଟିକି କହିଲା, "ନଖି ଲୋ,
ମୁଁ ଏମିତି କରିଦେବି ,
ମୁଁ ସେମିତି କରିଦେବି ।
ଏକା ଡିଆଁକେ ପୁରୀରୁ
ମୁଁ କଟକ ଯାଏ ଯିବି ।"

ନଖି କହିଲା, "ଟିକି ରେ,
କଥା କହନା ବଡ଼ ବଡ଼,
ବେଶୀ କହିବା ପଣ ଗୁଡ଼,
ଦେଖାଇଦେଲେ କାମରେ
ତୋତେ କହିବି ସିନା ବଡ଼ ।"

★

## ( ଜାପାନର ଲୋଲି ଗୀତ )

ଶୋଇପଡ଼ ଧନ      ପଡ଼ରେ ଶୋଇ
ଧାଇଁ ତ ଗଲାଣି ଗୃଳ,
ପାହାଡ଼ ଶିଖରେ      ଘର ତାହାର
ଆସିବ ସକାଳେ କାଲି ।

ତୋ ପାଇଁ ଆଣିବ      ଗାଆଁରୁ ତାର
ତାଉଁ ତାଉଁ ଏକ ଢୋଲ,
ବାଉଁଶର ଏକ      ବଇଁଶୀ, କେହି
ନ ହେବ ତା' ସମତୁଲ ।

ଝୁଲୁଥିବ ଯେଉଁ      କଣ୍ଢେଇ ଗୋଟି
ସାଥିରେ ଖେଳିବ ତୋର,
କାଗଜ ତିଆରି      କୁକୁରଟିଏ
ବେକେ ଲାଗିଥିବ ଡୋର ।

('ମୋ ଦେଶ', ୧୯୬୮)

*

ନଷାପ୍ପା ବହାଗ୍ନି ମହାନ୍ତି (୧୯୩୧— )

## କୁନିକି ଶୋଇଦେ

କୁନିକି ଶୋଇଦେ ମା କକ ଭୁକିଲାଣି ।୦।

କକରମନ ରେ କକରମନ,
ଯା ଚାଲିଯା କକରମନ,
କୁନି ବାହାଦନ ଖାଇବୁ ପାନ,
ଅନ୍ଧାର ଘୁଡ଼ୁ ଘୁଡ଼ୁ ମାଡ଼ି ଆସିଲାଣି ।୧।

ପେଚା ରେ ପେଚା ମାଉଁସ ଚମେଣ୍ଟା,
ଲୁହା କରଚୁଲି ନିଆଁ ରେ କେଣ୍ଟା,
ତୋଠାମାନେ ସାଇଁ ସାଇଁ ନିଶା ଗର୍ଜିଲାଣି ।୨।

ଜୁଳୁଜୁଳିଆ ରେ ଜୁଳୁଜୁଳିଆ,
ଆଲୁଅ ଜାଳୁ ତୁ ଭଲଭଲିଆ,
ପାହାଡ଼ କାନ୍ଥିରେ ଏବେ ଚାନ୍ଦ ଉଠିଲାଣି ।୩।

(ଆକାଶବାଣୀ ସୌଜନ୍ୟରୁ)

★

## ଉଠ ସକାଳ ହେଲା

କଳାକାହ୍ନୁ ରେ ଉଠ ସକାଳ ହେଲା ।
କମଳ ଆଖି ତୋ ଖୋଲ ଆରେ ବାବୁ
ଶୁକ ପିକ ଡାକ ଦେଲେଣି ପରା ।

ଆରେ ନନ୍ଦଗୃହେ ନ କର ତୁ ମଠ
ଗୋପାଳ ବାଳକ ହେଲେଣି ଠୁଳ;
ଶିଙ୍ଗା ଶବଦରେ ଗୋପଦାଣ୍ଡ ପୂରେ
ଶେଯ ଛାଡ଼ ବେଗେ ମୋ ଗଳାମାଳ ।୧।

ଆରେ ବନମାଳୀ ମୋ ଜୀବଶଙ୍ଖାଳି
ସର ଲବଣୀ କି ନ ଦେବୁ ମୁଖେ,
ଅଳି ଲାଗି ତୋର ମନ କି ନ ବଳେ
ପଲଙ୍କେ ଲୋଟୁ ରେ ଦୁଃଖପାସୋରି ।୨।

ସୁଦାମ ସୁବଳ ତୋ ସଖା ସକଳ
ଧେନୁପଲ ସଙ୍ଗେ ହେଲେଣି ଉଭା,
ଶ୍ୟାମଳୀ ଧବଳୀ ଛାଡ଼ନ୍ତି ହମ୍ବାଳି
ଗୋଷ୍ଠବିହାରୀ ତୁ ନ କର ହେଳା ।୩।

( ଆକାଶବାଣୀ ସୌଜନ୍ୟରୁ)

★

ସ୍ନେହଲତା ମହାନ୍ତି (୧୯୩୨— )

## ବାଇଆ ମାଆ ଲୋ

ବାଇଆ ମାଆ ଲୋ ସରୁକାଟେଣୀ
ପୁଅକୁ ପିନ୍ଧାଉ ପାଟପତନୀ
ଝିଅକୁ ପିନ୍ଧାଉ ନେତ,
ବଡ଼ଦେଉଳରେ ଉଡ଼ୁଛି ବାନା ଲୋ
ମାପିଲେ ସେ ବାରହାତ ।

କଳସ ଉପରେ ଗୁଆ,
ରଜା ଖାଉଛନ୍ତି ସୁନାଥାଳରେ ଲୋ
ପୁଷମାସେ ଧନୁମୁଆଁ ।

ହରିଣ ଚରୁଛି ବଣେ,
ନୂଆ ବୋହୂଟିଏ କବାଟ କଣେ ଲୋ
ତା' ପାଖରେ ଝିଅ ପଣେ ।

ଗାଈ ଚରିଗଲେ ଘାସ,
ବଡ଼ ହୋଇଗଲେ ମୋ କୁନା କରିବ
ବାରବାଟୀ ବଳ ଗୃହ ।

ଜହ୍ନ ଗୃହପାଖେ ତରା,
ମୋ କୁନା ପାଖରେ ଶହେ ପାଇକ ଲୋ
ସଭିଏଁ ଆଲଟଧରା ।

ନଈ ଖାଏ ଦୁଇକୂଳ,
କୁନା ମୋର ଯେବେ ଚାଲଇ ବାଟ ଲୋ
ଭୂଇଁରେ ଫୁଟଇ ଫୁଲ ।

ଫୁଲର ଟାଖୁଡ଼ା ଗନ୍ଧେ,
ଓଠରୁ ଝରଇ ଗଜମୁକୁତା ଲୋ
କୁନା ଯେବେ କଥା କହେ ।

ଭେଦୁଏ ଫୁଟଇ କଥା,
କୁନାର ଆଖିରୁ ଝରଇ ଲୁହ ଲୋ
ମୋ ମନେ ଜଳଇ ନିଆଁ ।

କଳା ଦୂବ କେର କେର,
କୁନା ଯେବେ ଯିବ ବିଦେଶ କରି ଲୋ
ଘର ହେବ ହତଶିରୀ ।

ବାଡରେ ଗୋବର ଖାତ,
ଅଝଟିଆ ମୋର କୁନାକୁ ସେଠି ଲୋ
କିଏ ଖୋଇଦବ ଭାତ ?

ଧାନ କାଟିଦିଏ ଦାଆ,
ଯେଉଁଠାରେ ଥାଉ ଧନଟି ମୋର ଲୋ
ମଙ୍ଗଳା ତାହାକୁ ସାହା ।

*

ନାରାୟଣ ପ୍ରସାଦ ସିଂହ (୧୯୩୩—        )

## କଇଁଚ କାକୁଡ଼ି ନଳିତା ପିତା

କଇଁଚ କାକୁଡ଼ି ନଳିତା ପିତା
ବାବୁନ ହେବ ଜଗତ ଜିତା
କହିବେ ଲୋକେ କିଏ ତା' ମାତା ।

ବେଶି ପାଠ ପଢ଼ି ସେ ତ ବିଲାତରୁ ଫେରିବ
ଗୋପବନ୍ଧୁ ମଧୁସମ ତା' ଯଶ ବଢ଼ିବ
ଦେଶ ଦଶ ସେବା କରି ନାଁ ତାର ପଡ଼ିବ ।

ମାଆ ମନ ଆଶା ପୂରିବ ସେଦିନ
ଲୋଡ଼େନା ମୁଁ କିଛି ଧନ କି ରତନ
ଆଣିବ ଖୋଜି ଖୋଜି ବୋହୂ ସୁନାସୀତା ।

ରଜା ହୁଅ ମନ୍ତ୍ରୀ ହୁଅ ଦେଶେ ବଡ଼ ହୁଅ ରେ
ମାଆ ପାଖେ ହେଲେ ତୋର ପରିଚୟ ପୁଅ ରେ
ବୁକେ ଭରା ତୋର ଲାଗି ମମତାର ସୁଅ ରେ

ଗରବ ତୁ ମୋର ଗଉରବ ମୋର
ଦୁନିଆଁରେ ତୁହି ବଇଭବ ମୋର
ତୋ ମୁଖ ହସେ ଭରା ମୋ ସୁଖ ବାରତା ।

★

## ଟୁଉକୁ ମୂଷି

ଟୁଉକୁ ମୂଷି, ଟୁକେଇ ମୂଷି,
ଧାନଭରଣକ ଖାଉଥା ବସି,
ନୁଉକୁ ମୂଷି ରେ ଟୁକେଇ ମୂଷି ।

ବଡ଼ ଅଝଟ ଏ କୁନ ପୁଅଟି
ଓଳକେ ନ ଖାଏ ଭାତ ଦୋ'ଟି
କଥାରେ କଥାରେ ଯାଉଚି ରୁଷି ।

କଅଁଳା ବାଛୁରୀ ବଉଳା ଗାଈ
ମାମୁ ଆଣିଦେଲେ ତା'ର ପାଇଁ
କାଲର କ୍ଷୀର ତ ହେଲାଣି ବାସି ।

ରାଗିଗଲେ ଥରେ ଫୁଲାଏ ମୁହଁ
ହସିଲେ ଛୁଟିଲା ହସର ସୁଅ
କୁଭୁରୁ କାଳିଆ ଦେଲାଣି ହସି ।

କୁନା ମୁହେଁ ମିଶେ ଯା'ର ମୁହଁ
ସତେ ସେ କି ଆଜ ଆସିବ କୁହ
ବାପଟି ତାହାର ଦୂର ବଦେଶୀ ।

*

କ୍ଷୀରୋଦ ଚନ୍ଦ୍ର ଘୋଷାଲ (୧୯୩୭—)

## ବାଇଆ ରଜା

ବାଇଆ ରଜା ରେ ବାଇଆ ରଜା
କୁନାକୁ ଆମର ନିଦ ଦେଇ ଯା ।୦।

ଘର ଅଝଟିଆ ହେଉଛୁ କୁନା
ଯେତେ ବୁଝାଇଲେ ବୁଝୁନି ଜମା,
ଭୁନଭାନ ହୋଇ ନ ପଡ଼ିଲେ ଶୋଇ
ମୁଣିରେ ପୂରାଇ ଧରି ନେଇ ଯା । ୧ ।

କୁନା ତ ଆମର ହୋଇବ ରଜା
ପାଟହାତୀଟିଏ ପଡ଼ିବ ଖୋଜା,
ବାଇଦ ବାଜିବ କାହାଳି ବାଜିବ
ମୁଣ୍ଡେ ପାଟଛତି ଧରିବେ ଅଜା । ୨ ।

ମାମୁଘର ଯିବ ବୁଲିବାପାଇଁ
କେତେ ଭଲ ଖଜା ଖୋଇବେ ମାଇଁ,
ମାମୁ ତ କହିବେ—ବାହା-ବାହା-ବାହା !
ଠିକ ରଜାଟିଏ ମୋର ଭଣଜା । ୩ ।

( 'କ୍ଷୀରୋଦ ଚନ୍ଦ୍ର ସଙ୍ଗୀତାବଳୀ' )

*

## କଣ୍ଢେଇ ବାହାଘର

ଆ, ବଉଳ ମୋର,
ତୋ'ର ମୋ'ର କରିବା ଆଜ କଣ୍ଢେଇ ବାହାଘର ।୦।

ତୋ କଣ୍ଢେଇ, ମୋ କଣ୍ଢେଇ
ଛିଟ କନାରେ ଦେବା ସଜେଇ
ତୋ କଣ୍ଢେଇ କନିଆଁ ହେବ, ମୋ କଣ୍ଢେଇ ବର । ୧ ।

ମୋ ବରକୁ ତୋ କନିଆଁ
ବେଦୀ ଉପରେ କରିବା ବାହା
ଭାତ ତିଅଣ ରାନ୍ଧିବା ପାଇଁ କରିବା ଧୂଳିଘର । ୨ ।

ସାଙ୍ଗସାଥୀଙ୍କୁ ଡାକିଆଣିବା
ଭାତତିଅଣ ପରଶିଦବା
ଆଜିଠାରୁ ତୁ ହୋଇବୁ ନୂଆ ସମୁଦୁଣୀଟି ମୋର । ୩ ।

( 'କ୍ଷୀରୋଦଚନ୍ଦ୍ର ସଙ୍ଗୀତାବଳୀ' )

★

ବରଜୁ ମଲ୍ଲିକ (୧୯୩୯— )

## ଆ'ରେ ଜହ୍ନମାମୁଁ

(ସମ୍ବଲପୁରୀ ଗୀତ)

ଆ'ରେ ଜହ୍ନମାମୁଁ ଗୁଲଆ
ବାବୁ ଆମର୍ ସୁନାପିଲ ଖାଇଦେବା ଭାତଦୁଗ (୧)
ସୁନା ଥାଲିଆରେ ରୁପା ଥାଲିଆ ।ଘ।

ନନାଘରେଁ ଘିନଦେବେ ରୁପାର୍ ଥାଲି ଗିନା ରେ
ମାମୁଁଘରେଁ ଆନଦେବେ ସୁନାମାଲ ସୁନା ରେ ।
ପିନ୍ଧଦେବା ପେଁଣ୍ଟ କୁର୍ତ୍ତା ଲାଲ୍ ମୁଜା କଲା ଜୁତା
ଝଟେ ଝଟେ (୨) ନର୍ଦ୍ଦଯିବା ଦେଖିଆ ।୧।

ମାଇଁ ଦେବେ ଦ୍ରୁରୁମ୍ ଲଡ଼ୁ ଖଜାପିଠା ପନା ରେ
ବାବୁ ଆମର ଖାଇଦେବା କେଡ଼େ ଛଟାପନାରେ (୩)
ସୁରୁମାମୁଁ (୪) ବୁହିନେବା ଖନ୍ଦ୍‌ଗୁଗ୍ କରଥିବା
ଦେଖଉଥିବା ଖୁଲିଁ ଛୁଆ ଚଁଡ଼ିଆ ।୨।

ଅଜା ଆଈ ଭୁର୍ଭୌଥିବେ ଦେଖେଇ ଘୁଡ଼ାହାଣ୍ଡି ରେ
କକା କାକୀ ବୁଝଉଥିବେ ଇଠା ସେଠା ଫାଁକ ରେ ।
ପିଲଭଲିଁ (୫) ଖେଲୁଥିବା ଦୁଲପଠା ଦୁଲୁଥିବା
ମାଆଁ ବୁଅର୍ ଗେଲ୍‌ହା ପୁଓ କାଲଆ ।୩।

[ (୧) ଭାତଗଣ୍ଡାଏ, (୨) ଶୀଘ୍ର ଶୀଘ୍ର, (୩) ଚଞ୍ଚଳ, (୪) ସାନମାମୁଁ, (୫) ପିଲ୍ଦଳ ]

('ସେନ୍ଦୁର୍ ଫରୁଆ')

★

ନିରଞ୍ଜନ ବେହେରା (୧୯୩୯—          )

## ନିଦମାଉସୀ

ନିଦମାଉସୀ ରେ ନିଦମାଉସୀ,
ନିଦ ଦେଇଯାଅ ମୁନାକୁ ଆସି ।
ମୁନା ଯାଇଥିଲା ଯାତରା ଦେଖି,
ବୁଲି ବୁଲି ପାଦ ପଡ଼ିଛି ଥକି ।
ଆଣିଛି କଣ୍ଢେଇ ଯୋଡ଼ିକ ଯୋଡ଼ି,
କେତେ ଉଡ଼ାକଳ ମଟରଗାଡ଼ି
ମାମୁଘର ଯିବ ତହିଁରେ ବସି
ନିଦମାଉସୀ ରେ ନିଦମାଉସୀ ।

ମୁନା ମାମୁଘର ବହୁତ ଦୂରେ,
ନେଇଆ ଆକାଶ ଗାଆଁ ଭିତରେ ।
ଆକାଶ-ଗାଆଁରେ ତାରକା ଫୁଲ,
ଦାଣ୍ଡମାଟି ତହିଁ ବଉଦମାଳ ;
ବଉଦମାଳରେ ବିଜୁଳି-ନାମ୍ନୀ
ମୁନାକୁ ନ ଦେଖି କାନ୍ଦେ ବାହୁନି ।
ବାହୁନି କାନ୍ଦଇ ବିଜୁଳି ଅପା,
ଲୁହ ଝରିପଡ଼େ କାକର ଟୋପା ।
ମୁନାକୁ ଦେଖିଲେ ହୋଇବ ଖୁସି
ନିଦମାଉସୀ ରେ ନିଦମାଉସୀ ।

ବକୁଳ-ନାମାକୁ ଆଣିବା ପାଇଁ
ଆମ ମୁନା ଯିବ ସକାଳେ ଧାଇଁ ।
ମାମୁ ଘର ଗାଆଁ କେଡ଼େ ସୁନ୍ଦର !
ବିଲ, ନଈ, ନାଳ, ତୋଟା, ମନ୍ଦର,
କେତେ ଜାତି ଜାତି ପାଚିଲା କୋଳି
ଆମ ମୁନା ଯାଇ ଖାଇବ ତୋଳି ।
ଖାଇସାରି ମୁନା ପଡ଼ିବ ଶୋଇ
ସୁନାପୁଅ ପରି ଥିଇବ ହୋଇ ।
କାହାଣୀ କହିବୁ ତା' ପାଖେ ବସି
ନଦମାଉସୀ ରେ ନଦମାଉସୀ ।

('ଶିଶୁଲେଖା'—୧୯୮୦)

★

ଶ୍ରୀପତି ପାଣିଗ୍ରାହୀ (୧୯୪୦—      )

# ଲୋରୀ

( ସମ୍ବଲପୁରୀ ଗୀତ )

ନାଇଁ କାନ୍ଦ୍ ରେ ନାଇଁ କାନ୍ଦ୍ ।
କହେବୁ ଯଦି ଗଢ଼େଇ ଆନ ଦେମି ସୁନା ଗୁନ୍ଦ୍ ।ଘ।

କେତେ ଦରବ ରଖିଅଛେଁ ଖୁଆମି ବଲି ତତେ
ଯାହା ଦେଲେଁ ଥୁ ଥୁ କରି ଫଙ୍କି ଦେସୁ ହାତେ ।
ଭୁଇଁ ପରେ ମୋର ଆଁଖିର ତରା···
                                        ସରଗର ଗୁନ୍ଦ୍ । ୧ ।

ଅଉଟା-ଗୁରସ୍ ଚକ୍‌ନା ଦନ୍ତା ହାତେଁ ଧର କର
ଖୁଆମୁ ବଲି ଜମା ହେଲେନ ଗୁପର ଗୁଆଲି ।
ଖାଏନା ବେଲେଁ ସବୁଦିନେ···
                                        କର୍‌ସୁ ଏନ୍ତା ଫାନ୍ଦ୍ । ୨ ।

ତୋର ଆଏଁଖ୍ଥୁ ଲୁହ ବୁହିଲେଁ ଫାଟିଯାଏସି ଗୁଣ୍ଡ
ନାଇଁ ଖାଇ ପିଇ ଶୁଖିଗଲୁନ ମୋର କାଲିଆ ହାଣ୍ଡି ।
ତତେ ସବୁଦିନେ କେତେ ··
                                        କରୁଥିମି ବାନ୍ଧ୍ ଗୁନ୍ଦ୍ । ୩ ।

ତତେ ପାଇ ପରଭାଣ୍ଡି ଗାଇ ସରିଗଲା ମୋର୍ ଦିନ୍
ସବୁବେଲେଁ ଧକଡ଼୍ ଧକଡ଼୍ ମୋର ଦୁଖ ଟିକେ ଚହନ୍ ।
ନାଇଁ ଖାଏଲେଁ ନାଇଁଖାଁ ପଛେଁ···
                                        ଆରୁ ନାଇଁ କାନ୍ଦ୍ । ୪ ।

( 'ସରଗ୍ ମଲ୍ଲୀ' )

*

ପ୍ରସନ୍ନ କୁମାର ମିଶ୍ର (୧୯୪୧—)

## ଛୁଇଁ ଛୁଇଁ ଯା

( ୧ )

ଝୋଁ ଝୋଁ ରାଣୀ କ
ଠାକୁର ଗଲେ ପାଣିକ ।
ଫୁଲ ଗୋଟିଏ ନେଇ ଯା'
ମୁକୁଟ ଖଣ୍ଡେ ଦେଇ ଯା ।

( ୨ )

ସରଗର ଜହ୍ନ ରେ
ବାଟେ ବାଟେ ଯା
ସରଗର ମେଘ ରେ
ଭାସି ଭାସି ଯା ।
ସରଗର ତରା ରେ
ଲୁଚ ଲୁଚ ଯା
ସରଗର ଜହ୍ନ ରେ
ଚୁପି ଚୁପି ଆ···
ସରଗର ଫୁଲକୁ
ଛୁଇଁ ଛୁଇଁ ଯା···

( 'ଶିଶୁଲେଖା'—୧୯୬୮)

*

( ୧୬୨ )

## ଉଠ୍ ଉଠ୍ ଉଠ୍

ଗଛ କହିଲା ପତ୍ର ରେ
ତୁ ଝଡ୍ ଝଡ୍ ଝଡ୍
ନଈ କହିଲା ମେଘ ରେ
ତୁ ପଡ୍ ପଡ୍ ପଡ୍ ।

ପବନ କହିଲା ଧୂଳି ରେ
ତୁ ଉଡ୍ ଉଡ୍ ଉଡ୍
ତାରା କହିଲା ଜହ୍ନ ରେ
ତୁ ବୁଡ୍ ବୁଡ୍ ବୁଡ୍ ।

ସକାଳ କହିଲା ଫୁଲ ରେ
ତୁ ଫୁଟ୍ ଫୁଟ୍ ଫୁଟ୍
କାଉ କହିଲା ବାବୁ ରେ
ତୁ ଉଠ୍ ଉଠ୍ ଉଠ୍ ।

('ଶିଶୁଲେଖା'—୧୯୭୯)

*

ଗଣେଶ୍ୱର ମିଶ୍ର (୧୯୪୨—)

(ଇଂରାଜୀରୁ ଅନୁବାଦ)

## ଟିକି ରବିନ୍

ଟିକି ଚଢ଼େଇ 'ରବିନ୍'
କୁଆଡ଼େ ଗଲ ଉଡ଼ି ?
କୁଆଡ଼େ ଆଉ ଯିବ ସେ
ଡେର ଗଛକୁ ଛାଡ଼ି ?

## ଟିକି ଝିଅ ମଫ୍‌ଫେଟ୍

ଟିକି ଝିଅ ମଫ୍‌ଫେଟ୍
ବସି ଗଦି ଉପରେ
ଖାଉଥିଲା ବସାଦହି
କେଡ଼େ ମନସୁଖରେ !
କାହୁଁ ଆସି ବୁଢ଼ିଆଣୀ
ପାଖରେ ତା ବସିଲା,
ଡରିଗଲା ମଫ୍‌ଫେଟ୍
ଦହି ଫିଙ୍ଗି ଖସିଲା ।

('ଶିଶୁଲେଖା', ୫ମ ବର୍ଷ, ୫ମ ସଂଖ୍ୟା)

★

ଗୋପା ଦାସ (୧୯୪୯—        )

## ଧୋ' ରେ ବାଇଆ ଧୋ

ଅସରା ଅସରା ମେଘ ଝରୁଚ ଲୋ,
ଟପ୍ ଟପ୍ ପଡ଼େ ପାଣି,
କଣ୍ଠା ବାଇଁଶିଆ ବାଉଁଶ କଏ ସେ
ବୁଦାରୁ ନଉଛି ହାଣି ।
ପିମ୍ପୁଡ଼ି ଲଗିଛି ସର ସରକା ଲୋ
ଗୁଡ଼-ବଣା ଘରେ କଲା,
ବାବୁନା କାନ୍ଦୁଛି ଉହାଳ ବକାଳ
ବାଆ ଆସୁନାହିଁ ପରା ।
ଧୋଓ ରେ ବାଇଆ, ଧୋ—

ଗଡ଼ ଗଡ଼ ହୋଇ ଖଟୁଲି ଗଡ଼ୁଛି
କଳାକାହ୍ନୁ ଗଲେ କାହିଁ !
କଇଁ କଇଁ କାନ୍ଦ ବାବୁନା ପଟ୍ଟରେ
ଭାଇ ଗଲା କାହିଁପାଇଁ ?
ଭଇ ଖାଉଅଛି ଶିରାକୁ ଶିରା ଲୋ
ଚୁନ ଚୁନ ମାଟି ଝରେ,
ଧନ ଯେତେବେଳେ ଗୃହଶାଳୀ ଯିବ
ବନ୍ଧି ନେବ ବସ୍ତାନରେ ।
ଧୋଓ ରେ ବାଇଆ, ଧୋ—

ରଙ୍ଗ ଜାମୁଡାଳ ତୋଳନେଲା କଏ ?
ଚିଙ୍କିରୁ ଗୁଡ଼ୁନ ଚଷୁ,
ବାବୁନାଟା ମୋର ଦୁଃଖପାସୋରା ଲୋ,
ସୁବର୍ଣ୍ଣ ଦୋଳରେ ବସୁ ।

ସୂରୁଯ ଦେବତା ମାଆ କୋଳେ ଗଲେ
ସଞ୍ଜ ଶେଷେ ହେଲା ରାତି,
ମୋର ଦୁଃଖୀଧନ କରୁଛୁ ମନ ଲୋ
ହେବ ବୋଲି ଝୁଲୁହାତି ।
ଧୋଓ ରେ ବାଇଆ, ଧୋ—

କକ ବାଇଆଟି ଆସିବ ଏଇନେ
ଶୋଇପଡ଼ ମୋର ଧନ,
ଦୁଦୁଭାତ ଖାଇ ପେଟ ପୂରିଚ ଲୋ
ଆଉ କାହିଁପାଇଁ ମନ ?

ରାତି ପରା କେତେ ହେଲାଣି ଧନ ରେ
ବେଙ୍ଗ କରେ କେଏଁ କଟ,
ବା' ଯାଇଛନ୍ତି ହାଟକୁ ଧନ ଲୋ
କେତେ ଗୃହିଁଥିବୁ ବାଟ !
ଧୋଓ ରେ ବାଇଆ, ଧୋ—

ବା' ଆସୁଅଛୁ ବଜାର ହାଟରୁ
ତୋ ପାଇଁ ଆଣିଛୁ ଘୋଡ଼ା,
ସକାଳୁ ଉଠିଲେ ଖେଳିବୁ ଧନ ରେ
ଆଉ କି ରତନ ଲୋଡ଼ା !

ନଦ-ମାଉସୀ ଯେ ଆସିଲାଣି ଲୁଚ
ବାବୁନା ପଡ଼ିଲା ଶୋଇ,
ଯା' ଯା' ଦୂରେ ପଳେଇ ଯାଆ ଲୋ,
ବାବୁନା ଉଠିବ ନାହିଁ ।
ଧୋଓ ରେ ବାଇଆ, ଧୋ—

('ଶିଶୁଲେଖା')

✶

ରାଜକିଶୋର ରାୟ (୧୯୫୪— )

## ମୋ ଧନ ପଢ଼ିବ ଶୋଇ

ଦୂର ପରବତ ନଈ ସେପାର—
ଘଞ୍ଚ ଆମ୍ବତୋଟା ମୁଣ୍ଡିଆ ତଳ ।
ମୁଣ୍ଡିଆ ତଳରେ ସୋରିଷ କ୍ଷେତ,
ସୋରିଷ କ୍ଷେତରେ ସୁନାର ହାଟ ।
କ୍ଷେତ ଚଉକତି ଉଠିଛି ଘାସ,
ମାଣେ ଗୁଣ୍ଡିଲରେ ମୁଠାଏ ଧୂସ !

ସାନପୁଅଟିକୁ କୋଳରେ ବସାଇ
 ଗୀତ ଗାଉଛି ଏ କାହାର ମାଆ ?
ଗୋବରଧନକୁ ଶୁଆଇବ ବୋଲି
 ବାଇଆକୁ ଡାକେ 'ଆ—ଆ' ।

ଗୋବରଧନ ସେ ଗୋବରଧନ,
ମାଆ କଥାରେ କି ମାନେ ତା' ମନ ?
ମାଆକୁ ପଚାରେ, "ସେଇଠୁ କଅଣ ହେଲା ଲୋ ବୋଉ ?
ଗପ ନ ଶୁଣିଲେ ଶୋଇବା ମୋଅର ଏତିକି ଥାଉ ।"
ଦେହରେ ତାହାର ବୁଲାଇ ହାତ
ମାଆ ଥିର ଥିର ଗାଇଲା ଗୀତ—

ମୁଣ୍ଡିଆ ତଳରେ ସୋରିଷ କ୍ଷେତ
 ସୋରିଷ ଗଛରେ ସୁନେଲି ଫୁଲ,
କୋଶକ ବାଟରୁ ହରଇ ଚିତ୍ତ
 କିଏ କଳିପାରେ ଫୁଲର ମୂଲ ?
କ୍ଷେତ ମଝିଁଟାରେ ନଡ଼ିଆ ଗଛ
 ଗୁଣ୍ଡୁଚି ମାଉସୀ କରୁଛି ନାଚ ।

( ୧୬୭ )

ବାହୁଙ୍ଗାଗୁଡ଼ାକ ପଡ଼ୁଛି ଝୁଲି,
ବାଇଆ ଚଢ଼େଇ ଖେଳୁଛି ଦୋଳି ।
ବାଇ ଚଢ଼େଇର ଘର ବଢ଼େଇ,
ଠିକଏ ହେଲେ ତା' ଦବକ ନାହିଁ !

ନାଡ଼ିଆ ଗଛଟା ପଡ଼ିଚି ନଇଁ,
ତୁଆରେ ପଡ଼ିଚି ତାହାର ଛାଇ ।
ତୁଆ ଗୋଟାକରେ ଗୋଳିଆ ପାଣି,
ଆଞ୍ଜୁଳାରେ ମାଛ ଆଣିବ ଗୁଣି ।

ନେଳିଆ ମାଛର ନାଳିଆ ଆଖି !
ଠିକ ଚଢ଼େଇର ଧୋବଲା ପକ୍ଷୀ ।
କାଳିଆ ମଇଁଷି ପାଣିରେ ବୁଡ଼େ,
ନାଲି-ମୁହାଁ ହନୁ ଗଛରେ ଚଢ଼େ ।

ରୁପା ରଙ୍ଗ ଜହ୍ନ ଆକାଶେ ଉଠେ,
ନେଳି କଇଁ ଫୁଟେ ପୋଖରୀ ତୁଠେ ।
ଭୁଲା-ଭଣା ମେଘ ଯାଉଛି ଉଡ଼ି,
ମୋ ଧନ ଉଡ଼ାଏ ସବୁଜ ଗୁଡ଼ି ।

ସବୁଜ ଗୁଡ଼ି ରେ ସବୁଜ ଗୁଡ଼ି,
କାହିଁ କେତେ ଦୂର ଯାଉ ତୁ ଉଡ଼ି !
ତତେ ଧରିବାକୁ ଅଝଟ ନୋହି
ମୋ ଧନ ଏଥର ପଡ଼ିବ ଶୋଇ ।

( 'ଶିଶୁଲେଖା'—୧୯୭୯ )

★

[ ଅଜ୍ଞାତ ]

## ଚକା ଚକା ଭଉଁରୀ

ଚକା ଚକା ଭଉଁଣୀ
ନାଚ ଖେଳେ ଗଉଣୀ
ଝିଙ୍କ ଚାରୁ ନାଲି ଓଠେ
ଖେଳେ ହସ ଲହଣୀ ।

ଗୀତ ଗାଇ ହରଷେ
କେଡ଼େ ମନ ସରସେ
ଦେଖିନାହିଁ କେହି ତାରେ
ବସିବାର ଅଳସେ ।

ଖେଳବେଳେ ଖେଳଇ
ଶୁଆବେଳେ ଶୁଅଇ
ଖିଆବେଳେ ଖାଇଦିଏ
ଅଝଟିଆ ନ ହୋଇ ।

କେଡ଼େ ସଫା ଦିହଟି
ଧୂଳି ମଳି ନାହିଁଟି
ମାଆ କହେ ଗେଲ କରି
ଗଉଣୀ ମୋ ସୁନାଟି ।

★